ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

PARYABEKHYAK पर्यवेक्षक

Vol.26 . No.64 Bhubaneswar Saturday April 13 2024 | ୨୬ତମ ବର୍ଷ ସଂଖ୍ୟା–୬୪ ଭୁବନେଶ୍ୱର, ଶନିବାର, ଅପ୍ରେଲ ୧୩, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS


## ନବୀନ ନିବାସରେ ଅଭିନେତା ଓ ଅଭିନେତ୍ରୀଙ୍କ ମେଳି; କୁଆଡ ଗଲେ ବରିଷ୍ଠ ?



ଭୁବନେଶ୍ୱର,୧୨।୪(ପି.ଏନ): ନବୀନ ନିବାସରେ ଓଡିଆ ଫିଲ୍ମ ଅଭିନେତା ଓ ଅଭିନେତ୍ରୀଙ୍କ ମେଳି। ହେଲେ ଦେଖିବାକୁ ମିଳିନଥିଲା ଓଡିଆ ଚଳଚ୍ଚିତ୍ରର ବରିଷ୍ଠ ଅଭିନେତା, ଅଭିନେତ୍ରୀ ଓ ସୁପରଷ୍ଟାରଙ୍କୁ। ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ ହଠାତ୍ କ'ଣ ପାଇଁ ଅଭିନେତା ଓ ଅଭିନେତ୍ରୀଙ୍କୁ ଡାକିଲା ନବୀନ ନିବାସ ଏହାକୁ ନେଇ ନାନା ଚର୍ଚ୍ଚା ହେଉଛି। ନିର୍ବାଚନ ପ୍ରଚାରରେ ବିଜେଡି ଏମାନଙ୍କୁ ନିୟୋଜିତ କରିବା ପାଇଁ ଯୋଜନା କରୁଥିବା ଆଲୋଚନା ହେଉଛି। ସାଧାରଣତଃ ନିର୍ବାଚନ ଋତୁରେ ନବୀନ ନିବାସରେ ନେତାଙ୍କ ଭିଡି ଲାଗିଥାଏ। ହେଲେ ଆଜି ମଧ୍ୟାହ୍ନରେ ହଠାତ୍ ବଦଳି ଯାଇଥିଲା ନବୀନ ନିବାସ ସମ୍ମୁଖ ଚିତ୍ର। ନେତା କର୍ମୀଙ୍କ ବଦଳରେ ଓଡିଶା ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରୀର ଅତି ଲୋକପ୍ରିୟ ଅଭିନେତା, ଅଭିନେତ୍ରୀ ଓ କଣ୍ଠଶିଳ୍ପୀଙ୍କୁ ଦେଖିବାକୁ ମିଳିଥିଲା। ସମସ୍ତେ କଡା ସୁରକ୍ଷା ବ୍ୟବସ୍ଥା ଭିତରେ ନବୀନ ନିବାସ ଭିତରକୁ ଯାଇଥିଲେ। ନବୀନ ନିବାସ ଭିତରକୁ ଯାଇଥିବା କଳାକାରଙ୍କ ମଧ୍ୟରେ ଥିଲେ ପପୁ ପମ୍‌ପମ୍, ବାବୁଶାନ୍, ଅମ୍ଲାନ୍ ଦାସ, ଶୈଳେନ୍ଦ୍ର, ଅଶ୍ୱିନୀ ତ୍ରିପାଠୀ, ପ୍ରଜ୍ଞା, ଭୂମିକା, ସୁପ୍ରିୟା, ପ୍ରେରଣା, ତାରିକ ଅଜିଜ ପ୍ରମୁଖ ରହିଛନ୍ତି। ସମସ୍ତେ ଦୀର୍ଘ ସମୟ ଧରି ନବୀନ ନିବାସରେ ହୋଇଥିବା ବୈଠକରେ ଯୋଗ ଦେଇଥିଲେ। କୁହାଯାଉଛି, ଅଭିନେତା ଓ ଅଭିନେତ୍ରୀଙ୍କ ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଜେଡି ନେତା ଭି.କେ ପାଣ୍ଡିଆନ ଆଲୋଚନା କରିଥିଲେ।

## ଶ୍ରୀମନ୍ଦିରରେ ଅଣହିନ୍ଦୁ ପ୍ରବେଶ ରୋକିବାକୁ ପଦେକ୍ଷପ, ସିଂହଦ୍ୱାରରେ ରହିବେ ପ୍ରତିହାରୀ ସେବକ




ଭୁବନେଶ୍ୱର,୧୨।୪(ପି.ଏନ): ବିଭିନ୍ନ ସମୟରେ ଅଣହିନ୍ଦୁମାନେ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରୁଥିବା ଦେଖାଯାଉଛି। ନିକଟ ଅତୀତରେ ମଧ୍ୟ ଏଭଳି ଖବର ଆସିଛି। ଅଣହିନ୍ଦୁ ପ୍ରବେଶକୁ ରୋକିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଏବେ ଏକ ପଦକ୍ଷେପ ନେଇଛି। ଶ୍ରୀମନ୍ଦିରର ସିଂହଦ୍ୱାରରେ ପ୍ରତିହାରୀ ସେବକମାନଙ୍କୁ ମୁତୟନ କରିବାକୁ ନିଷ୍ପତ୍ତି ନେଇଛି। ୧୪ ତାରିଖରେ ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ପଡୁଥିବା ବେଳେ ସେହିଦିନଠାରୁ ଏହି ବ୍ୟବସ୍ଥା ଆରମ୍ଭ କରାଯିବ। ପ୍ରଥମ ପର୍ଯ୍ୟାୟରେ ସକାଳେ ଦ୍ୱାର ଫିଟା ସମୟରେ ଓ ସନ୍ଧ୍ୟା ଆରତି ବେଳେ ଦୁଇ ଜଣ ଲେଖାଏଁ ପ୍ରତିହାରୀ ସେବାୟତ ସିଂହଦ୍ୱାର ସମ୍ମୁଖରେ ମୁତୟନ ହେବେ। ପରବର୍ତ୍ତୀ ସମୟରେ ପୂରା ଦିନରୁ ରାତି ପର୍ଯ୍ୟନ୍ତ ପ୍ରତିହାରୀ ସେବାୟତମାନଙ୍କୁ ମୁତୟନ କରାଯିବ।

## ସବୁ ରାଜଧାନୀ ହୋଇପାରିଛି ଜିଲ୍ଲା, ଭୁବନେଶ୍ୱର ହୋଇନି, ନିର୍ବାଚନ ଇସ୍ତାହାରରେ ରହୁ ଭୁବନେଶ୍ୱର ଜିଲ୍ଲା ଘୋଷଣା



ଭୁବନେଶ୍ୱର,୧୨/୪: ଭାରତବର୍ଷରେ ଶତକଡା ୯୫ଭାଗ ରାଜ୍ୟର ରାଜଧାନୀ ହୋଇପାରିଲା ଜିଲ୍ଲା । ଅଥଚ ଭୁବନେଶ୍ୱର ଜିଲ୍ଲା ହୋଇପାରିଲା ନାହିଁ । ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲ୍ଲା କରିବାକୁ ବିଜେଡି ଓ ବିଜେପି ନିର୍ବାଚନ ଇସ୍ତହାରରେ ରଖିବାକୁ ଦବି କରାଯାଇଛି । ଏନେଇ ବିଭିନ୍ନ ଅନୁଷ୍ଠାନର ସମୂହର ଅନୁଷ୍ଠାନ ମିଳିତ ମହାମଂଚ ପକ୍ଷରୁ ମଂଚର ଆବାହକ ଲିଙ୍ଗରାଜ ସାହୁ ନେତୃତ୍ୱରେ ବିଭିନ୍ନ ଦଳର ଇସ୍ତହାର କମିଟିରେ ଦାବି କରାଯାଇଛି । ବିଜେଡି ମୁଖପାତ୍ର ମାନଓ ମଙ୍ଗରାଜ, ଦଳର ନିର୍ବାଚନ ଇସ୍ତହାର କମିଟି ଉପ ଆବାହକ ଡ ସସ୍ମିତ ପାତ୍ର ଓ ବିଜେପି ନେତାଙ୍କ ସହ ଆଲୋଚନା କରାଯିବା ସହ ଇସ୍ତହାରରେ ସ୍ଥାନ ଦେବାକୁ ଦାବିପତ୍ର ପ୍ରଦାନ କରାଯାଇଛି । ପୂର୍ବରୁ ଭୁବନେଶ୍ୱର ୯୮୦ଜଣ ପୂଜା କମିଟିର ମୁଖ୍ୟ, ଭୁବନେଶ୍ୱର ଉତ୍ତର, ମଧ୍ୟ, ଏକାମ୍ର, ଭୁବନେଶ୍ୱର ବାଲିଯାତ୍ରା, ଭୁବନେଶ୍ୱର ଉପକଣ୍ଠର ଗ୍ରାମବାସୀ, ବାଲିପାଟଣା, ବାଲିଅନ୍ତା, ନଖରା ଆଦି ଅଂଚଳରେ ଦସ୍ତଖତ ସଂଗ୍ରହ କରାଯାଇଛି । ଶ୍ରୀ ସାହୁ କହିଛନ୍ତି ଯେ ପ୍ରାୟ ସବୁ ରାଜଧାନୀ ଜିଲ୍ଲା ହୋଇଥିବା ବେଳେ ଭୁବନେଶ୍ୱରକୁ ଜିଲ୍ଲା କରିବା ପାଇଁ ବହୁ କାରଣ ରହିଛି । ୧୯୯୨ମସିହାରେ ଖୋର୍ଦ୍ଧା ଜିଲ୍ଲା ଗଠନ ବେଳେ ଏହାର ଲୋକ ସଂଖ୍ୟା ୧୧ଲକ୍ଷ ଥିବା ବେଳେ ଏବେ ଏହି ଜିଲ୍ଲାରେ ୨୨ଲକ୍ଷରେ ପହଂଚିଲାଣି । ଭୁବନେଶ୍ୱରରେ ସବୁ ସରକାରୀ କାର୍ଯ୍ୟାଳୟ କାର୍ଯ୍ୟ କରୁଥିବା ବେଳେ ୩ନିର୍ବାଚନ ମଣ୍ଡଳିରେ ଲୋକ ସଂଖ୍ୟା ୧୨ଲକ୍ଷରେ ପହଂଚିଲାଣି । ୧୩ ଜିଲ୍ଲା ପୂର୍ନଗଠନ ପୂର୍ବରୁ ମଧ୍ୟ ଜଷ୍ଟିସ୍ ଦାସ କମିଶନ ତାଙ୍କ ରିପୋର୍ଟରେ ଭୁବନେଶ୍ୱରକୁ ରାଜସ୍ୱ ଜିଲ୍ଲା ଗଠନ ପାଇଁ ସୁପାରିଶ କରିଥିଲେ । ଭୁବନେଶ୍ୱରକୁ ଜିଲ୍ଲା ଗଠନ ପାଇଁ ତତ୍କାଳୀନ ମନ୍ତ୍ରୀ ସ୍ୱର୍ଗତଃ ସତ୍ୟପ୍ରିୟ ମହାନ୍ତି ପ୍ରସ୍ତବ ରଖି ବହୁ କାର୍ଯ୍ୟାଳୟ ଏଠାରେ ସ୍ଥାପନା କରିଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ନନ୍ଦିନୀ ଶତପଥୀ ମଧ୍ୟ ଭୁବନେଶ୍ୱରକୁ ଜିଲ୍ଲା ମାନ୍ୟତା ଦେବା ପାଇଁ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ । ଏହି କମିଟି ମଧ୍ୟ ଜିଲ୍ଲା କରିବାକୁ ସୁପାରିଶ କରିଥିଲେ । ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ହେଉକି ଭୁବନେଶ୍ୱରର ବିଭିନ୍ନ ସମସ୍ୟା ଦେଖା ଦେଲେ ଜିଲ୍ଲାପାଳ ସଙ୍ଗେ ସଙ୍ଗେ ଉପସ୍ଥିତ ହୋଇ ସମାଧାନ କରିପାରିବେ । ଏପରି ବହୁ କାରଣ ପାଇଁ ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲ୍ଲା କରିବା ଆବଶ୍ୟକ ବୋଲି କୁହାଯାଇଛି ।



## ଆସନ୍ତାକାଲି ଠାରୁ ନିର୍ବାଚନ ଭଣ୍ଡୁର ନେଇ ଗାଁ ଗାଁରେ ରାଲି କରିବ ନକ୍ସଲ ସଂଗଠନ, ସୀମାରେ ହାଇଆଲର୍ଟ



ମାଲକାନଗିରି,୧୨।୪(ପି.ଏନ): ୨୦୨୪ ଲୋକସଭା ଏବଂ ବିଧାନସଭା ନିର୍ବାଚନକୁ ନେଇ ନକ୍ସଲ ସଂଗଠନର କେନ୍ଦ୍ରୀୟ କମିଟି ପ୍ରଥମରୁ ହିଁ ଲୋକଙ୍କୁ ଏଥିରେ ଭାଗ ନନେବାକୁ ଆହ୍ୱାନ ଦେଇଛି। ତେବେ ଆସନ୍ତାକାଲି ଠାରୁ ନକ୍ସଲ ସଂଗଠନ ପକ୍ଷରୁ ଛତିଶଗଡ ଏବଂ ମାଲକାନଗିରି ଜିଲ୍ଲାର ଦୁର୍ଗମ ଗାଁଗୁଡିକରେ ନକ୍ସଲ ନିର୍ବାଚନକୁ ଭଣ୍ଡୁର କରିବା ନେଇ ରାଲିର ଆୟୋଜନ କରିବ ନେଇ ସ୍ପଷ୍ଟ କରିଛି। ଦୀର୍ଘ ଦିନ ଧରି ମାଲକାନଗିରି ଜିଲ୍ଲାରେ ନକ୍ସଲଙ୍କର କୌଣସି ଗତିବିଧି କିମ୍ବା ଅଘଟଣ ଘଟାଇବା ଭଳି କୌଣସି ଘଟଣା ଘଟିନଥିଲେ ମଧ୍ୟ ନକ୍ସଲ ଚୁପ ରହିବା ଆଗକୁ ବିପଦ ଆସୁଥିବାର ଆଶଂକା କରାଯାଉଛି। ଛତିଶଗଡରେ ନକ୍ସଲ ପ୍ରତିଦିନ କୌଣସି ନା କୌଣସି ସ୍ଥାନରେ ହିଂସା ଘଟାଉଥିବା ବେଳେ ମାଲକାନଗିରିରେ ସେଭଳି କୌଣସି ଘଟଣା ଘଟୁ ନାହିଁ। କିନ୍ତୁ ପୁଲିସ ଏବଂ ସୁରକ୍ଷାକର୍ମୀ ସତର୍କତା ଅବଲମ୍ବନ କରୁଛନ୍ତି। ଆଗକୁ ଛତିଶଗଡରେ ଲୋକସଭା ଏବଂ ଓଡିଶାରେ ବିଧାନସଭା ନିର୍ବାଚନ ରହିଥିବାରୁ ଦିଲ୍ଲୀ ଠାରୁ ମାଲକାନଗିରି ପର୍ଯ୍ୟନ୍ତ ନକ୍ସଲ ଦମନ ନେଇ ବୈଠକ ବସୁଛି। ନକ୍ସଲ ଗତିବିଧି ଉପରେ ଗୁଇନ୍ଦା ତୀକ୍ଷଣ ନଜର ରଖିଥିବା ବେଳେ କୌଣସି ଅଘଟଣକୁ ଏଡାଇବା ପାଇଁ ସମସ୍ତେ ସଜାଗ ରହିଛନ୍ତି। ସେହିପରି ଓଡିଶା ଓ ଛତିଶଗଡ ସୀମାରେ ହାଇଆଲର୍ଟ ଜାରି କରାଯାଇଛି। ସୀମାରେ କଡାକଡି ଯାଞ୍ଚ ଚାଲିଛି। ସମସ୍ତ ଯାନବାହନ ସହ ସଂଦେହ କରାଯାଉଥିବା ବ୍ୟକ୍ତିଙ୍କୁ ଅଟକାଇ ପଚରାଉଚରା କରାଯାଉଛି। ନକ୍ସଲ ଯେପରି ନିର୍ବାଚନକୁ ଭଣ୍ଡୁର ନକରିପାରନ୍ତି ସେଥିପାଇଁ କଡାକଡି ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସୀମାରେ ଓଡିଶାର ସୁରକ୍ଷାକର୍ମୀ ଏବଂ ଛତିଶଗଡର ସୁରକ୍ଷାକର୍ମୀ ମିଳିତ ଭାବେ କୁମ୍ବିଂ କରୁଥିବା ଦେଖିବାକୁ ମିଳିଛି। ଆସନ୍ତାକାଲି ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ନକ୍ସଲ ସଂଗଠନ ପକ୍ଷରୁ ଗାଁ ଗାଁରେ ସଚେତନତା ରାଲି ସହ ନିର୍ବାଚନକୁ ବର୍ଜନ କରିବା ପାଇଁ ଯେଉଁ ଆହ୍ୱାନ ଦିଆଯାଇଛି, ତାହା ଗୁରୁତ୍ୱର ସହ ନେଇଛି ପୁଲିସ। ପୁଣି ଆସନ୍ତା ୧୫ ତାରିଖ ଦିନ ୫ଟି ରାଜ୍ୟରେ ବନ୍ଦ ଡାକରା ଦିଆଯାଇଥିବାରୁ ତାକୁ ନେଇ ଏବେ ଠାରୁ ପୁଲିସ ସତର୍କତା ଅବଲମ୍ବନ କରୁଛି। ସମସ୍ତ ନକ୍ସଲ ପ୍ରବଣ ଅଂଚଳଗୁଡିକରେ ସର୍ଚ୍ଚ ଅପରେସନକୁ ଜୋରଦାର କରିଛି। ଗାଁ ଗାଁରେ ଥିବା ମିଲିସିଆଙ୍କୁ ପୁଲିସ ଟାର୍ଗେଟ କରିବ। ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକରେ ମଧ୍ୟ ଏଥର ଶାନ୍ତିପୂର୍ଣ୍ଣ ମତଦାନ ହେବା ନେଇ ସମସ୍ତ ପ୍ରସ୍ତୁତି ସରିଛି। ସ୍ୱାଭିମାନ ଅଂଚଳରେ ନକ୍ସଲ ପ୍ରତିବର୍ଷ ନିର୍ବାଚନକୁ ଭଣ୍ଡୁର କରିଆସୁଥିଲେ। ଏଥର କିନ୍ତୁ ସମସ୍ତ ଜନତା ନିର୍ଭୟରେ ନିଜ ନିଜର ଭୋଟଦାନ କରିପାରିବେ ବୋଲି କୁହାଯାଇଛି। ତେବେ ଆସନ୍ତା ତିନି ଦିନ ପୁଲିସ ଏବଂ ସୁରକ୍ଷାକର୍ମୀଙ୍କ ପାଇଁ ବଡ ଚ୍ୟାଲେଞ୍ଜ ହୋଇଥିବା ବେଳେ ଏହାକୁ କିପରି ମୁକାବିଲା କରୁଛି ଦେଖିବାକୁ ବାକି ରହିଲା।

## ଟିକେଟ୍ ନମିଳିବା ପରେ ବିଜେଡି ଛାଡି ବିଜେପିରେ ଯୋଗଦେଲେ କୈଳାଶ କୁଲେସିକା; କହିଲେ କ'ଣ ଥିଲା କାରଣ



ଭୁବନେଶ୍ୱର/ଲକ୍ଷ୍ମୀପୁର: ବିଜେଡିରୁ ଟିକେଟ୍ ନମିଳିବା ପରେ ରାତାରାତି ଦଳ ବଦଳାଇଛନ୍ତି ନେତା। ବିଜେଡି ଛାଡି ବିଜେପିରେ ମିଶିଛନ୍ତି କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରର ପୂର୍ବତନ ବିଧାୟକ କୈଳାଶ କୁଲେସିକା। ଆଜି ଅପରାହ୍ଣରେ ସେ ରାଜ୍ୟ କାର୍ଯ୍ୟାଳୟରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଶ୍ରୀତମ ଦାଶ, ସମୀର ମହାନ୍ତି ଓ ପ୍ରଶାନ୍ତ ଜଗଦେବଙ୍କ ଉପସ୍ଥିତିରେ ଶତାଧିକ କର୍ମୀଙ୍କ ଉପସ୍ଥିତିରେ ପଦ୍ମ ଧରିଛନ୍ତି। ବିଜେଡି ଗୁରୁବାର ସନ୍ଧ୍ୟାରେ ଲକ୍ଷ୍ମୀପୁର ସମେତ ୯ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲା। ଲକ୍ଷ୍ମୀପୁରରେ ବିଜେଡି ପ୍ରଭୁ ଜାନୀଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ଏହା ପରେ କୈଳାଶ କୁଲେସିକା ଦଳରୁ ଇସ୍ତଫା ଦେଇଥିଲେ। ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ପାଖକୁ ନିଜ ଇସ୍ତଫା ପତ୍ର ପଠାଇଥିଲେ। ଏଥିରେ ସେ ଉଲ୍ଲେଖ କରିଥିଲେ, ଦଳ ତାଙ୍କ କଠିନ ପରିଶ୍ରମର ମୂଲ୍ୟ ବୁଝି ପାରିଲା ନାହିଁ। କେବଳ ସେତିକି ନୁହେଁ। ରାତାରାତି ବିଜେପିରେ ସହିତ ସଂପର୍କ କରିଥିଲେ। ଆଜି ନିଜ ସମର୍ଥକଙ୍କୁ ନେଇ ଦଳରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। କୈଳାଶ କହିଛନ୍ତି, ୨୦୨୨ରେ ପଞ୍ଚାୟତିରାଜ ନିର୍ବାଚନ ପୂର୍ବରୁ କଂଗ୍ରେସ ଛାଡି ବିଜେଡ଼ିରେ ଯୋଗ ଦେଇଥିଲି। ସେତେବେଳେ ଅନେକ ପ୍ରତିଶ୍ରୁତି ସହ ବିଧାୟକ ଟିକେଟ ମଧ୍ୟ ଦିଆଯିବ ବୋଲି ବିଜେଡି କହିଥିଲା। ବର୍ତ୍ତମାନ ଟିକେଟରୁ ବଂଚିତ କରାଗଲା। ଲକ୍ଷ୍ମୀପୁରର ବିଜେଡ଼ି ଟିକେଟ ସମେତ କୋରାପୁଟ ଓ ପଟାଙ୍ଗୀ ଟିକେଟକୁ ନେଇ କୋଟିକୋଟି ଟଙ୍କା ଡିଲ ହୋଇଛି। ଟିକେଟ ପ୍ରଦାନ ନକରି ଏକ କୋଟି ଟଙ୍କା ସହ ଦୁଇ ମାସ ପରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭାପତି ପଦବି ଦେବା ପାଇଁ ମଧ୍ୟ ବିଜେଡି ତରଫରୁ କୁହାଯାଇଥିଲା। ସୂଚନାଯୋଗ୍ୟ, ୨୦୧୪ ନିର୍ବାଚନରେ କଂଗ୍ରେସ ଟିକେଟରେ ଲକ୍ଷ୍ମୀପୁର ବିଧାନସଭା ଆସନରୁ କୈଳାଶ ଲଢ଼ିଥିଲେ। ସେ ୫୩,୪୨୯ ଖଣ୍ଡ ଭୋଟ୍ ପାଇବା ସହ ହେମା ଗମାଙ୍ଗୋଙ୍କୁ ୨୨,୪୭୩ ଖଣ୍ଡ ଭୋଟ୍ ବ୍ୟବଧାନରେ ପରାସ୍ତ କରିଥିଲେ। ୨୦୧୯ ରେ ପୁଣି କଂଗ୍ରେସ ତରଫରୁ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳି ରେ ପ୍ରାଥୀ ହୋଇଥିଲେ। କିନ୍ତୁ ବିଜେଡ଼ିର ପ୍ରଭୁ ଜାନିଙ୍କ ଠାରୁ ୨୨୯ ଖଣ୍ଡ ଭୋଟ୍ ବ୍ୟବଧାନରେ ପରାଜିତ ହୋଇଥିଲେ।

## ବେଙ୍ଗାଲୁରୁ କାଫେ ବିସ୍ଫୋରଣ ଘଟଣାର ଦୁଇ ମାଷ୍ଟରମାଇଣ୍ଡ ଗିରଫ



ଭୁବନେଶ୍ୱର,୧୨।୪(ପି.ଏନ): ବେଙ୍ଗାଲୁରୁ କାଫେ ବିସ୍ଫୋରଣ ଘଟଣାର ଦୁଇ ମାଷ୍ଟରମାଇଣ୍ଡ ଗିରଫ। କର୍ଣ୍ଣାଟକ, ତାମିଲନାଡୁ ଏବଂ ଉତ୍ତର ପ୍ରଦେଶର ଏକାଧିକ ସ୍ଥାନରେ ଚଢାଉ କରିବା ପରେ ଶେଷରେ ଆଜି ଉଭୟଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରିଛି ଏନଆଇଏ ଟିମ୍। ଦୀର୍ଘ ଏକ ମାସ ହେବ ଏନଆଇଏ ଟିମକୁ ଚକମା ଦେଇ ଚାଲିଥିଲେ ଦୁଇ ଅଭିଯୁକ୍ତ ମୁସାବୀର ହୁସେନ ଶାଜେବ ଏବଂ ଅବଦୁଲ ମାଥୀନ ତାହା। ଉଭୟଙ୍କ ନାଁରେ ୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ମଧ୍ୟ ଘୋଷଣା କରାଯାଇଥିଲା। ଏକାଧିକ ରାଜ୍ୟରେ ଚଢାଉ ସତ୍ତ୍ୱେ ଏମାନଙ୍କ ସନ୍ଧାନ ପାଉନଥିଲା ଅନୁସନ୍ଧାନକାରୀ ସଂସ୍ଥା।

## ଏପ୍ରିଲ ୧୫ରୁ ଆରମ୍ଭ ହେବ ଗ୍ରୀଷ୍ମ ଲହରୀ, ତାପମାତ୍ରା ପୁଣି ଥରେ ୪୦ ଡିଗ୍ରୀରେ ପହଞ୍ଚିବ

ଭୁବନେଶ୍ୱର,୧୨।୪(ପି.ଏନ): ଆଜିଠାରୁ ରାଜ୍ୟରେ ପାଗରେ ପରବର୍ତ୍ତନ ହେବା ସହିତ ଧୀରେଧୀରେ ତାପମାତ୍ରା ବୃଦ୍ଧି ପାଇବ । ଆସନ୍ତା ୪ ଦିନ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ୬-୮ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ । ଏହାଫଳରେ ରାଜ୍ୟରେ ପୁଣି ଥରେ ତାପମାତ୍ରା ୪୦ ଡିଗ୍ରୀରେ ପହଞ୍ଚିବ । ୧୩ରୁ ରାଜ୍ୟରେ ଶୁଷ୍କ ବାୟୁ ପ୍ରବାହ ବଢ଼ିବ । ଫଳରେ ୧୫ରୁ ରାଜ୍ୟରେ ପୁଣି ଥରେ ଗ୍ରୀଷ୍ମ ଲହରୀ ଆରମ୍ଭ ହେବ । ପାଣିପାଗ କେନ୍ଦ୍ର ପକ୍ଷରୁ ଏପରି ସୂଚନା ଦିଆଯାଇଛି । ଏପ୍ରିଲ ମାସରେ ରାଜ୍ୟର ବିଭିନ୍ନ ସହରରେ ଅନୁଭୂତ ହୋଇଥିବା ତାପମାତ୍ରା ରେକର୍ଡ ଭଙ୍ଗ କରିଛି । ୧୧ ତାରିଖରେ ରାଜ୍ୟର ୪ଟି ସହରରେ ଚଳିତ ମାସର ସବୁଠାରୁ ଥଣ୍ଡା ଦିନ ଅନୁଭୂତ ହୋଇଥିଲା । ବର୍ଷା ଓ ମେଘୁଆ ଆକାଶ ପ୍ରଭାବରେ ଆଭ୍ୟନ୍ତରୀଣ ଓଡିଶାରେ ଦିନ ତାପମାତ୍ରାରେ ହ୍ରାସ ପାଇଥିଲା ।








## ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ‘ବବି ଜାସୁସ୍’ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ ‘ବବି ଜାସୁସ୍’। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

## ପୁରାଣ କାହାଣୀ

# ମା’କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଶଙ୍କୁ ପୂଜା କରାଯାଏ । ଏହି ଦିନ ମା’ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା’ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା’ ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା’ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା’ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା’ ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା’କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି



କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



‘ଜଙ୍ଗଲ୍ସ ଇନ୍ ପ୍ୟାରିସ’ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

## ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# ସ୍ନାତକ ନକରି ମଧ୍ୟ ଅଧ୍ୟାପକ

ଖୋର୍ଦ୍ଧା (ପିଏନ୍)-ବିନା ସ୍ନାତକରେ ଜଣେ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିବାର ଏକ ଘଟଣା ବର୍ତ୍ତମାନ ଚର୍ଚ୍ଚାର ବିଷୟ ହୋଇଛି। ସ୍ନାତକୋତ୍ତର ନକରି ଏପରିକି ସ୍ନାତକ ପରୀକ୍ଷାରେ କପିକରି ଅଯୋଗ୍ୟ ଘୋଷିତ ହୋଇଥିବା ବ୍ୟକ୍ତି ଜଣକ ହେଉଛନ୍ତି ଚଉଦ ମୌଜା ବିଦ୍ୟୁତ ଡିଗ୍ରୀ ମହାବିଦ୍ୟାଳୟ ଗଡ ସାନପୁଟ କଣାସ ଜିଲ୍ଲା ପୁରୀରେ ଅଧୁନା ଓଡିଆ ଅଧ୍ୟାପକ ଭାବେ କାର୍ଯ୍ୟରତ ଶ୍ରୀ ଶରତ କୁମାର ଷଡଙ୍ଗୀ । ସେ ମହାଶୟ ୧୯୯୧-୯୨ରେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଫାଇନାଲ ପରୀକ୍ଷାରେ କପିକରି ଧରାପଡି ଅଯୋଗ୍ୟ ଘୋଷିତ ହୋଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ ପତ୍ରାଙ୍କ ସଂଖ୍ୟା ୧୬୫୯୩ (୧୨) ତା୮.୪.୨୦୨୨ରିଖରେ ତାଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ଫଳରେ ତାଙ୍କୁ ସ୍ନାତକ ପ୍ରମାଣପତ୍ର ପ୍ରଦାନ କରାଯାଇନାହିଁ। ମାତ୍ର ଆଶ୍ଚର୍ଯ୍ୟର ବିଷୟ ସେ ସ୍ନାତକରେ ଉତୀର୍ଣ୍ଣ ନହୋଇ ମଧ ସେ ୧୯୯୪ ମସିହାରେ ରୋଲ ନଂ ୨୧୯୦୩୧୫୬୯ ଦ୍ୱାରା ଘରୋଇ ଭାବରେ ପରୀକ୍ଷା ଦେଇ ପାଶ କରିଛନ୍ତି ବୋଲି ବର୍ତ୍ତମାନ କାର୍ଯ୍ୟରତ ଥିବା କଲେଜର କର୍ତ୍ତୃପକ୍ଷ ସେ ସ୍ନାତକତ୍ତୋର କରିଥିବାର ଦର୍ଶାଇଛନ୍ତି। ଆଂଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ଯେଉଁ ସ୍ନାତକର ପ୍ରୋଭିଜନାଲ ପ୍ରମାଣପତ୍ର ଓ ଅଙ୍କ ତାଲିକା (ମାର୍କଲିଷ୍ଟ) ଶ୍ରୀ ଷଡଙ୍ଗୀ ଦାଖଲ କରିଛନ୍ତି ତାହା ମଧ ଜାଲିଆତି ହୋଇଛି ବୋଲି ସ୍ଥାନୀୟ ସାମନ୍ତରାପୁର ମଙ୍ଗଳା ସାହିର ଗୋପୀନାଥ ସେଠୀ ସୂଚନା ଅଧିକାର ଆଇନ-୬(୧) ଆର.ଟି.ଆଇ. ୨୦୦୫ ବଳରେ ମାଗିଥିବା ପ୍ରାପ୍ତ ପରୀକ୍ଷା ନିୟନ୍ତ୍ରକଙ୍କ ପ୍ରଦତ ଚିଠିରେ ସ୍ପଷ୍ଟ ଭାବରେ ଲେଖିଛନ୍ତି ଶ୍ରୀ ଷଡଙ୍ଗୀ (ବି.ଏ.) ପାସ କରିନାହାଁନ୍ତି। ମାତ୍ର ଆଶ୍ଚର୍ଯ୍ୟ ଓ ପରିତାପର ବିଷୟ ଶ୍ରୀ ଷଡଙ୍ଗୀ କିପରି ବି.ଏ.ର ପ୍ରୋଭିଜନାଲ ପ୍ରମାଣପତ୍ର ସହିତ ମାର୍କସିଟ୍ ଜାଲିଆତି କରି ପ୍ରସ୍ତୁତ କରିବା ସହ ତାହାକୁ ପ୍ରୟୋଗ କରି ସ୍ନାତକୋତ୍ତର ପଢି ଉତୀର୍ଣ୍ଣ ହେବାସହ ଅଧ୍ୟାପକ ହେଲେ? ସେ ଯେଉଁ ଘରୋଇ କଲେଜରୁ ଏମ.ଏ. ପାସ କଲେ ସେ କଲେଜର କର୍ତ୍ତୃପକ୍ଷଙ୍କ ସନ୍ଦେହକୁ ନେଇ ଏହାର ଏକ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହ ତୁରନ୍ତ ତାଙ୍କୁ କଲେଜରୁ ବହିଷ୍କାର କରିବା ସହ ସେ ହାସଲ କରିଥିବା ଏମ.ଏ. ପ୍ରମାଣପତ୍ର ପ୍ରଦାନ କରିଥିବା କଲେଜ ତଥା ଅଧୁନା କାର୍ଯ୍ୟରତ ମହାବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବୀ ହେଉଛି।

# ଓଡ଼ିଶାରେ ଭାରତ ଯୋଡ଼ୋ ଯାତ୍ରା ପାଇଁ ପ୍ରଦେଶ ମହିଳା କଂଗ୍ରେସର ପ୍ରସ୍ତୁତି ବୈଠକ




ଭୁବନେଶ୍ୱର (ପିଏନ୍)- ଗତକାଲି ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ଓଡ଼ିଶାରେ ଭାରତ ଯୋଡ଼ୋ ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବନ୍ଦିତା ପରିଡ଼ାଙ୍କ ଅଧକ୍ଷାରେ ଅନୁଷ୍ଠିତ ହୋଇଥିଲା। ଶ୍ରୀମତୀ ପରିଡ଼ା ବୁଥ, ବ୍ଲକ, ଜିଲ୍ଲା ଏବଂ ପ୍ରାଦେଶିକ ସ୍ତରରେ ମହିଳା କଂଗ୍ରେସ ସଂଗଠନକୁ ସୁଦୃଢ଼ କରି ଭାରତ ଯୋଡ଼ ଯାତ୍ରାକୁ ସଫଳ କରିବା ଖସଡ଼ା ପ୍ରସ୍ତୁତ କରାଯାଇଛି ବୋଲି କହିଥିଲେ। ପ୍ରଦେଶ କଂଗ୍ରେସ ପକ୍ଷରୁ ଯେଉଁ 'ଭାରତ ଯୋଡ଼ୋ ଯାତ୍ରା' କାର୍ଯ୍ୟକ୍ରମ ଓଡ଼ିଶାରେ ଆୟୋଜିତ ହେଉଛି ସେଥିରେ ୩୦ ପ୍ରତିଶତରୁ ଉର୍ଦ୍ଧ୍ୱ ମହିଳା ଅଂଶଗ୍ରହଣ କରିବେ। ପ୍ରତି ବୁଥ, ପଂଚାୟତ ଏବଂ ବ୍ଲକରୁ ମହିଳାମାନେ ଏହି ଯାତ୍ରାରେ ଯୋଗଦେବେ। ବିଶେଷ କରି ବୁଥରୁ ଅନ୍ୟୁନ ଦୁଇଜଣ ଯୋଗଦେବା ପାଇଁ ସ୍ଥିର ହୋଇଛି। ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯ୍ୟାତନା, ହତ୍ୟା, ଗଣଦୁଷ୍କର୍ମ ବଢ଼ିଚାଲିଥିଲା ବେଳେ ନବୀନ ପଟ୍ଟନାୟକଙ୍କ 'ମା'କୁ ସମ୍ମାନ' ଆହ୍ୱାନ ଏକ ପ୍ରହଶନରେ ପରିଣତ ହୋଇଛି। ଶ୍ରୀମତୀ ପରିଡ଼ା ଅସୁରକ୍ଷିତ, ଦୁଷ୍କର୍ମ ପୀଡ଼ିତ, ନିର୍ଯ୍ୟାତିତ ଏବଂ ଅନ୍ୟାନ୍ୟ ବିପଦରେ ପଡ଼ିଥିବା ମହିଳାଙ୍କୁ ତୁର' ସାହାଯ୍ୟ ଯୋଗାଇଦେବାପାଇଁ ଅଖିଳ ଭାରତ ମହିଳା କଂଗ୍ରେସର ସଭାନେତ୍ରୀ ସୁଶ୍ରୀ ନିତା ଡି ସୌଜାଙ୍କ ଦ୍ୱାରା ପ୍ରଣୀତ ଟୋଲ ଫ୍ରି ନଂ - ୧୮୦୦-୨୦୩-୦୫୮୯ ଏହି ବୈଠକରେ ଉଦ୍‌ଘାଟନ କରିଥିଲେ। ଏହି ନଂ ଜିଲ୍ଲା, ବ୍ଲକ ଓ ପଂଚାୟତ ସ୍ତରରେ ଉଦ୍‌ଘାଟନ କରାଯିବ ବୋଲି କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ମହିଳା ସଶକ୍ତିକରଣ ପାଇଁ ଏହା ସହାୟକ ହେବ। ପ୍ରଦେଶ ମହିଳା କଂଗ୍ରେସ ର ରାଜ୍ୟ କର୍ମକର୍ତା ଓ ଜିଲ୍ଲା ସଭାପତିମାନେ ନିଜ ନିଜ ଜିଲ୍ଲାର ମହିଳାମାନଙ୍କର ସମସ୍ୟା ସଂପର୍କରେ ଅବତାରଣା କରିବା ସହ ଭାରତ ଯୋଡ଼ୋ କାର୍ଯ୍ୟକ୍ରମରେ ସେମାନଙ୍କର ଅଂଶଗ୍ରହଣ ସଂପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଥିଲେ, 'କ୍ଷମତା ବାହାରେ ଏକ ପ୍ରତିକୂଳ ପରିସ୍ଥିତିରେ ୨୨ବର୍ଷ ଧରି ବିଜେଡ଼ି ସରକାର, ବିଜେଡ଼ି ଓ ବିଜେପିର ଭାଗୁଆଲି ସରକାର ଓ କେନ୍ଦ୍ରର ଆଠବର୍ଷର ମୋଦି ସରକାର ବିରୁଦ୍ଧରେ ମହିଳା କଂଗ୍ରେସ ନିର'ର ସଂଗ୍ରାମ କରୁଥିବାରୁ ମୁଁ ସମସ୍ତଙ୍କୁ ହୃଦୟରୁ ସାଧୁବାଦ ଜଣାଉଛି। ଶ୍ରୀ ପଟ୍ଟନାୟକ ଜନନାୟକ ରାହୁଲ ଗାନ୍ଧୀଙ୍କର ଉତୁଙ୍ଗ ନେତୃତ୍ୱ ପ୍ରତି ମୋଦି, ବିଜେପି ଏବଂ ଆରଏସଏସ ଅସହିଷ୍ଣୁ ହୋଇପଡ଼ିଛନ୍ତି। ଭାରତ ଆଜି ମୋଦି, ବିଜେପି ଏବଂ ଆରଏସଏସ ପାଇଁ ପ୍ରତିଦିନ ଭାଙ୍ଗି ତୁଟି ଯାଉଛି। ଜନନାୟକ ରାହୁଲ ଗାନ୍ଧୀ ଭାରତକୁ ଯୋଡ଼ି ରଖିବା ପାଇଁ ଭାରତର ଅଖଣ୍ଡତାକୁ ବଜାୟ ରଖିବା ପାଇଁ ଭାରତ ଯୋଡ଼ୋ ଯାତ୍ରାରେ ସମସ୍ତଙ୍କର ସହଯୋଗ ଓ ଅଂଶଗ୍ରହଣ ପାଇଁ ଆହ୍ୱାନ ଦେଇଛନ୍ତି। ହାଣ୍ଡିଶାଳରେ ଆଜି ମହଙ୍ଗାମାଡ଼ ହୋଇଛି। ଗ୍ୟାସ ଦର ଆକାଶ ଛୁଆଁ, ନିତ୍ୟବ୍ୟବହାର୍ଯ୍ୟ ସୌଦା ଦର ଅତ୍ୟ' ବୃଦ୍ଧି ପାଇଛି। ପ୍ରତି ହାଣ୍ଡିଶାଳରୁ ପ୍ରତିବାଦର ସ୍ୱର ଉଠିଲେ ପରିସ୍ଥିତିର ପରିବର୍ତନ ହୋଇପାରିବ। ଜାତି, ଧର୍ମ, ବର୍ଣ୍ଣ, ଭାଷା, ପୋଷାକ ଓ ଅଂଚଳ ଆଧାରରେ କେବଳ ରାଜନୈତିକ ଫାଇଦା ପାଇଁ ଭାରତକୁ ଭାଗ ଭାଗ କରିଦିଆଯାଉଛି। ସାମ୍ବିଧାନିକ ଅନୁଷ୍ଠାନ ଆଜି ବିପଦଗ୍ରସ୍ତ। ଗଣତନ୍ତ୍ରର ହତ୍ୟା ହେଉଛି। ରେଳବାଇ, ଏଲଏାଇସି, ବନ୍ଦର, ଖଣି, ସରକାରୀ ଶିଳ୍ପ ଏ ସମସ୍ତକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ବନ୍ଧୁ ଶିଳ୍ପପତିଙ୍କ ହାତରେ ଟେକି ଦେଉଛନ୍ତି। ପେଟ୍ରୋଲ ଡିଜେଲ ଠାରୁ ଆରମ୍ଭ କରି ସମସ୍ତ ପଦାର୍ଥ ଓ ଦ୍ରବ୍ୟର ଦର ଏବଂ ବିଶେଷ କରି ମୁଢ଼ି, ଚୁଡ଼ା, ଛତୁଆ, ପେନସିଲ, କଲମ, ଖାତା ସମସ୍ତ ଜିନିଷ ଉପରେ ଜିଏସଟି ଲଗାଯାଇ ସାଧାରଣ ଜନତାଙ୍କର ରକ୍ତ ଶୋଷଣ କରାଯାଉଛି। ଏ ଦେଶକୁ ଗାନ୍ଧୀ, ନେହେରୁ, ପଟେଲ, ଶାସ୍ତ୍ରୀ, ଇନ୍ଦିରାଜୀ, ସ୍ୱାଧୀନ କରିଥିଲେ। କଂଗ୍ରେସ ନବଭାରତ ନିର୍ମାଣ କରିଛି ମାତ୍ର ସରକାର ପ୍ରତିଦିନ ଭାରତ ଭାଙ୍ଗୁଛି। ଦେଶରେ ଓ ରାଜ୍ୟରେ ମହିଳାମାନଙ୍କର ପରିସ୍ଥିତି ସଂପର୍କରେ ଉଦ୍‌ବେଗ ପ୍ରକାଶ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ମହିଳାମାନେ ବିଶେଷ କରି ନବୀନ ସରକାର ଓ ମୋଦି ସରକାର ବିରୁଦ୍ଧରେ ଶାଣିତ ସ୍ୱର ଉତୋଳନ କରିବାର ସମୟ ଆସିଛି। ଉଭୟ ଦେଶରେ ଓ ରାଜ୍ୟରେ ମହିଳା ଅସୁରକ୍ଷିତ। ଶ୍ରୀ ପଟ୍ଟନାୟକ ଓଡ଼ିଶାରେ ମହିଳା କଂଗ୍ରେସର ସୁଦୃଢ଼ିକରଣ ପାଇଁ ଉପଦେଶ ଦେଇଥିଲେ। ରାଜ୍ୟରେ ୩୫ ହଜାରରୁ ଉର୍ଦ୍ଧ୍ୱ ବୁଥରେ ମାତ୍ର ଦୁଇ ଦୁଇ ଜଣ ସଂଗ୍ରାମୀ ମହିଳାଙ୍କୁ ମହିଳା କଂଗ୍ରେସରେ ସାମିଲ କଲେ ଖୁବଶୀଘ୍ର ଏକ ବୈପ୍ଳବିକ ପରିବର୍ତନ ହୋଇପାରିବ। ପରିବର୍ତନ ପାଇଁ ଅର୍ଥ ଏକ ସମସ୍ୟା ନୁହେଁ ବଂର ଲଢ଼ିବାର ମାନସିକତା ଜରୁରୀ। ମହିଳା କଂଗ୍ରେସର ଜିଲ୍ଲା, ବ୍ଲକ ଓ ବୁଥ ସ୍ତରର ସଂଗଠନକୁ ତୁର' ସଂପୂର୍ଣ୍ଣ ଭାବରେ ଗଠନ କରି ସେମାନଙ୍କୁ ଭାରତ ଯୋଡ଼ୋ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାପାଇଁ ଯୁଦ୍ଧକାଳୀନ ଭିତରେ ପଦକ୍ଷେପ ନିଆଯାଉ। କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଦେଶରେ ମହିଳାମାନଙ୍କର ସଶକ୍ତିକରଣ ପାଇଁ ଉଲ୍ଲେଖନୀୟ ପ୍ରଚେଷ୍ଟା କରିଥିଲେ। ତାଙ୍କର ଉଦ୍ୟମରେ ମହିଳାମାନଙ୍କର ସଂରକ୍ଷଣ ଲୋକସଭାରେ ପାରିତ ହୋଇଛି ମାତ୍ର ରାଜ୍ୟ ସଭାରେ ଅଟକି ଯାଇଥିବା ସ୍ଥଳେ ମୋଦି ସରକାର ଏଥିପ୍ରତି ଆଗ୍ରହ ପ୍ରକାଶ କରୁନାହାଁନ୍ତି। ଆଗାମୀ ଦଶହରା ପୂଜା ଏବଂ ମା' ଦୁର୍ଗାଙ୍କର ମହିମା ଉପରେ ଆଲୋକପାତ କରି ଶ୍ରୀ ପଟ୍ଟନାୟକ କହିଲେ ଯେ ଆଜିର ଦୁର୍ନୀତି ଭ୍ରଷ୍ଟାଚାର, ନାରୀ ନିର୍ଯ୍ୟାତନ ଓ କୁଶାସନର ପରିବର୍ତନ ପାଇଁ ପ୍ରତ୍ୟେକ ମହିଳା ମା' ଦୁର୍ଗାଙ୍କୁ ସ୍ମରଣ କରି ଦୁର୍ବାର ଆନ୍ଦୋଳନ କରୁନ୍ତୁ। ସେ କହିଲେ ଯେ ଏ ଦଳରେ କେବଳ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀ ହେଉଛନ୍ତି ସର୍ବମୟ ନେତ୍ରୀ ଏବଂ ନେତା। ଆମେ ସମସ୍ତେ ନିଜକୁ ଜଣେ କର୍ମୀ ମନେକରି କାର୍ଯ୍ୟକଲେ ସଫଳତା ବେଶି ଦୁର ନୁହେଁ। ଓଡ଼ିଶାର ଭାରତ ଯୋଡ଼ୋ କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ କଂଗ୍ରେସ ବୁଦ୍ଧିଜୀବୀ, ଚାଷୀ, ଶ୍ରମିକ, ଛାତ୍ର ଏବଂ ବିଭିନ୍ନ ସାମାଜିକ ସଂଗଠନମାନଙ୍କ ସହ ଆଲୋଚନା କରୁଛି ଏବଂ ତାଙ୍କର ସହଯୋଗ ମଧ୍ୟ ଲୋଡ଼ୁଛି। ଓଡ଼ିଶାରେ ନବୀନ ପଟ୍ଟନାୟକ ସରକାରର ଜନସାଧାରଣଙ୍କୁ ଭୁଆଁ ବୁଲାଉଛନ୍ତି। ବର୍ଷକୁ ଦୁଇଲକ୍ଷ ନିଯୁକ୍ତି ଦେବାକୁ କହିଥିଲେ। ୨୨ ବର୍ଷରେ ୪୪ ଲକ୍ଷ ଦେବା କଥା ତାହା ସମ୍ଭବ ହୋଇପାରିଲା ନାହିଁ। ସରକାରୀ ଚାକିରୀ ବିକ୍ରି ହେଉଛି। ଦାରିଦ୍ର୍ୟ, ବେକାରୀ, ନାରୀ ନିର୍ଯ୍ୟାତନା, ଦାଦନ ଓ କ୍ଷୁଧିତଙ୍କ ସଂଖ୍ୟା କ୍ଷେତ୍ରରେ ଦେଶରେ ଓଡ଼ିଶା ଏକନମ୍ବର ସ୍ଥାନର ଅପବାଦ ମୁଣ୍ଡାଇ ଥିବାବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏକନମ୍ବର ପୁରସ୍କାର ଯୋଗାଡ଼ କରିବାରେ ବ୍ୟସ୍ତ। ଓଡ଼ିଶାରେ ୧୦୦ ଦିନର ପଦଯାତ୍ରାରେ ୨୦ ଲୋକସଭା ନିର୍ବାଚନ ମଣ୍ଡଳୀ, ୨୬ଟି ଜିଲ୍ଲା ଓ ୨୨୫୦ କିଲୋମିଟର ଅତିକ୍ରମ କରାଯିବ। ପରିଶେଷରେ ଲକ୍ଷ ଲକ୍ଷ ଓଡ଼ିଶାବାସୀଙ୍କୁ ନେଇ ଭୁବନେଶ୍ୱରରେ ରାହୁଲ ଗାନ୍ଧୀଙ୍କର ସଭା ଅନୁଷ୍ଠିତ ହେବ। ସମସ୍ତଙ୍କର ସହଯୋଗ, ଦୃଢ଼ ମାନସିକତା ଏବଂ ପ୍ରତିବଦ୍ଧତା ରହିଲେ ଓଡ଼ିଶାରେ କଂଗ୍ରେସ ସରକାର ପ୍ରତିଷ୍ଠା ହେବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ବିଜୟଲକ୍ଷ୍ମୀ ସାହୁ, ସୁଶିଳା ତିରିଆ, ସାବିତ୍ରୀ ଚୌଧୁରି ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ନେହଲତା ରାୟ, ଦେବସ୍ମିତା ସାମଲ, ସ୍ୱାଧୀନବାଳା ଦାସ, ବିନ୍ଧାବିନୀ ସାହୁ, ପ୍ରଣତି ମିଶ୍ର, ମଂଜୁଶ୍ରୀ କହ୍ନନା ରାଉତରାୟ, ମନଜା ମରି ଦେବୀ, ସୁବାଶିନି ମହାକୁଡ଼, ପ୍ରତିମା ମଲ୍ଲିକ, କୁସୁମ ପ୍ରଧାନ, ରୁପାଦିପ୍ତା ମହାପାତ୍ର, ସରୋଜିନି ବାକ୍ରା, ନିର୍ମଳା ମଲ୍ଲିକ, ରିତାଶ୍ରୀ ମହାନ୍ତି, ମହେନ୍ଦ୍ରୀ ସାହୁ, ସମସିଦା ତାୟବ, ଏଲ ମାଣିକ ପ୍ରଭା, ନିରୁପମା ପାତ୍ର, ରୀନା ସ୍ୱାଇଁ, କନକଲତା ମଲ୍ଲିକ, ସଂଗୀତା ସିଂ, ପ୍ରଭାବତି ପଟ୍ଟନାୟକ, ସୂର୍ଯ୍ୟକାନ୍ତି ବାକ, ବୈଜୟନ୍ତୀବାଳା ଦାସ, ମୋନାଲିସା ଦାସ, ସବିତା ଚାନ୍ଦ, ଶ୍ରୀୟାସ୍ମିତା ପଣ୍ଡା, ଅନ୍ନପୂର୍ଣ୍ଣା ସାହୁ, କବିତା ମହାକୁଡ଼, ମୋତି କୈବର୍ତ, ରୁଦ୍ର ମଲ୍ଲିକ, ଶୋଭା ସିଂ, ଚୈତାଳି ପଟ୍ଟନାୟକ, ଦିପ୍ତି ପ୍ରଧାନ, ତପସ୍ୱିନୀ ବିଶ୍ୱାଳ, ପ୍ରଜ୍ଞାପରମିତା ମହାନ୍ତି, ଉର୍ବଶ୍ରୀ ମିଶ୍ର, ସସ୍ମିତା ଘୋଷାଲ, ସିଲି ସେଠୀ, ସୁଭଦ୍ରା ମିଶ୍ର, ସ୍ମିତାରାଣୀ ସାମଲ ପ୍ରମୁଖ ବହୁ ମହିଳା କଂଗ୍ରେସ କର୍ମୀ ଏହି ସଭାରେ ଯୋଗଦେଇଥିଲେ।

# ବିଦ୍ୟୁତ୍ ବିଜ୍ଞାନର ଜନକ-ଫାରାଡ଼େ

ସୂର୍ଯ୍ୟୋଦୟ ଭଳି ବିଜ୍ଞାନର ଅଭ୍ୟୁଦୟ ଫଳରେ ମନୁଷ୍ୟ ସମାଜରୁ ସେହି ସମସ୍ତ ଅଜ୍ଞତା, ଅନ୍ଧବିଶ୍ୱାସ, ଅନ୍ଧାଚାର, କୁସଂସ୍କାର ଓ ଅନ୍ଧକାର କାହିଁ ଅନ୍ତର୍ଦ୍ଧାନ ହୋଇଯାଇଅଛି। ବିଜ୍ଞାନର ଲକ୍ଷ୍ୟ ହେଲା ସତ୍ୟର ଅନୁସନ୍ଧାନ ଓ ସତ୍ୟର ପ୍ରତିଷ୍ଠା ଏବଂ ପ୍ରକୃତି ଜଗତର ସମସ୍ତ ରହସ୍ୟର ବାସ୍ତବ ଉଦ୍‌ଘାଟନ ତଥା ସମସ୍ତ ଇନ୍ଦ୍ରିୟଲବ୍ଧ ଅଭିଜ୍ଞତାଗୁଡ଼ିକ ମଧ୍ୟରେ ତିଷ୍ଠି ରହିଥିବା ସୁନିୟନ୍ତ୍ରିତ ସମ୍ବନ୍ଧସୂତ୍ରର ଆବିଷ୍କରଣ। ବିଜ୍ଞାନର ଆବିଷ୍କାର ଓ ଉଦ୍ଭାବନ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ଜୀବଜଗତର ହିତ ନିମନ୍ତେ ଉପଲବ୍ଧ ହୋଇଥାଏ। ବିଦ୍ୟୁତ୍ ପ୍ରଯୁକ୍ତିବିଦ୍ୟାର ବିକାଶ ପାଇଁ ଯେଉଁ ମହାନ୍ ପୁରୁଷଙ୍କୁ ଆମେ ବିଦ୍ୟୁତ୍ ବିଜ୍ଞାନର ଜନକ କହୁଅଛେ, ସେ ହେଉଛନ୍ତି ମାଇକେଲ ଫାରେଡ଼େ।

ମାଇକେଲ ଫାରେଡ଼େ ୧୭୯୧ମସିହା ସେପ୍ଟେମ୍ବର ମାସ ୨୨ ତାରିଖ ଦିନ ଲଣ୍ଡନର ଏକ ଗରିବ କମାର ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ହେଉଛି ଜେମ୍ସ ଫାରାଡ଼େ ଓ ମାତାଙ୍କ ନାମ ମାର୍ଗାରେଟ୍ ହାଷ୍ଟୱେଲ୍। ଚାରୋଟି ସନ୍ତାନ ମଧ୍ୟରେ ମାଇକେଲ ଫାରାଡ଼େ ହୋଇଛନ୍ତି ତୃତୀୟ ସନ୍ତାନ। ଏକ ସ୍ଥାନୀୟ ବିଦ୍ୟାଳୟରେ ମାଇକେଲେ ପ୍ରାଥମିକ ସ୍ତରରେ ଲେଖିବା, ପଢିବା ଓ କିଛି ପାଟୀଗଣିତ ଶିକ୍ଷା କରିଥିଲେ। ଦାରିଦ୍ର୍ୟ ତାଙ୍କୁ ୧୩ବର୍ଷ ବୟସରେ ପାଠପଢାରେ ଡ଼ୋରି ବାନ୍ଧି ଦେଇଥିଲା। ତେଣୁ ସେ ଜର୍ଜ ରିବିୟାନଙ୍କ ବହିଦୋକାନରେ ଚାକିରି ଜୀବନ ଆରମ୍ଭ କଲେ। ଫାରାଡ଼େଙ୍କ କାମ ଥିଲା ସେ ଗୋଟିଏ ଗ୍ରାହକ ପାଖରୁ ଖବରକାଗଜ ନେଇ ଅନ୍ୟ ଜଣେ ଗ୍ରାହକଙ୍କୁ ଦେବେ। ମାଲିକ ରିବିୟାନ୍ ବର୍ଷକ ପରେ ତାଙ୍କ କାମରେ ଖୁସି ହୋଇ ବହିବନ୍ଧା କାମ ଶିକ୍ଷା ଦେଲେ। ଦାରିଦ୍ର୍ୟ ଯୋଗୁଁ ଫାରାଡ଼େ ଅଧିକ ଶିକ୍ଷା ଗ୍ରହଣ କରିପାରି ନ ଥିଲେ, କିନ୍ତୁ ବହି ବନ୍ଧେଇ କରିବା ପୂର୍ବରୁ ସେ ସେହି ବହିଗୁଡ଼ିକୁ ପଢୁଥିଲେ। ମାର୍ସେଟ୍‌ଙ୍କ ରଚିତ ରସାୟନ ବିଜ୍ଞାନ ପୁସ୍ତକ ଓ ଏନସାଇକ୍ଲୋପିଡ଼ିଆ ବ୍ରିଟାନିକା ଏହି ଦୁଇଟି ପୁସ୍ତକ ତାଙ୍କୁ ପ୍ରଭାବିତ କରିଥିଲା। ଫାରାଡ଼େଙ୍କୁ ମାଲିକ୍ ରିବିୟାନ ବହି ପଢିବା ପାଇଁ ଉତ୍ସାହିତ କରୁଥିଲେ। ବହିପଢା ପ୍ରତି ଏତେ ନିଷ୍ଠା ଯୋଗୁ ସେ ଇଣ୍ଟ୍ରୋଡ଼କ୍ସନ ଟୁ କେମେଷ୍ଟ୍ରିର ୪ଟି ଯାକ ପୁସ୍ତକ କିଣିଲେ। ଏଥିରୁ ସେ ନିଜର ମତାମତ ଓ ବିବରଣୀକୁ ସଂଗଠିତ କରି ଦି ଫିଲୋସଫିକ୍ ମିସେଲାନୀ ନାମରେ ଏକ ପୁସ୍ତକ ଲେଖିଥିଲେ। ପିତାଙ୍କ ମୃତ୍ୟୁ ପରେ ଫାରାଡ଼େ ଭାଇ ରବର୍ଟଙ୍କଠାରୁ ପଇସା ନେଇ ସିଟି ଫିଲୋସୋଫିକାଲ ସୋସାଇଟି ଦ୍ୱାରା ଆୟୋଜନ ହେଉଥିବା ବିଜ୍ଞାନ ଆଲୋଚନାରେ ଏକ ଶିଲିଙ୍ଗ ଦେଇ ଟିକେଟ ନେଇ ଶୁଣିବାକୁ ଯାଉଥିଲେ। ତାଙ୍କର ବନ୍ଧୁ ବୋମିନ୍ ଆବଟ୍ ଓ ଏଡ଼ୱାର୍ଡ଼ ମାଗ୍ରାଥ୍‌ଙ୍କ ସାହାଯ୍ୟରେ ଆଲୋଚନାରେ ଭାଗନେବାକୁ ନିଜକୁ ପ୍ରସ୍ତୁତ କରିପାରିଥିଲେ। ବିଜ୍ଞାନର ପ୍ରଚାର ଓ ପ୍ରସାର ପାଇଁ ୧୭୯୯ ମସିହାରେ ରୟାଲ୍ ଇନଷ୍ଟିଚ୍ୟୁସନ୍ ଲଣ୍ଡନରେ ସ୍ଥାପିତ ହେଲା ଲାଫିଙ୍ଗ ଗ୍ୟାସ୍। ଏହାର ପ୍ରସ୍ତୁତକର୍ତା ସାର୍ ହମ୍ଫ୍ରିଡ଼ାଭେ ୧୮୦୨ ମସିହାରେ ମାତ୍ର ୨୪ବର୍ଷ ବୟସରେ ରୟାଲ୍ ଇନ୍‌ଷ୍ଟିଚ୍ୟୁଟରେ ପ୍ରଫେସର ପଦରେ ଯୋଗଦେଲେ। ମାଇକେଲ ଫାରାଡ଼େ ଏକ ଚିଠି ସହିତ ପ୍ରସ୍ତୁତ କରିଥିବା ଡାଭେଙ୍କ ଭାଷଣର ସାରାଂଶର ନକଲ ଡାଭେଙ୍କ ନିକଟକୁ ପଠାଇଲେ। ଫାରାଡ଼େଙ୍କ ବିଜ୍ଞାନ ପ୍ରତି ଆଗ୍ରହ, ତୀକ୍ଷ୍ଣ ଶ୍ରୁତିଶକ୍ତିକୁ ଅତିଶୟ ପ୍ରଶଂସା କରିଥିଲେ ଡ଼ାଭେ। ୧୮୧୩ ମସିହାରେ ଫାରାଡ଼େ ରୟାଲ ଇନିଷ୍ଟିଚ୍ୟୁଟରେ ଗୋଟିଏ ପରୀକ୍ଷାଗାର ସହାୟକ ପଦରେ ନିଯୁକ୍ତ ହେଲେ। ଦରମା ଥିଲା ମାସକୁ ୨୫ ଶିଲିଙ୍ଗ୍। ଫାରାଡ଼େ ନିରନ୍ତର ଡ଼ାଭେଙ୍କ ପାଖରେ ରହି ସମସ୍ତ ପରୀକ୍ଷା ଦେଖୁଥିଲେ ଏବଂ ଏହାର ସିଦ୍ଧାନ୍ତକୁ ନିଜେ ବିଶ୍ଳେଷଣ କରୁଥିଲେ।

ଡାଭେ ସସ୍ତ୍ରୀକ ୟୁରୋପ ଭ୍ରମଣରେ ବାହାରିଥିଲେ। ସେ ଫାରାଡ଼େଙ୍କୁ ସହାୟକ ଭାବେ ନେବାକୁ ସ୍ଥିର କଲେ। ଫାରାଡ଼େ ଚାକିରିରୁ ଇସ୍ତଫା ଦେବେ ଓ ଫେରିବାପରେ ଫାରାଡ଼େ ପୁନଶ୍ଚ ଚାକିରି ଦେବା ପାଇଁ ଡାଭେ ପ୍ରତିଶ୍ରୁତି ଦେଲେ। ଡାଭେଙ୍କ ସ୍ତ୍ରୀ ଜେନ୍ ଡାଭେଙ୍କ ପରିଚାରିକା ନଥିବାରୁ ଫାରାଡ଼େ ପରିଚାରିକା କାର୍ଯ୍ୟ ମଧ୍ୟ କରିବାକୁ ରାଜି ହେଲେ। ଏହି ଭ୍ରମଣ ସମୟରେ ଫାରାଡ଼େ ବିଦେଶୀ ବୈଜ୍ଞାନିକମାନଙ୍କୁ ଭେଟୁଥିଲେ ଓ ବୈଜ୍ଞାନିକ ପରୀକ୍ଷାରେ ଅଂଶ ଗ୍ରହଣ କରୁଥିଲେ। ଡ଼ାଭେ ଫାରାଡ଼େଙ୍କୁ ଜଣେ ସହଯୋଗୀ ଭାବେ ଉପସ୍ଥାପିତ କରୁଥିଲେ। ଭ୍ରମଣ ସମୟରେ ଫରାସୀ ଭାଷା ଶିକ୍ଷା କରିଥିଲେ। ସେ ଡ଼ାଭେଙ୍କ ସହଯୋଗୀଭାବେ ପ୍ରକୃତ ବିଜ୍ଞାନ କାର୍ଯ୍ୟ କରିଥିଲେ, ଫଳରେ ନିଜକୁ ସେ ଜଣେ ବୈଜ୍ଞାନିକ ଭାବେ ଭବିଷ୍ୟତରେ ପ୍ରତିପାଦିତ କରିପାରିଥିଲେ। ଭ୍ରମଣରୁ ଫେରିବା ପରେ ଫାରାଡ଼େ ଉପକରଣ ସୁପରିଣ୍ଟେଣ୍ଡେଣ୍ଟ ଭାବେ ନିଯୁକ୍ତି ପାଇ ସପ୍ତାହକୁ ୩୦ ଶିଲିଙ୍ଗ୍ ଦରମା ପାଇଲେ। ରୟାଲ ଇନ୍‌ଷ୍ଟିଚ୍ୟୁସନ୍‌ରେ କାମ କରିବା ସମୟରେ ନିଜର ଚେଷ୍ଟା, କଠିନ ପରିଶ୍ରମ ଓ ଅଧ୍ୟବସାୟ ଯୋଗୁ ସେ ଜଣେ ବିଶିଷ୍ଟ ବୈଜ୍ଞାନିକ ହୋଇପାରିଥିଲେ। ୧୮୧୬ ମସିହାରେ କଷ୍ଟିକ୍ ସୋଡ଼ା ଉପରେ ଏକ ନିବନ୍ଧ ବିଜ୍ଞାନ ପତ୍ରିକାରେ ପ୍ରକାଶ କରିଥିଲେ। ୧୮୨୦ ମସିହା ସୁଦ୍ଧା ସେ ୩୭ଟି ମୌଳିକ ଗବେଷଣାତ୍ମକ ନିବନ୍ଧ ପ୍ରକାଶ କରି ନିଜର ବୈଜ୍ଞାନିକ ଆତ୍ମବିଶ୍ୱାସକୁ ପ୍ରମାଣିତ କରିଥିଲେ। ୧୮୧୬ ମସିହା ଜାନୁଆରୀ ମାସ ୧୭ ତାରିଖରେ ଫିଲୋସୋଫିକାଲ ସୋସାଇଟିରେ ପ୍ରଥମ ସାରଗର୍ଭକ ବକ୍ତୃତା ଦେଇ ଦେଶରେ ପ୍ରସିଦ୍ଧି ଲାଭ କଲେ। ୧୮୨୧ ମସିହା ଜୁନ ମାସ ୧୨ ତାରିଖ ଦିନ ଫାରାଡ଼େଙ୍କ ବିବାହ ସାରାହ ବର୍ଣ୍ଣଡ଼ଙ୍କ ସହିତ ହୋଇଥିଲା। ସୁଖପୂର୍ଣ୍ଣ ଦାମ୍ପତ୍ୟ ଜୀବନରେ ତାଙ୍କର ସନ୍ତାନ ନଥିଲେ। ସେ ପୁତୁରା ଓ ଝିଆରୀମାନଙ୍କୁ ନିଜ ପିଲା ଭଳି ଦେଖୁଥିଲେ। ୧୮୨୫ ମସିହାରେ ବେଇନକୁ ଆବିଷ୍କାର କରି ତାହାକୁ ତନ୍ନ ତନ୍ନ କରି ବିଶ୍ଳେଷଣ କରିଥିଲେ। ୧୮୨୩ ମସିହା ମେ' ମାସରେ ବୈଜ୍ଞାନିକମାନେ ରୟାଲ ସୋସାଇଟିର ସଭ୍ୟ ପାଇଁ ମାଇକେଲ ଫାରାଡ଼େଙ୍କ ନାମ ସୁପାରିସ କଲେ। ୧୮୨୩ ମସିହା ଡ଼ିସେମ୍ବରରେ ଫାରାଡ଼େ ଗୋଟିଏ ବିଦ୍ୟୁତ୍ ବାହୀ ତାରର ଗୁଣ ଚୁମ୍ବକର ଗୁଣ ସହ ସମାନ ରହୁଛି, ଏହାକୁ ଯଦି ମୁକ୍ତ ଭାବରେ ଝୁଲାଇ ରଖିବା, ଏହା ଉତର ଓ ଦକ୍ଷିଣ ଦିଗକୁ ମୁହଁ କରି ରହିବ, ତାଙ୍କର ସାଧନା ପରିଶ୍ରମ ଓ ଅଧ୍ୟବସାୟ ଯୋଗୁ ସେ ୩୩ ବର୍ଷ ବୟସରେ ୧୮୨୫ ମସିହା ଫେବୃଆରୀ ୭ ତାରିଖରେ ରୟାଲ୍ ଇନ୍‌ଷ୍ଟିଚ୍ୟୁସନ୍‌ରେ ନିର୍ଦ୍ଦେଶକ ପଦରେ ଯୋଗ ଦେଇଥିଲେ। ୧୮୨୫ରୁ ୧୮୬୨ ମଧ୍ୟରେ ସେ ଏକଶହରୁ ଅଧିକ ବକ୍ତୃତା ଦେଇଥିଲେ। ଶିଳ୍ପ ଅନୁଷ୍ଠାନକୁ ଦେଉଥିବା ପରାମର୍ଶ ଓ ସାହାଯ୍ୟ ଦ୍ୱାରା ରୟାଲ ଇନିଷ୍ଟିଚ୍ୟୁସନ୍‌ର ଆୟ ବୃଦ୍ଧି ଘଟିଥିଲା। ୧୮୩୧ ମସିହାରେ ଅଗଷ୍ଟ ମାସ ୨୯ ତାରିଖରେ ଫାରାଡ଼େ ବିଦ୍ୟୁତ୍ ଚୁମ୍ବକୀୟ ପ୍ରେରଣା ତତ୍ତ୍ୱ ଆବିଷ୍କାର ସହ ଏକ ସଙ୍ଗରେ ଟ୍ରାନ୍ସଫର୍ମର ଓ କିଛିଦିନ ପରେ ଡ଼ାଇନାମୋର ଉଦ୍ଭାବନ କରିଥିଲେ। ବ୍ରିଟେନର ପ୍ରଧାନମନ୍ତ୍ରୀ ସାର ରବର୍ଟ ପିଲ୍ ଫାରାଡ଼େଙ୍କ ବିଜ୍ଞାନ ପ୍ରତି



ଅବଦାନ ଯୋଗୁଁ ତାଙ୍କୁ ପେନ୍‌ସନ୍ ଦେବାକୁ ଘୋଷଣା କରିଥିଲେ। କିନ୍ତୁ ପେନ୍‌ସନ୍ ମିଳିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଲଡ଼ ମେଲବୋର୍ଣ୍ଣ ପେନ୍‌ସନ୍ ଦେବେନାହିଁ, ପରେ ପ୍ରଧାନମନ୍ତ୍ରୀ କ୍ଷମା ମାଗି ପେନ୍‌ସନ୍ ବ୍ୟବସ୍ଥା କରିଥିଲେ।

ସେ ନିଜ ଚେଷ୍ଟା ଓ ପରିଶ୍ରମ ବଳରେ ବିଦ୍ୟାଳୟ ଶିକ୍ଷା ଶେଷ କରି ମଧ ପୃଥିବୀର ଜଣେ ବିଶିଷ୍ଟ ବୈଜ୍ଞାନିକ ହୋଇ ପାରିଥିଲେ। ସେ ବିଦ୍ୟୁତ୍ ମୋଟର, ଜେନେରେଟର ଓ ଟ୍ରାନ୍ସଫର୍ମରର ସୂତ୍ର ଆବିଷ୍କାର କରିବା ପରେ ବ୍ୟାବସାୟିକ ନିର୍ମାଣ ପ୍ରତି ଦୃଷ୍ଟି ଦେଇନଥିଲେ। ସେ ବଳରେଖା ସମ୍ବନ୍ଧରେ ଏକ ପ୍ରବନ୍ଧ ପ୍ରକାଶ କରିଥିଲେ। ତାଙ୍କ ଦ୍ୱାରା ରଚିତ Experimental Researches in chemistry and physics Gaõ The Chemical History of a Candal ପୁସ୍ତକ ଗୁଡ଼ିକ ବିଜ୍ଞାନ ସାହିତ୍ୟକୁ ଅମର ଅବଦାନ।

ମାଇକେଲ ଫାରାଡ଼େଙ୍କର ମହାପ୍ରୟାଣ ୧୮୬୭ ମସିହା ଅଗଷ୍ଟ ମାସ ୨୫ ତାରିଖରେ ହୋଇଥିଲା, କିନ୍ତୁ ତାଙ୍କର ବିଦ୍ୟୁତ୍ ପ୍ରଯୁକ୍ତି ବିଦ୍ୟାର ଅବଦାନକୁ ସାରା ସଂସାର ବିଦ୍ୟୁତ୍ ବିଜ୍ଞାନର ଜନକ ଭାବରେ ମନେରଖିବ।

## ଆଇଚର ଟ୍ରକ ଦୁର୍ଘଟଣାଗ୍ରସ୍ତ, ୫ ଆହତ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ୧୬ ନଂ ଜାତୀୟ ରାଜପଥ ଶଙ୍ଖାରୀଡିହ ନିକଟରେ ମଙ୍ଗଳବାର ଭୋର ସମୟରେ ଏକ ଆଇଚର ଗାଡି ରାସ୍ତା କଡରେ ଛିଡା ହୋଇଥିବା ଏକ ଟ୍ରକକୁ ଧକ୍କା ଦେଇ ତଳକୁ ଖସିପଡିବା ଫଳରେ ୫ଜଣ ଗୁରୁତର ଆହତ ହୋଇଛନ୍ତି । ସୂଚନା ମୁତାବକ କଲିକତା ଅଂଚଳର କିଛି କୁକୁଡା ବ୍ୟବସାୟୀ ଏକ ଆଇଚର ଗାଡିରେ କୁକୁଡା ଆଣିବା ପାଇଁ ବାଲିଚନ୍ଦ୍ରପୁର ଥାନା ଚାରିଲଙ୍ଗଳ ଅଂଚଳକୁ ଯାଉଥିଲେ । ତେବେ ସଙ୍ଖାରୀଡିହ ନିକଟରେ ଆଇଚର ଗାଡିର ଡ୍ରାଇଭର ଭାରସାମ୍ୟ ହରାଇ ରାସ୍ତା କଡରେ ଛିଡା ହୋଇଥିବା ଏକ ଟ୍ରକକୁ ପଛପଟୁ ଧକ୍କା ଦେଇ ୧୦ ଫୁଟ ତଳେ ଥିବା ବାଇପାସ ରାସ୍ତା ଉପରେ ଖସିପଡିଥିଲା । ଫଳରେ ଆଇଚର ଗାଡିରେ ବସିଥିବା କଲିକତା ଅଂଚଳର ତବିର ଗାଜି (୨୪), ହାଫିଜୁଲ ଫକିର (୩୦), ଅମିରୁଲ ଫକିର (୩୩) ଓ ଅନ୍ୟ ୨ଜଣ ଗୁରୁତର ଭାବେ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଏମାନଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଏନେଇ ଧର୍ମଶାଳା ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଚଳାଇଛି ।


## ଜାରକା ଶିଳ୍ପାଂଚଳରୁ ବାଇକ ଚୋରି

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ଶିଳ୍ପାଂଚଳରୁ ଏକ ବାଇକ ଚୋରୀ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ସୂଚନା ମୁତାବକ ଜାରକା ପଣ୍ଡୁଆ ଅଂଚଳରେ ଭଡା ଘରେ ରହୁଥିବା ବିଜୟ କୁମାର ସାମଲ ଘର ଆଗରେ ନିଜର ଓଆର-୦୪-ଏନ-୮୯୬୨ ନଂ ବାଇକ ଗାଡି ରଖିଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ବାଇକକୁ ଚୋରି କରି ନେଇଥିଲେ । ଏନେଇ ସେ ଧର୍ମଶାଳା ଥାନାରେ ଅଭିଯୋଗ କରିଥିବା ବେଳେ ପୁଲିସ ଘଟଣା ସ୍ଥଳରେ ପହଁଚି ସିସିଟିଭି ଫୁଟେଜ ଯାଂଚ କରିଛି । ଜଣେ ଅଭିଯୁକ୍ତ ବାଇକଟିକୁ ଚୋରି କରି ନେଉଥିବା ସିସିଟିଭିରେ ଦେଖିବାକୁ ମିଳିଛି । ଖୁବଶିଘ୍ର ଚୋରୀ ବାଇକକୁ ଉଦ୍ଧାର କରାଯିବ ବୋଲି ପୁଲିସ ସୂଚନା ଦେଇଛି ।

## ସାପ କାମୁଡାରେ ବୃଦ୍ଧାଙ୍କ ମୃତ୍ୟୁ

ଖୋର୍ଦ୍ଧା (ପିଏନ୍)- ବେଗୁନିଆ ଥାନା ଅନ୍ତର୍ଗତ ଛିମାପଲ୍ଲୀ ଗ୍ରାମରେ ଶୁକ୍ରବାର ଦିନ ବିଳମ୍ବିତ ରାତ୍ରିରେ ଜନୈକ ବୃଦ୍ଧା ପରିଶ୍ରା କରିବା ପାଇଁ ବାଡିପଟକୁ ଯାଇଥିବା ବେଳେ ଏକ ବିଷାକ୍ତ ସାପ ଦଂଶନ କରିଦେଇଥିଲା। ଏ ନେଇ ପରିବାର ଲୋକମାନେ ତୁରନ୍ତ ଚିକିତ୍ସା ନିମିତ ୧୦୮ ଆମ୍ବୁଲାନସ ଯୋଗେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଉଥିବା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା । ଏଥିରେ ଡାକ୍ତର ମୃତ ଘୋଷଣା କରିବାରୁ ବେଗୁନିଆ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତକ ବୃଦ୍ଧା ଜଣକ ହେଉଛନ୍ତି ଝରି ଦେଇ (୬୦)।

## ମା ଦୁର୍ଗା ୟୁଥ କମ୍ବାଇନ୍ସ ପକ୍ଷରୁ ଚ଼ତୁର୍ଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ





ପାରାଦୀପ,(ପି.ଏନ): ମା ଦୁର୍ଗା ୟୁଥ୍ କମ୍ବାଇନ୍ସ ତରଫରୁ ଚ଼ତୁର୍ଥ କ୍ରିକେଟ ଟୋର୍ଣ୍ଣମେଣ୍ଟ ଗତ ୦୯ ଏବଂ ୧୦ ରିଖରେ ପାରାଦୀପ ମଧୁବନ ସ୍ଥିତ ଦୁର୍ଗା ମଣ୍ଡପ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପାରାଦୀପ ପୌରପାଳିକା ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ,ଶ୍ରମିକ ନେତା ରାକେଶ ପଟ୍ଟନାୟକ , ନୃସିଂହ ଶତପଥୀ , ଆଇନଜୀବୀ ଗତିକୃଷ୍ଣ ଶତପଥୀ,କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଲୋକନାଥ ମହାରଥୀ ,ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲର ଡିଜିଏମ ବିଶ୍ୱଜିତ୍ ମିଶ୍ର,୧୨ ନମ୍ବର ୱାର୍ଡ ର ପାରିଷଦ ପ୍ରତାପ ଚ଼ନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ । ଟୁର୍ଣ୍ଣାମେଣ୍ଟ ର ଅନ୍ତିମ ଦିନରେ ବିଜେତା ପାରାଦୀପଗଡ ର ଶ୍ରୀରାମ ୧୧ ଦଳ କୁ ୨୫ ହଜାର ୫୫୫ ଟଙ୍କାର ଅର୍ଥରାଶି ଏବଂ ଉପବିଜେତା ପାରାଦୀପ ୧୧ ଟିମ୍ କୁ ୧୫ ହଜାର ୫୫୫ ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ଶେଷରେ ମା ଦୁର୍ଗା ୟୁଥ କମ୍ବାଇନ୍ସ ଓ ନିଶା ମୁକ୍ତି ଅଭିଯାନର ପୁରୋଧା ଆଇନଜୀବୀ ଗତିକୃଷ୍ଣ ଶତପଥୀ ସମସ୍ତ ଯୁବ ଗୋଷ୍ଠୀ ଙ୍କୁ ନିଶା ସେବନ ଠାରୁ ଦୁରେଇ ରହିବା ପାଇଁ ଆହ୍ୱାନ ଦେଇଥିଲେ।

## ସ୍ୱୟଂସହାୟକ ଗୋଷ୍ଠୀ ଅର୍ଥ ହଡପ କରି ଫେରାର ଥିବା ବ୍ୟାଙ୍କ ମିତ୍ର ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଏଣ୍ଡଲବା ପଂଚାୟତର ୬୦ରୁ ଉର୍ଦ୍ଧ୍ୱ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କଠାରୁ ଲକ୍ଷାଧିକ ଟଙ୍କା ହଡପ କରି ଫେରାର ଥିବା ବ୍ୟାଙ୍କ ମିତ୍ରକୁ ଗତକାଲି ପୁଲିସ ଗିରଫ କରିଛି । ସୂଚନା ମୁତାବକ କବାଟବନ୍ଧସ୍ଥିତ ଗ୍ରାମ୍ୟବ୍ୟାଙ୍କର ବ୍ୟାଙ୍କ ମିତ୍ର ଇନ୍ଦୁମତି ପୃଷ୍ଟିଙ୍କ ମାଧ୍ୟମରେ ଏଣ୍ଡଲବା ପଂଚାୟତର ବ୍ୟାଙ୍କରୁ ଋଣ ନେଇଥିବା ସ୍ୱୟଂସହାୟକ ଗୋଷ୍ଠୀ ଋଣ ପରିଶୋଧ କରିଥିଲେ । ହେଲେ ବ୍ୟାଙ୍କ ମିତ୍ର ଏହି ଟଙ୍କାକୁ ବ୍ୟାଙ୍କରେ ଜମା ନକରି ହଡପ କରିନେଇଥିଲେ। ଏହି ଘଟଣା ଜଣାପଡିବା ପରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ବ୍ୟାଙ୍କ ପରିଚାଳିକାଙ୍କୁ ଭେଟି ଅବଗତ କରାଇଥିଲେ । ବ୍ୟାଙ୍କ ମିତ୍ର ଇନ୍ଦୁମତୀ ଏହା ଜାଣିବା ପରେ କେଉଁଆଡେ ଫେରାର ହୋଇଯାଇଥିଲେ। ଏଥିନେଇ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଜେନାପୁର ଥାନାରେ ଅଭିଯୋଗ କରିଥିଲେ। ଜେନାପୁର ପୁଲିସ ଏକ ମାମଲା ରୁଜୁ କରି ଗତକାଲି ରାତିରେ ଇନ୍ଦୁମତୀ ଘରେ ଚଢାଉ କରି କିଛି କାଗଜପତ୍ର ଜବତ କରିଥିଲେ। ହେଲେ ଫେରାର ବ୍ୟାଙ୍କ ମିତ୍ର ଇନ୍ଦୁମତି ଥାନାରେ ଆତ୍ମସମର୍ପଣ କରିଥିଲେ । ପୁଲିସ ତାଙ୍କୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୪, ଅପ୍ରେଲ ୧୩**

# ଉଲ୍ଲାସ ଜନଜୀବନରେ ମହାବିଷୁବ ସଂକ୍ରାନ୍ତି


ଯଶସ୍ୱିନୀ ପଟ୍ଟନାୟକ

ଭାରତୀୟ ସଂସ୍କୃତିରେ ଜୀବନର ପ୍ରତ୍ୟେକ କ୍ଷଣ ପର୍ବ, ଉତ୍ସବ ଏବଂ ଆନନ୍ଦ ଉଲ୍ଲାସରେ ପରିପୂର୍ଣ୍ଣ । ଏହି ପର୍ବ ସମ୍ପୂର୍ଣ୍ଣ ସଂସ୍କୃତିକୁ ନେତୃତ୍ୱ ଦେଇଥାଏ । ଜନଜୀବନରେ ଉଲ୍ଲାସ ଭରିଦିଏ । ବ୍ୟଷ୍ଟି ଓ ସମଷ୍ଟି ମଧ୍ୟରେ ଏକତା ସୃଷ୍ଟିକରେ । ମିଳିତ ଭାବରେ ଆନନ୍ଦ ଉଲ୍ଲାସରେ ସମସ୍ତେ ମାତି ଯାଆନ୍ତି । ଖୁସୀ ମନାନ୍ତି । କାରଣ ମନୁଷ୍ୟ ସର୍ବଦା ଆନନ୍ଦର ସନ୍ଧାନୀ । ତାର ସ୍ୱରୂପ ମଧ୍ୟ ସଚ୍ଚିଦାନନ୍ଦ । ପର୍ବର ଅର୍ଥ ସନ୍ଧିକାଳ । ହିନ୍ଦୁପର୍ବ ସାଧାରଣତଃ ସନ୍ଧି ସମୟରେ ପଡ଼ିଥାଏ । ପୂର୍ଣ୍ଣିମା ଅମାବାସ୍ୟା ଇତ୍ୟାଦି ସୂର୍ଯ୍ୟ ସଂକ୍ରମଣରେ ପରିବର୍ତ୍ତନ ହେବାରୁ ସଂକ୍ରାନ୍ତି ମଧ୍ୟ ବଡ଼ ପର୍ବରୂପରେ ପାଳନ କରାଯାଇଥାଏ । ମହାବିଷୁବ ସଂକ୍ରାନ୍ତି ଠାରୁ ବର୍ଷ ଆରମ୍ଭ ହେଉଥିବାରୁ ସେ ଦିନ ଦେବଦେବୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ଭୋଗ, ପୂଜା, ହୋମ ଇତ୍ୟାଦି କରାଯାଏ । ସୂର୍ଯ୍ୟ ସକଳ ଶକ୍ତିର ଆଧାର ଓ ଆଲୋକର ଉତ୍ସ ଏବଂ ସୃଷ୍ଟିରେ ସକଳ ଜୀବଜନ୍ତୁ ଓ ବୃକ୍ଷଲତା ତାଙ୍କ ଦ୍ୱାରା ଜୀବନ ଧାରଣ କରୁଥିବାରୁ ହିନ୍ଦୁଧର୍ମରେ ସୂର୍ଯ୍ୟଙ୍କୁ ପୂଜା କରାଯାଇଥାଏ । ମହାବିଷୁବ ସଂକ୍ରାନ୍ତି ହିନ୍ଦୁ ଧାର୍ମିକ ପରମ୍ପରାରେ ଏକ ବିଶିଷ୍ଟ ପର୍ବ । ଏହି ପର୍ବ ଆମର ସାମାଜିକ, ଆଧ୍ୟାତ୍ମିକ ଏବଂ ପାରିବାରିକ ଭିତ୍ତିଭୂମିକୁ ସୁଦୃଢ଼ କରୁଥିବା ବିଶ୍ୱାସ କରାଯାଏ । ଓଡ଼ିଶା ସମେତ ଭାରତବର୍ଷର ଏକାଧିକ ଅଞ୍ଚଳରେ ଏହାକୁ ଭିନ୍ନ ଭିନ୍ନ ନାମରେ ପାଳନ କରାଯାଏ । ଯେଉଁ ଯେଉଁ ସଂପ୍ରଦାୟ ଏହାକୁ ପାଳନ କରନ୍ତି, ସେମାନେ ଏହାକୁ ବର୍ଷର ପ୍ରଥମ ଦିନ ଭାବେ ଗ୍ରହଣ କରିଛନ୍ତି । ଓଡ଼ିଶାରେ ଏହାକୁ କୁହାଯାଏ ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି । ଏହା ହେଉଛି ଓଡ଼ିଆ ନବବର୍ଷର ପ୍ରଥମ ଦିନ । ଏହି ଦିନ ନୂଆ ପାଞ୍ଜି ଗ୍ରହଣ କରାଯାଏ । ଜ୍ୟୋର୍ତିବିଜ୍ଞାନ ଅନୁଯାୟୀ ମହାବିଷୁବ ସଂକ୍ରାନ୍ତିରୁ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ଆରମ୍ଭ ହୁଏ । ସୂର୍ଯ୍ୟ, ବିଷୁବ ରେଖା ଉପରେ ଅବସ୍ଥାନ କରି କର୍କଟକ୍ରାନ୍ତି ଆଡ଼କୁ ଗମନ କରନ୍ତି । ଗ୍ରୀଷ୍ମ ଋତୁରେ ଜଳର ଅଭାବ ହୋଇଥାଏ । ତେଣୁ ଜଳଦାନକୁ ଶ୍ରେଷ୍ଠ ଦାନବୋଲି ବିଚାର କରି ପଣାସଂକ୍ରାନ୍ତି ଠାରୁ ପଥିକର ତୃଷ୍ଣା ନିବାରଣ ନିମିତ୍ତ ଜଳଛତ୍ର କରାଯାଏ । ଏହିଦିନ ପ୍ରତି ଗୃହରେ ତୁଳସୀ ଚଉରା ଉପରେ ଘଡ଼ିରେ ପାଣି ଦିଆଯାଏ । ଯଦ୍ୱାରା ତୁଳସୀ ବୃକ୍ଷ ଜଳପାଇ ବଞ୍ଚିରହିବ । ତୁଳସୀ ଗଛଟିକୁ ବଞ୍ଚାଇ ରଖିବାର ପଛରେ ଗୋଟିଏ ସୁନ୍ଦର ତତ୍ତ୍ୱ ନିହିତ ଅଛି । ସଂସାରରେ ଯେତେ ତରୁ-ତୃଣ ଅଛନ୍ତି ସମସ୍ତଙ୍କୁ ତ ବଞ୍ଚାଇ ହେବନି, ତେଣୁ ଅନ୍ତତଃ ଛୋଟିଆ ଗଛ ତୁଳସୀକୁ ପାଣିଟୋପାଏ ଦେଇ ବଞ୍ଚାଇ ରଖିବା ଉଚିତ୍ । ତା'ଛଡ଼ା ତୁଳସୀ ଗଛକୁ ଆମେ ଦେବତା ଭାବରେ ପୂଜାକରୁ ଏବଂ ତୁଳସୀ ଆମର ଅନେକ ଉପକାରରେ ଆସିଥାଏ ମଧ୍ୟ । ତେଣୁ ଯେତେ ବଡ଼ ବଡ଼ ଗଛଲତା ପ୍ରାଣୀ ସମୂହ ଅଛନ୍ତି ସମସ୍ତଙ୍କୁ ଜଳ ଯୋଗାଇ ନପାରିଲେ ନାହିଁ, ବରଂ ଆମେ ସବୁଦିନ ସକାଳୁ ସଂଜଯାଏ ଯୋଉ ତୁଳସୀର ଦର୍ଶନ ପାଉ ସେଇ ତୁଳସୀକୁ ବଞ୍ଚାଇ ରଖିବାକୁ ଏ ସୁବ୍ୟବସ୍ଥା କରିଥାଉ । ଚଉରା ଉପରେ ନଡ଼ିଆପତ୍ର ଡାଳ ଦେଇ ଛାମୁଣ୍ଡିଆ ତିଆରିକରୁ ପୁଣି ପାଣି ମଧ୍ୟ ଦେଇଥାଉ । ପଣାସଂକ୍ରାନ୍ତି ଠାରୁ ବାୟୁର ଗତି ପ୍ରଖର ହୁଏ । ଅଗ୍ନିଓ ବାୟୁର ପ୍ରକୋପରୁ ରକ୍ଷାପାଇବା ନିମନ୍ତେ ହନୁମାନଙ୍କୁ ପ୍ରାର୍ଥନା କରି ତାଙ୍କ ଜୟନ୍ତୀ ପାଳନ କରାଯାଏ । ସୂର୍ଯ୍ୟ କର୍କଟ କ୍ରାନ୍ତିରେ ରହରହିବାରୁ ସୂର୍ଯ୍ୟଙ୍କର ତାପ ପ୍ରଖର ହୁଏ । ପଣା ସଂକ୍ରାନ୍ତି ସମୟକୁ ସୂର୍ଯ୍ୟଙ୍କର କିରଣ ବୃଦ୍ଧି ହୋଇଥାଏ । ଏହି ସମୟରେ ପ୍ରତ୍ୟେକ ଦେବଦେବୀ ମନ୍ଦିରରେ ଛତୁ ଓ ବେଲପଣା ଭୋଗ କରାଯାଏ । ବେଲ ଗ୍ରୀଷ୍ମଋତୁର ଫଳ ଏବଂ ବେଲରେ ମଧ୍ୟ ବହୁ ଔଷଧୀୟଗୁଣ ରହିଛି । ଗ୍ରୀଷ୍ମରେ ବେଲପଣା ପିଇଲେ ଅଂଶୁଘାତ, ବଦହଜମି ଭଳି ଗୁରୁତ୍ୱପୂର୍ଣ୍ଣରୋଗ ହୁଏନାହିଁ । ହେଲେ ଆଜିକାଲି ଅନେକ ଲୋକ ଅଛନ୍ତି ବେଲପଣା ବଦଳରେ ଥଣ୍ଡାପାନୀୟ ଗ୍ରହଣ କରନ୍ତି । ପୁନଶ୍ଚ ପଣା ସହିତ ଗ୍ରୀଷ୍ମ ଋତୁର ଯୋଗାଇବା, ନିରୋଗ ରଖିବା ସହିତ ମାନସିକ ସ୍ତରରେ ଶାନ୍ତି ମଧ୍ୟ ପ୍ରଦାନ କରିଥାଏ । ହେଲେ ଆଜି ଅନେକ ଲୋକ ତେଲଛଣା ଜିନିଷକୁ ପସନ୍ଦ କରନ୍ତି । ଫଳରେ ଏ ସବୁ ଖାଦ୍ୟ ସ୍ୱାସ୍ଥ୍ୟ ହାନୀର କାରଣ ହୋଇଥାଏ । ଖରାଦିନିଆ ଫଳରେ ପ୍ରସ୍ତୁତ ପଣା ଓ ଛତୁଆ ଶରୀରକୁ ନିରୋଗ ରଖିଥାଏ । ତେଣୁ ବୋଧହୁଏ ଏହି ସଂକ୍ରାନ୍ତିର ଅନ୍ୟନାମ ପଣାସଂକ୍ରାନ୍ତି । ପଣ୍ଡିତମାନଙ୍କର ମତରେ ଏହି ଦିନ ହନୁମାନଙ୍କୁ ପୂଜାର୍ଚ୍ଚନା କଲେ ସୂର୍ଯ୍ୟ ଓ ପବନ ଦେବତା ସନ୍ତୁଷ୍ଟ ହେବେ ଓ ଜନସମାଜ ଖୁସିରେ ରହିବେ । ପଞ୍ଜାବ ଏବଂ ହରିୟାଣାରେ ମଧ୍ୟ ଏହା ବର୍ଷର ପ୍ରଥମ ଦିନ । ସେମାନେ ଏହି ଦିନରେ ପାଳନ୍ତି ବୈଶାଖୀ । ଅହମୀୟଙ୍କ ପାଇଁ ଏହା ବୋହାଗ ବିହୂ ବା ହାଟ ବିହୂ ଏବଂ ବାଙ୍ଗଲା ଭାଷୀଙ୍କ ପାଇଁ ପଏଲା ବୈଶାଖୀ । ବିହାରୀ, ତାମିଲ ଓ କେରଳୀ ପରମ୍ପରାରେ ଏହା ଯଥାକ୍ରମେ ବୈଶାଖ ପୁଥାଣ୍ଡୁ ଓ ବିଷୁ । ମିୟାଁମାର, କାମ୍ବୋଡ଼ିଆ, ଲାଓସ, ନେପାଳ, ସିଂହଳ ଓ ଥାଇଲାଣ୍ଡରେ ମଧ୍ୟ ଏହା ପାଳିତ ହେଉଥିବା ଜଣାଯାଏ । ଏହି ଅବସରରେ ବିଭିନ୍ନ ସଂପ୍ରଦାୟ ଭିନ୍ନ ଭିନ୍ନ ଦେବଦେବୀଙ୍କୁ ପୂଜା କରୁଥିବା ପ୍ରକାଶ । ଓଡ଼ିଶାରେ ଏହାକୁ ହନୁମାନଙ୍କ ଜୟନ୍ତୀ ଭାବେ ଗ୍ରହଣ କରାଯାଇଛି । ବିଷୁବରେ ବିହାରରେ ସୂର୍ଯ୍ୟପୂଜା, ପଶ୍ଚିମବଙ୍ଗରେ ମହାଲକ୍ଷ୍ମୀ ଓ ଶ୍ରୀଗଣେଶ, କେରଳରେ ଶ୍ରୀକୃଷ୍ଣ ଏବଂ ଆସାମରେ ଗୋପୂଜନ ହେଉଛି ପରମ୍ପରା । ପଞ୍ଜାବ ହରିୟାଣାରେ ଏହା କୃଷି ପର୍ବ । ନାନକଶାହୀ କ୍ୟାଲେଣ୍ଡର ଅନୁଯାୟୀ ପ୍ରତି ବର୍ଷ ଏପ୍ରିଲ ୧୩ ତାରିଖରେ ବୈଶାଖୀ ପାଳନ କରାଯାଏ । ବିଷୁବ ସଂକ୍ରାନ୍ତି ବୌଦ୍ଧଙ୍କ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଏହି ଦିନରେ ଗୌତମ ବୁଦ୍ଧଙ୍କୁ ନିର୍ବାଣପ୍ରାପ୍ତ ହୋଇଥିଲା । ୧୮୭୫ ମସିହା ଏହି ଦିନରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଆର୍ଯ୍ୟ ସମାଜ ପ୍ରତିଷ୍ଠା କରିଥିଲେ । ପ୍ରତ୍ୟେକ ସଂକ୍ରାନ୍ତି ବ୍ରତରେ ସୂର୍ଯ୍ୟଙ୍କର ପୂଜା କରାଯାଏ । ଶାସ୍ତ୍ରରେ ଅଛି ଯେଉଁମାନେ ଏ ବ୍ରତ ପାଳନ କରନ୍ତି ସେମାନଙ୍କର ଆୟୁ, ଯଶ, ସମ୍ମାନ ବୃଦ୍ଧି ହୁଏ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ ପ୍ରତ୍ୟେକ ମନୁଷ୍ୟ ବ୍ରହ୍ମରନ୍ଧ୍ର ଦେଇ ସୂର୍ଯ୍ୟଙ୍କ ସହିତ ଯୁକ୍ତ । ତେଣୁ ମୃତ୍ୟୁ ସମୟରେ ଏହିବାଟ ଦେଇ ଗଲେ ତାର ପୁନର୍ଜନ୍ମହୁଏନା । ତେଣୁ ମହାବିଷୁବ ସଂକ୍ରାନ୍ତି ବିଶେଷ କରି ଉତ୍କଳର ଏକ ବିଶିଷ୍ଟ ପୂର୍ବରୂପେ ପରିଚିତ ।

*ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,*
*ସେକ୍ଟର-୮, ସିଡିଏ, କଟକ,*

# ଶ୍ରୀରାମ ନବମୀ ଓ ରୁକୁଣା ରଥଯାତ୍ରା


ତପନ କୁମାର ପାଲ

ଅଶୋକାଷ୍ଟମୀ ପରଦିନ ଅର୍ଥାତ୍ ଚୈତ୍ରମାସର ନବମୀ ତିଥିକୁ ରାମ ନବମୀ ଭାବେ ହିନ୍ଦୁମାନେ ପାଳନ କରିଥାଆନ୍ତି। ପୌରାଣିକ କଥାବସ୍ତୁ ଅନୁଯାୟୀ, ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମ ଏହି ଚୈତ୍ରମାସ ନବମୀ ତିଥିରେ ଜନ୍ମଗ୍ରହଣ କରିଥିଲେ। ଅଯୋଧାର ରଘୁବଂଶୀୟ ରାଜା ଦଶରଥଙ୍କର ତିନିରାଣୀ କୌଶଲ୍ୟା, କୈକେୟୀ ଓ ସୁମିତ୍ରା ମନ୍ତ୍ରିତ ଚରୁଅନ୍ନ (ଖିରି) ଭକ୍ଷଣ କରିବା ପରେ ସେମାନଙ୍କ ଗର୍ଭରୁ ଚାରିପୁତ୍ର ଜନ୍ମ ଗ୍ରହଣ କଲେ। ସେମାନଙ୍କ ମଧ୍ୟରୁ ଜ୍ୟେଷ୍ଠପୁତ୍ର ରାମ ମାତା କୌଶଲ୍ୟାଙ୍କ ଗର୍ଭରୁ, ମାତା କୈକେୟୀଙ୍କ ଗର୍ଭରୁ ଭରତ ଓ ମାତା ସୁମିତ୍ରାଙ୍କ ଗର୍ଭରୁ ଲକ୍ଷ୍ମଣ, ଶତ୍ରୁଘ୍ନ ଜନ୍ମଗ୍ରହଣ କରିଥିଲେ। ରାଜା ଦଶରଥ ମଧ୍ୟମା ରାଣୀ କୈକେୟୀଙ୍କୁ ଅଧିକ ଭଲ ପାଉଥିଲେ ଓ ଏହି ଭଲପାଇବା ବଦଳରେ ରାଣୀ କୈକେୟୀ ରାଜା ଦଶରଥଙ୍କ ଠାରୁ ତିନୋଟି ବର ପ୍ରଦାନ କରିବାକୁ ଶପଥ କରାଇ ନେଇଥିଲେ।

ଅଯୋଧାର ପ୍ରଥା ଓ ପରମ୍ପରା ଅନୁସାରେ, ଯେଉଁଦିନ ଦଶରଥ ନିଜର ଜ୍ୟେଷ୍ଠପୁତ୍ର ରାମଙ୍କୁ ଅଯୋଧାର ରାଜା ହେବା ପାଇଁ ଚାହିଁଲେ ସେତେବେଳେ ଦାସୀ ମନ୍ଥରା କଥାରେ ପଡ଼ି କୈକେୟୀ ଦଶରଥଙ୍କୁ ତାଙ୍କର ପୂର୍ବ ବର ମାଗିଥିଲେ। ପ୍ରଥମ ବର ଅନୁସାରେ ଅଯୋଧାର ରାଜା ତାଙ୍କ ପୁତ୍ର ଭରତ ହେବ, ଦ୍ୱିତୀୟ ବର ଥିଲା ରାମ ଚଉଦ ବର୍ଷ ବନବାସ ଯିବେ ଓ ତୃତୀୟ ବର ମାଗିଥିଲେ ଏହି ସମୟ ଅବଧିରେ ରାମ ରାଜପୋଷାକ ପରିତ୍ୟାଗ ପୂର୍ବକ ଗୈରିକ ବସନ ପିନ୍ଧି କାଳାତିପାତ କରିବେ। ପିତୃସତ୍ୟ ପାଳନ କରି ରାଜା ରାମ ପତ୍ନୀ ସୀତା, ଭ୍ରାତା ଲକ୍ଷ୍ମଣଙ୍କ ସହ ବନବାସ ଗଲେ। ଲଙ୍କାର ରାଜା ରାବଣ ସୀତାଙ୍କୁ ଅପହରଣ କରି ନେବା ପରେ ରାମ ରାବଣ ଯୁଦ୍ଧ ହେଲା। ଯୁଦ୍ଧରେ ଅସୁର ଶକ୍ତିର ନିଧନ ପାଇଁ ପ୍ରଭୁ ଶ୍ରୀରାମ ମାତା ଦୁର୍ଗାଙ୍କର ଶରଣାପନ୍ନ ହେଲେ। ନୀଳକମଳ ପ୍ରିୟା ଦୁର୍ଗାଙ୍କୁ ସନ୍ତୁଷ୍ଟ କରିବା ପାଇଁ ପ୍ରଭୁ ଶ୍ରୀରାମଙ୍କୁ ନୀଳପଦ୍ମର ଆବଶ୍ୟକତା ପଡ଼ିଲା। ମାତ୍ର ଶରତ କାଳରେ ପ୍ରସ୍ଫୁଟିତ ହେଉଥିବା ନୀଳପଦ୍ମ ଚୈତ୍ରମାସରେ ମିଳିବା ମଧ୍ୟ ଅସମ୍ଭବ। ତେବେ ରାମଙ୍କର ନୟନ ଦେଖିବାକୁ ନୀଳ। ତେଣୁ ତାଙ୍କୁ ରାଜୀବଲୋଚନ ବୋଲି ମଧ୍ୟ କୁହାଯାଏ। ମାତାଙ୍କ ପୂଜାରେ ବିଘ୍ନ ନଘଟାଇବା ପାଇଁ ରାମ ତାଙ୍କର ଗୋଟିଏ ଆଖିକୁ ତାଡ଼ିବାକୁ ଉଦ୍ୟତ ହୁଅନ୍ତେ ମାତା ଦୁର୍ଗା ଆବିର୍ଭୁତା ହୋଇ ତାଙ୍କୁ ଏଥିରେ ବାଧା ଦେଲେ ଓ ସେ ତାଙ୍କ ନିଷ୍ଠା ଭକ୍ତିରେ ସନ୍ତୁଷ୍ଟ ହୋଇ ରାବଣ ନିଧନର ଶସ୍ତ୍ର ପ୍ରଦାନ କଲେ। ରାବଣ ବଧ ହେଲା, ସୀତାଙ୍କୁ ରାବଣ କବଳରୁ ଉଦ୍ଧାର କରି ପ୍ରଭୁ ଶ୍ରୀରାମ ଅଯୋଧା ଫେରିଲେ। ତେଣୁ ଚୈତ୍ରମାସ ବା ବସନ୍ତ ସମୟରେ ମାତା ଦୁର୍ଗାଙ୍କର ଏହି ଆବିର୍ଭାବକୁ ବାସନ୍ତିକ ଦୁର୍ଗାପୂଜା ବା ବାସନ୍ତି ପୂଜା ନାମରେ ମହାସମାରୋହରେ ହିନ୍ଦୁମାନେ ପାଳନ କରିଥାଆନ୍ତି। ବିଷ୍ଣୁଙ୍କ ସପ୍ତମ ଅବତାର ପ୍ରଭୁ ରାମଚନ୍ଦ୍ର ସ୍ୱଇଚ୍ଛାରେ ଅଧର୍ମର ବିଲୋପ ଓ ରାବଣ ଆଦି ରାକ୍ଷସମାନଙ୍କୁ ସଂହାର କରିବାକୁ ପୃଥିବୀ ପୃଷ୍ଠରେ ଅବତରଣ କରିଥିଲେ। ଶ୍ରୀରାମ ତାଙ୍କ ଅବତାରରେ ସମ୍ପୂର୍ଣ୍ଣ ମାନବ ଜୀବନଯାପନ କରିଥିଲେ। ତେଣୁ ରାମନବମୀ ଉପଲକ୍ଷେ ନଅଦିନ ବ୍ୟାପୀ ଭଜନ କୀର୍ତ୍ତନ, ଅଖଣ୍ଡ ପାଠ ଆଦି କାର୍ଯ୍ୟକ୍ରମ ଜାରି ରହେ। ଏଥିସହ ରାମଚରିତ ମାନସ ଏବଂ ରାମଲୀଳା କାର୍ଯ୍ୟକ୍ରମ ମଧ୍ୟ ଗ୍ରାମାଞ୍ଚଳରେ ଦେଖିବାକୁ ମିଳେ।

ଶ୍ରୀମନ୍ଦିରରେ ରାମନବମୀ ନୀତି : ପବିତ୍ର ଶ୍ରୀରାମ ନବମୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀରାମଙ୍କ ଜନ୍ମନୀତି ଅନୁଷ୍ଠିତ ହୋଇଥାଏ। ନବମୀ ଦିନ ଠାକୁରମାନଙ୍କର ମଧ୍ୟାହ୍ନ ଧୂପ ନୀତି ଶେଷ ହେବା ପରେ ଜନ୍ମନୀତି ଅନୁଷ୍ଠିତ ହୋଇଥାଏ। ଦୁଇଜଣ ମହାଜନ ସେବକ ଦଶରଥ ଓ କୌଶଲ୍ୟା ହୋଇ ଜନ୍ମବିଧି ପାଳନ କରିଥାନ୍ତି। ଏହି ଗୁପ୍ତ ନୀତିକୁ କେହି ଯେପରି ଦେଖି ନପାରିବେ ସେଥିପାଇଁ ଗର୍ଭଗୃହରେ ଥିବା ଜୟବିଜୟ ଦ୍ୱାରକୁ ବନ୍ଦ କରାଯାଇଥାଏ। ଶ୍ରୀରାମ ଜନ୍ମ ହେବା ପରେ କର୍ପୁର ଆଳତି ବନ୍ଦାପନା ହୋଇ ମହାସୁଆର ଗଣ୍ଡୁସ ମସଲା, କ୍ଷୀର ମଣୋହୀ କରିଥାଆନ୍ତି। ଏହାପରେ ପଣ୍ଡା ଶୀତଳଭୋଗ କରାଇବା ସହ ମହାସୁଆର ଜୟବିଜୟ ଦ୍ୱାର ଠାରେବରୁଭାତ ମଣୋହୀ କରାଇଥାଆନ୍ତି।

ରୁକୁଣା ରଥଯାତ୍ରା : ଚୈତ୍ରମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ପାଳିତ ହୁଏ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପ୍ରସିଦ୍ଧ ରୁକୁଣା ରଥଯାତ୍ରା। କପିଳ ସଂହିତା, ଶିବପୁରାଣ ଓ ମତ୍ସ୍ୟ ପୁରାଣରେ ଏହି ରୁକୁଣା ରଥ ଯାତ୍ରା ସଂପର୍କରେ ଉଲ୍ଲେଖ ଅଛି। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଏହି ଦିନ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ରଥରେ ବସାଇ ମାଉସୀମା ମନ୍ଦିରକୁ ଟାଣି ନିଅନ୍ତି। ମାଉସୀମା ମନ୍ଦିରରେ ପ୍ରଭୁ ଶ୍ରୀଲିଙ୍ଗରାଜ ଚାରିଦିନ ରହି ପୁନଶ୍ଚ ମନ୍ଦିରକୁ ଫେରି ଆସନ୍ତି।

ମରିଚୀ କୁଣ୍ଡର ଜଳ : ରୁକୁଣା ରଥଯାତ୍ରା ଦିନ ପ୍ରଭୁ ଶ୍ରୀଲିଙ୍ଗରାଜ କେଦାର ଗୌରୀ ମନ୍ଦିରରେ ଥିବା ମରିଚୀକୁଣ୍ଡ ଜଳରେ ସ୍ନାନ କରିବାର ପରମ୍ପରା ରହିଆସିଛି। ମରିଚୀ କୁଣ୍ଡର ପ୍ରଥମ ଉଠାଣ ଜଳକୁ ପୂର୍ଣ୍ଣ ରହିଆସିଛି। ମରିଚୀ କୁଣ୍ଡର ପ୍ରଥମ ଉଠାଣ ଜଳକୁ ପୂର୍ଣ୍ଣ କଳସରେ ବୈଦିକ କର୍ମକାଣ୍ଡ ସହ ଉତ୍ତୋଳନ କରାଯାଏ ଏବଂ କପିଳେଶ୍ୱରଙ୍କ ଠାରୁ ଆଜ୍ଞାମାଳ ଆସିବା ପରେ ରଥ ପ୍ରତିଷ୍ଠା କାର୍ଯ୍ୟ ସଂପାଦିତ ହୋଇଥାଏ। ଏହି ଜଳ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ନାରୀ ସନ୍ତାନ କାମନା କରି ଏଠାରେ ସମବେତ ହୋଇଥାନ୍ତି। ରଥ ପ୍ରତିଷ୍ଠା ପାଇଁ ଜଳ ଉତ୍ତୋଳନ ପରେ ଏହି ଜଳ ନିଲାମ କରାଯାଇଥାଏ। ଏହି ଜଳ ପାନ କଲେ ନିଃସନ୍ତାନ ନାରୀମାନେ ସନ୍ତାନପ୍ରାପ୍ତିର ସୌଭାଗ୍ୟ ପାଇପାରନ୍ତି ବୋଲି ବିଶ୍ୱାସ ରହିଛି।

ଅଶୋକାଷ୍ଟମୀ : ଚୈତ୍ରମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିକୁ ଅଶୋକାଷ୍ଟମୀ କୁହାଯାଇଥାଏ। ଇତିହାସରୁ ଜଣାଯାଏ ମଗଧ ସମ୍ରାଟ ଅଶୋକଙ୍କ କଳିଙ୍ଗ ଆକ୍ରମଣ ଓ ଭୟଙ୍କର କଳିଙ୍ଗ ଯୁଦ୍ଧ ହେତୁ ସମ୍ରାଟ ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକରେ ରୂପାନ୍ତରିତ ହେବାର ଦିନଟି ଥିଲା ଏହି ଚୈତ୍ରମାସର ଅଷ୍ଟମୀ ତିଥି। ଶୋକ ନଥିବା ଅଷ୍ଟମୀ ତିଥି ବା ଅଶୋକ ଅଷ୍ଟମୀକୁ ଅଶୋକାଷ୍ଟମୀ ଭାବେ ପାଳନ କରାଯାଏ। ମାତ୍ର ମହାଭାରତୀୟ ଆଦ୍ୟଗ୍ରନ୍ଥ ରାମାୟଣରେ ଲିଖିତ ତଥ୍ୟାନୁସାରେ ଏହି ଦିନ ପ୍ରଭୁ ଶ୍ରୀରାମଙ୍କ ପ୍ରିୟ ଭକ୍ତ ବୀର ହନୁମାନ ଅଶୋକ ବନରେ ସୀତାଙ୍କୁ ଠାବ କରିଥିବାରୁ ଏହାକୁ ଅଶୋକାଷ୍ଟମୀ ବୋଲି ମଧ୍ୟ କହୁହାଯାଏ।

*ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ*
*କଲୋନୀ, ଦେଉଳ ସାହି,*
*ତୁଳସୀପୁର, କଟକ,*
*ଦୂରଭାଷ : ୯୯୩୭୬୫୮୩୬୨*

# ରାଷ୍ଟ୍ରପୁରୁଷ ଡ. ଆମ୍ବେଦକର


ସର୍ବେଶ୍ୱର ବେହେର

ଭାରତରତ୍ନ ଡ. ଭୀମରାଓ ଆମ୍ବେଦକର ସ୍ୱତନ୍ତ୍ରତା, ସମତା ଓ ସାମାଜିକ ନ୍ୟାୟ ଆଧାରିତ ସମାଜ ନିର୍ମାଣ କରିବା ପାଇଁ ଆଜୀବନ ପ୍ରଚେଷ୍ଟା କରିଥିଲେ । ସେଥିପାଇଁ ସେ ରାଜନୈତିକ ସ୍ୱାଧୀନତା ଠାରୁ ସାମାଜିକ ସ୍ୱାଧୀନତାକୁ ମହତ୍ୱ ଦେଇଥିଲେ । ଏଥିପାଇଁ ତତ୍କାଳିନ କୌଣସି ନେତା ତାଙ୍କୁ ସହଯୋଗ କରିନଥିବା ସମୟରେ ସେ ଏକୁଟିଆ ଏହି ମହାନ ଲକ୍ଷ୍ୟ ରଖି କାର୍ଯ୍ୟ କରୁଥିଲେ । ତାଙ୍କ ମତରେ ଦେଶରେ ରାଜନୈତିକ ସ୍ୱାଧୀନତା ପ୍ରାପ୍ତ କରିବା ସହଜ, କିନ୍ତୁ ସହସ୍ର ବର୍ଷ ଧରି ଭାରତୀୟ ସମାଜରେ ବ୍ୟାପ୍ତ ଅସ୍ପୃଶ୍ୟତା ଦୂର କରିବା ଅତ୍ୟନ୍ତ କଠୋର କାର୍ଯ୍ୟ । ଅସ୍ପୃଶ୍ୟତା ଦୂର କରିବା ରାଷ୍ଟ୍ରହିତ ପାଇଁ କେବଳ ଆବଶ୍ୟକ ନୁହେଁ, ମାନବ କଲ୍ୟାଣ ପାଇଁ ଗୁରୁତ୍ୱପୂର୍ଣ୍ଣ । ସେ ସର୍ବଦା କହୁଥିଲେ ଇଂରେଜମାନଙ୍କ କବଳରୁ ସ୍ୱାଧୀନ ହେବା ପାଇଁ ଯେପରି ସମସ୍ତେ ସଂଘର୍ଷ କରୁଛନ୍ତି, ସେହିପରି ସ୍ୱଦେଶୀ ବନ୍ଧୁ ତଥା ସାମାଜିକ ଓ ଆର୍ଥିକ ଦାସତ୍ୱରୁ ସ୍ୱାଧୀନ ହେବା ପାଇଁ ପ୍ରଚେଷ୍ଟା ଆବଶ୍ୟକ । ଏହି ଦୁଇ ପ୍ରକାର ସଂଘର୍ଷ କରିବା ଆବଶ୍ୟକ ।

ଦେଶଭକ୍ତିର ସଙ୍କଳ୍ପନା କେବଳ ରାଜନୈତିକ ସ୍ୱାଧୀନତା ମଧ୍ୟରେ ସୀମିତ ନୁହେଁ । ସାମାଜିକ ସ୍ୱତନ୍ତ୍ରତା ପାଇଁ ମଧ୍ୟ ପ୍ରଚେଷ୍ଟା ହେବା ଆବଶ୍ୟକ । ଡ. ଆମ୍ବେଦକର ନିଜର ସମଗ୍ର ଜୀବନ ଏହି ଯଜ୍ଞରେ ଆହୁତି ଦେଇଥିଲେ । ସମାଜରୁ ଅସ୍ପୃଶ୍ୟତା ଦୂର କରିବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏଥିପାଇଁ ସେ କଦାପି ରାଷ୍ଟ୍ରହିତ ସହିତ ସାଲିସ କରିନାହାନ୍ତି । ରାଷ୍ଟ୍ରହିତ ସର୍ବୋପରି ରୂପେ ସେ କାର୍ଯ୍ୟ କରୁଥିଲେ । ଡ. ଆମ୍ବେଦକର ସର୍ବଦା କହୁଥିଲେ ମୁଁ ଜଣେ ପ୍ରକୃତ ଦେଶଭକ୍ତ । ସ୍ୱାଧୀନତା ଆନ୍ଦୋଳନରେ ତ୍ୟାଗ କରିଥିବା ନେତାମାନଙ୍କ ସହିତ ମୁଁ ମଧ୍ୟ ସମକକ୍ଷ । ତାଙ୍କର ରାଷ୍ଟ୍ର ପ୍ରତି ନିଷ୍ଠା ସମ୍ବନ୍ଧରେ ଅନେକ ଉଦାହରଣ ଦେଖିବାକୁ ମିଳେ । ଯେତେବେଳେ ହାଇଦ୍ରାବାଦକୁ ଭାରତ ରାଷ୍ଟ୍ର ସଂଘ ସହିତ ସମ୍ମିଳିତ କରିବା ପାଇଁ ସାଧାରଣ ଜନତା ଆନ୍ଦୋଳନ କରୁଥିଲେ ସେତେବେଳେ ନିଜାମର ସୈନ୍ୟବାହିନୀ ଦଳିତ ଓ ଅସ୍ପୃଶ୍ୟମାନଙ୍କୁ ଇସଲାମ ଗ୍ରହଣ କରିବା ପାଇଁ ବହୁ ଚାପ ପକାଇବା ସହିତ ଅନେକ ଆକର୍ଷଣୀୟ ଓ ଲୋଭନୀୟ ପ୍ରସ୍ତାବ ରଖିଥିଲେ । ସେମାନେ ଆମ୍ବେଦକରଙ୍କ ମତାମତ ଜାଣିବାକୁ ଚାହିଁଥିଲେ । ଆମ୍ବେଦକର ସ୍ପଷ୍ଟ ଘୋଷଣା କରିଥିଲେ ଯେ 'ନିଜାମଙ୍କ କୌଣସି ଚାପ କିମ୍ବା ଆକର୍ଷଣ କଦାପି ଗ୍ରହଣଯୋଗ୍ୟ ନୁହେଁ । ଆମର ଏକମାତ୍ର ଲକ୍ଷ୍ୟ ଅଖଣ୍ଡ ଭାରତ । ନିଜାମ ଏ ରାଷ୍ଟ୍ର ଓ ମାତୃଭୂମିର ଶତ୍ରୁ । ହାଇଦ୍ରାବାଦକୁ ଭାରତ ସହିତ ବିଲୀନ କରିବା ପାଇଁ ସମସ୍ତ ପ୍ରଚେଷ୍ଟା ହେବା ଉଚିତ । ଏଥିପାଇଁ ସମସ୍ତେ ନିଜର ତନ, ମନ ଓ ଧନ ସମର୍ପଣ କରି କାର୍ଯ୍ୟ କରିବା ଉଚିତ ।' ଏହିପରି ଆମ୍ବେଦକରଙ୍କ ରାଷ୍ଟ୍ରନିଷ୍ଠା ସମ୍ବନ୍ଧିତ ଅନେକ ମହାନ ବିଚାର ଆଜି ଲୋକଲୋଚନକୁ ଆସିପାରି ନାହିଁ । ତାଙ୍କୁ କେବଳ ଦଳିତ ନେତା ରୂପେ ଆଜି ଅଭିହିତ କରାଯାଉଛି ଓ ତାଙ୍କର ରାଷ୍ଟ୍ରନିଷ୍ଠା ପ୍ରତି ସନ୍ଦେହାସ୍ପଦ ଚକ୍ଷୁରେ ଦେଖାଯାଉଛି । ଏହା ଜାଣିପାରି ସେ ସମ୍ବିଧାନ ନିର୍ମାଣ ପରେ ଉଦ୍‌ବୋଧନ ପ୍ରଦାନ କରି କହିଥିଲେ- "ମୋତେ ସମସ୍ତେ କେବଳ ଦଳିତ ନେତା ଓ ଇଂରେଜମାନଙ୍କ ଚାଟୁକାର କହି ଅପମାନିତ କରାଯାଇଛି । ମୋର ରାଷ୍ଟ୍ର ପ୍ରତି ନିଷ୍ଠା ଉପରେ ସନ୍ଦେହ କରାଯାଉଛି । ସମ୍ବିଧାନ ପ୍ରଣୟନ ହୋଇ କାର୍ଯ୍ୟକାରୀ ହେଲା ପରେ ବୋଧହୁଏ ସମଗ୍ର ଭାରତ ମୋତେ ଜଣେ ରାଷ୍ଟ୍ରଭକ୍ତ ରୂପେ ଦେଖିବେ ବୋଲି ମୁଁ ଆଶା କରୁଛି ।" ଅନେକ ନେତା ସେତେବେଳେ ଆମ୍ବେଦକରଙ୍କୁ ଇଂରେଜମାନଙ୍କ ଚାଟୁକାର ରୂପେ ମନ୍ତବ୍ୟ ପ୍ରଦାନ କରିଥିଲେ । କିନ୍ତୁ ସେ ସର୍ବଦା ଜଣେ ପ୍ରକୃତ ରାଷ୍ଟ୍ରଭକ୍ତ ଥିଲେ । ୧୯୩୦ ମସିହାରେ ଅନୁଷ୍ଠିତ ହୋଇଥିବା ପ୍ରଥମ ଗୋଲ ମେଜ (ରାଉଣ୍ଡ ଟେବୁଲ) ବୈଠକରେ ତାଙ୍କର ସଂକ୍ଷିପ୍ତ ଭାଷଣ ସମସ୍ତଙ୍କୁ ଚମତ୍କୃତ କରିଥିଲା । ସେ ସେଠାରେ ଭାଷଣ ଦେଇ କହିଥିଲେ 'ଭାରତ ରାଷ୍ଟ୍ର ଭାରତୀୟମାନଙ୍କର । ସାମ୍ରାଜ୍ୟବାଦୀ ଇଂରେଜମାନେ ତୁରନ୍ତ ଭାରତ ପରିତ୍ୟାଗ କରିବା ଆବଶ୍ୟକ ।' ଏପରି ଉଦ୍‌ଘୋଷ କରିବା ଓ ଇଂରେଜମାନଙ୍କ ସମ୍ମୁଖରେ ଇଂରେଜମାନଙ୍କୁ ଅପମାନିତ କରିବା ସେ ପ୍ରଥମ ଭାରତୀୟ ଥିଲେ । ପ୍ରକାଶ ଥାଉକି ସେ ବୈଠକକୁ ଇଂରେଜମାନଙ୍କ ନିମନ୍ତ୍ରଣ କ୍ରମେ ଡ. ଆମ୍ବେଦକର ଯୋଗ ଦେଇଥିଲେ । ସେଠାରେ ସେ ଇଂରେଜମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ପରିବର୍ତ୍ତେ ନିଜର ରାଷ୍ଟ୍ରଭକ୍ତିର ପରାକାଷ୍ଠା ପ୍ରଦର୍ଶନ କରିଥିଲେ । ଏହା ଦେଖି ସମସ୍ତେ ଚକିତ ହୋଇଯାଇଥିଲେ ।

ଅସବର୍ଣ୍ଣମାନଙ୍କୁ ନିଜର ନାର୍ଯ୍ୟ ଦାବି ପାଇଁ ସବର୍ଣ୍ଣମାନଙ୍କ ବିରୋଧରେ ସଂଘର୍ଷ ଓ ମାତୃଭୂମିକୁ ସ୍ୱାଧୀନ କରିବା ପାଇଁ ଇଂରେଜମାନଙ୍କ ବିରୋଧରେ ସଂଘର୍ଷ, ଏହିପରି ଦୁଇଟି ସଂଘର୍ଷରେ ସେ ଅବତୀର୍ଣ୍ଣ ହୋଇଥିଲେ । ଦୁଇଟି ସଂଘର୍ଷକୁ ସେ ସମାନ ଗୁରୁତ୍ୱ ପ୍ରଦାନ କରିଥିଲେ । ନାସିକ୍ ଠାରେ କାଳାରାମ ମନ୍ଦିର ପ୍ରବେଶ ସତ୍ୟାଗ୍ରହ ସମୟରେ ଇଂରେଜମାନେ ଯେତେବେଳେ ପକ୍ଷପାତ ନୀତି ଅବଲମ୍ବନ କରିଥିଲେ, ଆମ୍ବେଦକର ତତ୍‌କ୍ଷଣାତ୍ ବ୍ରିଟିଶ ଗଭର୍ଣ୍ଣରଙ୍କୁ ଚିଠି ଲେଖି ଉଲ୍ଲେଖ କରିଥିଲେ - "ସବର୍ଣ୍ଣମାନଙ୍କ ସହିତ ଆମର ସାମାଜିକ ସଂଘର୍ଷ ଚାଲିଛି, ଏଣୁ ଇଂରେଜମାନେ ଏଥିରେ ହସ୍ତକ୍ଷେପ କରିବା ଉଚିତ ନୁହେଁ । ଯଦି ଇଂରେଜମାନେ ଏହିପରି ପକ୍ଷପାତପୂର୍ଣ୍ଣ ନୀତି ଅବଲମ୍ବନ କରିବେ ତେବେ ସମଗ୍ର ସମାଜ ଏକତ୍ର ହୋଇ ଇଂରେଜ ବିରୋଧରେ ସ୍ୱର ଉତ୍ତୋଳନ କରିବେ ।" ସେହିପରି କାର୍ଯ୍ୟକାରିଣୀରେ ଭାଇସରାୟଙ୍କୁ କଠୋର ଶବ୍ଦରେ କହିଥିଲେ -ମୁଁ କଦାପି ହିନ୍ଦୁ ବିରୋଧୀ ନୁହେଁ । ମୋର ରାଷ୍ଟ୍ରର ହିତ ସର୍ବପ୍ରଥମ । ମୁଁ ସମସ୍ତ ଶକ୍ତି ବିନିଯୋଗ କରି ଇଂରେଜମାନଙ୍କ ବିରୁଦ୍ଧରେ ସଂଘର୍ଷ କରିବି ଓ ଅସ୍ପୃଶ୍ୟମାନଙ୍କୁ ସମୁଚିତ ନ୍ୟାୟ ପ୍ରଦାନ କରିବି । ଏଥିରୁ ସେ କିପରି ଜଣେ ଶ୍ରେଷ୍ଠ ରାଷ୍ଟ୍ରଭକ୍ତ ଥିଲେ ତା'ର ପ୍ରମାଣ ମିଳୁଛି । କେତେକ ଇତିହାସକାର ଆମ୍ବେଦକରଙ୍କୁ ହିନ୍ଦୁଧର୍ମ ବିରୋଧୀ ଓ ନାସ୍ତିକ ରୂପେ ବର୍ଣ୍ଣନା କରି ସମାଜରେ ଭ୍ରାନ୍ତ ଧାରଣା ସୃଷ୍ଟି କରିଛନ୍ତି । ବାସ୍ତବରେ ହିନ୍ଦୁ ଧର୍ମକୁ ସ୍ୱୀକାର କରି ନିଜର ଅନୁଗତମାନଙ୍କୁ ସମସ୍ତ ମାନବବାଦୀ ଅଧିକାର ମିଳୁ, ଏହା ସେ ସର୍ବଦା ଚାହୁଁଥିଲେ । ଏଥିପାଇଁ ସେ ବହୁ ଆଜୀବନ ବହୁ ପରିଶ୍ରମ ଓ ପରାକାଷ୍ଠା କରିଛନ୍ତି । ଶେଷରେ ସେ ଯେବେ ଦେଖିଲେ ଏହା ସଫଳ କ୍ରିୟାନ୍ୱୟନ ହୋଇପାରୁ ନାହିଁ । ତେବେ ସେ ଧର୍ମ ପରିବର୍ତ୍ତନ କରିବାକୁ ନିର୍ଣ୍ଣୟ ନେଲେ । ଧର୍ମ ପରିବର୍ତ୍ତନ କରିବା ସମୟରେ ତାଙ୍କ ମନରେ ହିନ୍ଦୁ ବିରୋଧୀ ମାନସିକତା ଆଦୌ ନଥିଲା । ଏ ସମ୍ବନ୍ଧରେ ସେ ସ୍ପଷ୍ଟ କହିଛନ୍ତି- "ମୋର ଅନୁଗାମୀମାନେ ମୁସଲମାନ ଧର୍ମ ସ୍ୱୀକାର କରିପାରିଥାଆନ୍ତେ । ଏଥିପାଇଁ ସେ ମତାବଲମ୍ବୀଙ୍କ ପକ୍ଷରୁ ବହୁ ଆକର୍ଷଣ ଓ ପ୍ରଲୋଭନ ଦିଆଯାଇଥିଲା । ମୋ ମନରେ ଯଦି ହିନ୍ଦୁ ଧର୍ମ ବିରୋଧୀ ମାନସିକତା ଥାଆନ୍ତା, ତେବେ ଏ ଦେଶର ବହୁତ କ୍ଷତି ହୋଇଥାଆନ୍ତା । ଭାରତର ଆଗାମୀ ବଂଶଧର ମୋତେ ବିଧ୍ୱଂସକ ରୂପେ ବର୍ଣ୍ଣନା କରିଥାଆନ୍ତେ । ମୁଁ ଏହା କଦାପି ଚାହୁଁନାହିଁ । ସମତା, ବନ୍ଧୁତା, ସାମାଜିକ ନ୍ୟାୟ ତଥା ଗଣତନ୍ତ୍ରର ସଫଳତା ପାଇଁ ଭାରତରୁ ଉଦୟ ହୋଇଥିବା ତଥା ଭାରତୀୟ ସଂସ୍କୃତିର ସମନ୍ୱୟ ସୃଷ୍ଟି କରୁଥିବା ବୌଦ୍ଧ ଧର୍ମକୁ ମୁଁ ସ୍ୱୀକାର କରୁଛି । ମୋର ଅନୁଗାମୀମାନଙ୍କ ସହିତ ସୁଦୀର୍ଘ ବାର୍ତ୍ତାଳାପ ପରେ ମୁଁ ଏହି ନିର୍ଣ୍ଣୟ ନେଇଛି ।"

ଡ. ଆମ୍ବେଦକରଙ୍କ ସମ୍ପୂର୍ଣ୍ଣ ଜୀବନ ଗାଥା ଗୋଟିଏ ମହାକାବ୍ୟ । ଦେଶଭକ୍ତିର ଜ୍ୱଳନ୍ତ ଉଦାହରଣ । ନିଜର ୬୫ ବର୍ଷ ଜୀବନ ମଧ୍ୟରେ ସର୍ବାଧିକ ଅବହେଳାର ଶିକାର ହୋଇ ଭାରତର ସମଗ୍ର ସନ୍ତୁଳିତ ବିକାଶ ପାଇଁ ତାଙ୍କ ବହୁମୂଲ୍ୟ ଯୋଗଦାନ ଅତୁଳନୀୟ । ସ୍ୱତନ୍ତ୍ର ଭାରତର ସମସ୍ତ ପ୍ରଶ୍ନକୁ ସେ ବ୍ୟାପକ ଓ ଗଭୀର ଅଧ୍ୟୟନ କରି ଗମ୍ଭୀରତା ସହ ବିଚାର କରି ସମାଧାନର ସୂତ୍ର ବାହାର କରିଛନ୍ତି । ଆଧୁନିକ ଭାରତରେ ଏପରି ସାମାଜିକ ଓ ରାଜନୈତିକ ବିଦ୍ୱାନ କମ୍ ଦେଖିବାକୁ ମିଳନ୍ତି । ଆମ୍ବେଦକର ସମାଜରୁ ଅସ୍ପୃଶ୍ୟତାକୁ ଦୂର କରି ଭାରତକୁ ଏକ ସଙ୍ଗଠିତ ଓ ସଶକ୍ତ ରାଷ୍ଟ୍ର ରୂପେ ନିର୍ମାଣ କରିବାକୁ ଚାହୁଁଥିଲେ । ନବ ଭାରତର ସମ୍ବିଧାନ ନିର୍ମାତା, ଗଣତନ୍ତ୍ରର ସଂସ୍ଥାପକ, ମାନବ ସ୍ୱତନ୍ତ୍ରତାର ବାସ୍ତୁକାର ଆମ୍ବେଦକରଙ୍କ ଜୀବନୀ ଆଧୁନିକ ଭାରତର ପ୍ରେରଣାଦାୟୀ ପ୍ରସଙ୍ଗ । ଏହା ମାନବ ସ୍ୱତନ୍ତ୍ରତା ଇତିହାସର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ । ସେ ନିଜର ବୁଦ୍ଧି ଉପରେ ପ୍ରଗାଢ଼ ବିଶ୍ୱାସ ରଖି ଘୋର ତପସ୍ୟା, ଅସାଧାରଣ ସାହସ ଓ ନିରନ୍ତର ପ୍ରଚେଷ୍ଟା କରି ନିଜର ଶ୍ରେଷ୍ଠ ଲକ୍ଷ୍ୟ ହାସଲ କରିଛନ୍ତି । ତୃଣମୂଳ ସ୍ତରରୁ ସମାଜର ଶ୍ରେଷ୍ଠତମ ଭାରତରତ୍ନ ଉପାଧିରେ ଭୂଷିତ ହେବାର ଯାତ୍ରା ପ୍ରତ୍ୟେକ ଭାରୀତୟମାନଙ୍କ ପାଇଁ ପ୍ରେରଣାଦାୟକ । ତାଙ୍କର ସମାଜ କଲ୍ୟାଣର ଭାବନା ତଥା ରାଷ୍ଟ୍ର ପ୍ରତି ନିଷ୍ଠା ଅତୁଳନୀୟ । ଏପରି ରାଷ୍ଟ୍ରପୁରୁଷ ଓ ମହାମାନବଙ୍କୁ କୋଟି କୋଟି ପ୍ରଣାମ ।

*ଆଡ଼ଭୋକେଟ*
*ଖଟବିନସାହି, କଟକ*
*ମୋ-୯୪୩୭୦୧୬୩୮୪*

# ନାରାୟଣ ବୀରବର ସାମନ୍ତଙ୍କ ସ୍ମୃତିରେ


ହିମାଂଶୁ ଶେଖର ଆଚାର୍ଯ୍ୟ

ବିଶିଷ୍ଟ ଗାନ୍ଧିବାଦୀ ଜନନେତା ତଥା ଓଡିଶା ବିଧାନସଭାର ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତ ଏକ ଅନନ୍ୟ ବ୍ୟକ୍ତିତ୍ୱ । କୁଜଙ୍ଗ ଷଣ୍ଢବଂଶର ଦାୟାଦ ରତ୍ନମାଳି ଜେମାଙ୍କ ସ୍ୱାମୀ ଓ ପାରାଦ୍ୱୀପ ବନ୍ଦରର ଅନ୍ୟତମ ବିନ୍ଧାଣି ନାରାୟଣ ବୀରବର ସାମନ୍ତଙ୍କ ସ୍ଥାନ କେବଳ ଜଗତସିଂହପୁର ଜିଲ୍ଲାରେ ନୁହେଁ ସାରା ରାଜ୍ୟରେ ଏକ ଜଣାଶୁଣା ନାମ । ପାରାଦ୍ୱୀପ ବନ୍ଦରର ଅନ୍ୟତମ ବିନ୍ଧାଣି ଥିଲେ ସେ । ଏତଦ୍ ବ୍ୟତୀତ ଗାନ୍ଧୀବାଦର ଅନ୍ୟତମ ପୂଜାରୀ ଥିଲେ ସ୍ୱର୍ଗତ ନାରାୟଣ ବୀରବର ସାମନ୍ତ । ସେଥିପାଇଁ ତାଙ୍କୁ କୁଜଙ୍ଗ ଗାନ୍ଧୀ ବୋଲି ଲୋକ ମୁଖରେ ସେ ସୁପରିଚିତ । ହେଲେ ଏହି ମହାନ ବରପୁତ୍ର ଆଜି ବିସ୍ମୃତିରେ ଏହାହିଁ ବିଡମ୍ବନା ।

ନାରାୟଣ ବୀରବର ସାମନ୍ତଙ୍କ ଜନ୍ମ ୧୯୦୦ ମସିହା ଅକ୍ଟୋବର ୨୧ ତାରିଖରେ ଅବିଭକ୍ତ କଟକ ଜିଲ୍ଲା ଓ ବର୍ତ୍ତମାନର କେନ୍ଦ୍ରପଡା ଜିଲ୍ଲାର ଇନ୍ଦୁପୁର ଗ୍ରାମରେ ପିତା ପରମାନନ୍ଦ ଜଗଦେବ ଓ ମାତା ନକ୍ଷତ୍ରମାଳିଙ୍କ କୋଳମଣ୍ଡନ କରିଥିଲେ । ତାଙ୍କ ପିତୃଦତ ନାମ ଥିଲା ମିହିର ଜଗଦେବ ପରେ ମାମୁଁ ଆଠଗଡ ନିବାସୀ ବଳରାମ ବୀରବର ସାମନ୍ତଙ୍କ ପୋଷ୍ୟପୁତ୍ର ହେଲାପରେ ନାରାୟଣ ବୀରବର ସାମନ୍ତ ନାମରେ ପରିଚିତ ହେଲେ । ବାଲ୍ୟକାଳରୁ ସେ ସ୍ୱାଧୀନଚେତା ଥିଲେ ଓ ସରଳ ଏବଂ ନିରାଡମ୍ବର ଜୀବନ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଭୂଷଣ । ତେଣୁ, ସ୍ୱାଧୀନତା ସଂଗ୍ରାମ ଓ ସମାଜକ୍ରାନ୍ତିରେ ସେ ନିଜ ଜୀବନକୁ ଓତଃପ୍ରୋତ ଭାବେ ଜଡିତ କରିଥିଲେ । ଭୋଗ ଅପେକ୍ଷା ତ୍ୟାଗ ହିଁ ଥିଲା ତାଙ୍କ ଜୀବନର ମୂଳମନ୍ତ୍ର । ଏହି ଆଦର୍ଶକୁ ପାଥେୟ କରି ଜାତିର ପିତା ମହାତ୍ମାଗାନ୍ଧିଙ୍କ ଡାକରାରେ ସାମିଲ ହୋଇଥିଲେ ଅସହଯୋଗ, ଲବଣ ସତ୍ୟାଗ୍ରହ ଓ ଭାରତ ଛାଡ ଆନ୍ଦୋଳନରେ । ଏଠାରେ ସୂଚନାଯୋଗ୍ୟ ଯେ ମହାତ୍ମାଗାନ୍ଧିଙ୍କ ଡାକରାରେ ଯେଉଁ କେତେଜଣ କଲେଜ ଛାତ୍ର ଅସହଯୋଗ ଆନ୍ଦୋଳନରେ ସାମିଲ୍ ହୋଇଥିଲେ, ତନ୍ମଧ୍ୟରୁ ସେଥିଲେ ଆଗଧାଡିର ପ୍ରଥମ ଓଡିଆ ଅସହଯୋଗୀ । ଏଥିପାଇଁ ସେ ଜେଲ୍ ଯାଇଥିଲେ ଓ କାରାବରଣ କରିଥିଲେ । ୧୯୩୦ ମସିହାରେ କୁଜଙ୍ଗ ଲବଣ ସତ୍ୟାଗ୍ରହରେ ନେତୃତ୍ୱ ନେଇ ଓ ପରେ ଅନନ୍ତପୁର ହାଟ ଠାରେ ହରତାଳ କରି ଗିରଫ ହେବା ସହ କଟକ ଓ ହଜାରିବାଗ ଜେଲରେ ରହିଥିଲେ । ଭାରତର ମୁକ୍ତି ସଂଗ୍ରାମର ବହୁଚର୍ଚ୍ଚିତ ଭାରତଛାଡ ଆନ୍ଦୋଳନରେ ମଧ୍ୟ ସେ ଗିରଫ ହୋଇ ଦୀର୍ଘଦିନ କାରାବରଣ କରିଥିଲେ । ଏସବୁ ଥିଲା ତାଙ୍କ ପାଇଁ ଦେଶପ୍ରେମର ଗୋଟିଏ ଗୋଟିଏ ଅଗ୍ନିପରୀକ୍ଷା ଓ ସବୁଥିରେ ସେ ସଫଳ ହୋଇଥିଲେ ଜଣେ ସଚ୍ଚା ଦେଶପ୍ରେମୀ ଭାବେ । ସେଥିପାଇଁ ସେ ଲୋକମୁଖରେ "କୁଜଙ୍ଗ ଗାନ୍ଧି" ରୂପେ ପରିଚିତ । କୁଜଙ୍ଗ ଗଡଜାତରେ ରାଜୁତି କରୁଥିବା ଷଣ୍ଢବଂଶର ଶେଷ ରାଜା ଜଗଦୀଶ ଷଣ୍ଢ ଓ ରାଣୀ ଭାବମତୀ ପାଟ୍ଟଦେଈଙ୍କ ଝିଅ ରତ୍ନମାଳୀ ଜେମାଙ୍କୁ ସାମନ୍ତ ବିବାହ କଲାପରେ ତାଙ୍କ ଜୀବନର ଗତିପଥ ବଦଳି ଯାଇଥିଲା । ଜଣେ ସହଧର୍ମିଣୀ ଭାବେ ରତ୍ନମାଳୀ ଥିଲେ ତାଙ୍କ ପ୍ରେରଣାର ଉତ୍ସ, ସୁଖଦୁଃଖର ସାଥୀ । ଉଭୟଙ୍କର ସ୍ୱପ୍ନ ଓ ସଂକଳ୍ପ ଥିଲା କୁଜଙ୍ଗ ଗଡଜାତ ଓ ପାରାଦୀପଗଡର ସାମଗ୍ରିକ ବିକାଶ । ଏପରିକି ଜେଲରେ ଥିବାବେଳେ ନାରାୟଣ ବୀରବର ସାମନ୍ତ ମହାନଦୀ ମୁହାଣରେ ବନ୍ଦର ପ୍ରତିଷ୍ଠାର ନକ୍ସା ପ୍ରସ୍ତୁତ କରୁନଥିଲେ ଏଥିପାଇଁ ତଥ୍ୟ ସମ୍ବଳିତ ଲେଖା ବିଭିନ୍ନ ସମ୍ବାଦପତ୍ରରେ ଲେଖୁଥିଲେ । ଡକ୍ଟର ମହତାବ ମୁଖ୍ୟମନ୍ତ୍ରୀ ହେବାପରେ ମହାନଦୀ ମୁହାଣର ବୋଇତରାକୁଦ ଦ୍ୱୀପରେ ବନ୍ଦର ପ୍ରତିଷ୍ଠା ପାଇଁ ତାଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବନ୍ଦର ପ୍ରତିଷ୍ଠା ହେବାପାଇଁ ନିଷ୍ପତ୍ତି ହେଲା । ମାତ୍ର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବାପରେ ଏ ପ୍ରକାର ଏକ ବନ୍ଦରକୁ ନାପସନ୍ଦ କରିଥିଲେ । ମାତ୍ର ଉପଯୁକ୍ତ ଯତ୍ନ ଅଭାବରୁ ଏସବୁ ପୁସ୍ତକ ଆଜି ବିଲୀନ । ନାରାୟଣ ବୀରବର ସାମନ୍ତ ଆଜି ଆମ ଗହଣରେ ନାହାଁନ୍ତି । କିନ୍ତୁ ତାଙ୍କ ଜୀବନାଦର୍ଶ ଏବେବି ସ୍ମୃତି ହୋଇ ରହିଛି । ଉତ୍ତରପିଢି କ୍ରମଶଃ ତାଙ୍କ ଠାରୁ ଦୂରେଇ ଗଲେଣି । ଏହି ଭଳି ଜଣେ ଗାନ୍ଧିବାଦୀ ସରଳ ଓ ନିରାଡମ୍ବର ଜୀବନ ଏବର ଯୁବସମାଜ ପାଇଁ ପ୍ରେରଣାର ଉତ୍ସ ହୋଇପାରିବ । ଏଥିପାଇଁ ସବୁସ୍ତରରେ ନିରନ୍ତର ପ୍ରୟାସ ଲୋଡା ।

ସଭାପତି
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ - ୯୯୩୭୧୫୧୦୫୨




# ସହରାଞ୍ଚଳ କୃଷିର ସ୍ୱତନ୍ତ୍ର ଅବଦାନ : ରୁଫ୍‌ଟପ୍ ଗାର୍ଡ଼େନିଙ୍ଗ



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ସମୟର ସାରାଂଶରେ ଜନସଂଖ୍ୟା ଏବେ ହୁ ହୁ ହୋଇ ବଢୁଛି। ଚାଷଜମି ସବୁ ପଡ଼ିଆ ହୋଇ ପଡ଼ିରହୁଛି। ଆଉ ବାକିତକ କାରଖାନାର କଳେବରରେ ଚାପିହୋଇଗଲେଣି। ଯେଉଁ ଚାଷଜମି ସଭ୍ୟତାର ଆଦ୍ୟ ଓଁକାର ଥିଲା ଆଜି ତାହା ନିସ୍ୱ ପାଲଟିଯାଇଛି। ବିଜ୍ଞାନର ଚକ୍ରବୃଦ୍ଧି ହାର ସହ କୃଷି ବି ଏବେ ଅବହେଳିତ। ପରିବେଶ ଆଜି ଶ୍ରୀହୀନ। ଯାହା ଦିନେ ସବୁଜିମାର ଆବରଣ ତଳେ ବେଶ ସତେଜ ହେଇ ଝଲସି ଉଠୁଥିଲା ଆଜି ସେସବୁ ମୁକ ପାଲଟିଯାଇଛି। କିନ୍ତୁ ସହରୀକରଣ ମଧ୍ୟରେ ଏବେ ମୁଣ୍ଡଟେକି ଉଠିଛି



ରୁଫଟପ୍ ଗାର୍ଡେନିଙ୍ଗ। ଯାହା ପୁଣିଥରେ ସବୁଜମୟ ହେବାର ପରିକଳ୍ପନା ନେଇ ଘରର ଛାତ ଉପରେ ଶୋଭା ପାଉଛି। ଘର ଛାତ ତ ଶ୍ୟାମଳର ରଙ୍ଗରେ ଭିଜିଯାଉଛି ତା ସହ ମନ ଓ ଶରୀର ଏକ ଅଫୁରନ୍ତ ଆନନ୍ଦରେ ଆନନ୍ଦିତ ବି ହେଉଛି । ରୁଫଟପ୍ ଗାର୍ଡେନିଙ୍ଗ- ଘର ଉପରେ ଆକର୍ଷଣୀୟ ଝଲକ ତଥା ମନଲୋଭା ସୌନ୍ଦର୍ଯ୍ୟ ସହ ବେଶ ଜୀବନ୍ତ ଲାଗୁଛି।

ସମ୍ପ୍ରତି ଭାରତବର୍ଷରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସମସ୍ତଙ୍କ ପାଇଁ ଏକ ବିରାଟ ସମସ୍ୟା ସୃଷ୍ଟି କରିଛି। ଏପରିକି ଏହା ବିଶ୍ୱର ସମାଜିକ,ଅର୍ଥନୈତିକ ତଥା ପରିବେଶ ପାରିପାର୍ଶ୍ୱିକ ଅବସ୍ଥା ଉପରେ ମଧ୍ୟ ନାନାଦି ସମସ୍ୟା ଉପୁଜାଉଛି। ୧୯୯୬ ଜୁନ ମାସରେ ହୋଇଥିବା ଏକ ଅନ୍ତର୍ଜାତୀୟ କନଫେରେନ୍ସରେ ସହରାଂଚଳ କୃଷି ବା ଅର୍ବାନ ଏଗ୍ରିକଲଚର ମୁଖ୍ୟ ଏଜେଣ୍ଡା ଭବେ ସ୍ଥାନ ପାଇଥିଲା।

ସହରାଂଚଳ କୃଷି କଣ ?

ସାଧାରଣତଃ ଗ୍ରାମାଂଚଳରେ କୃଷିକୁ ପ୍ରାଥମିକତା ଦିଆଯାଇଥାଏ। ପରନ୍ତୁ ଆଜିକାଲି ସହରରେ ମଧ୍ୟ କୃଷିର ଚାହିଦା ଢ଼େର ଅଧିକ। ସହରରେ କୃଷିର ଗୁରୁତ୍ୱକୁ ବଢ଼ାଇବା ପାଇଁ ଏବେ ସହରରେ ମଧ ବିଭିନ୍ନ ପ୍ରକାର ଉପାୟ ଆପଣାଇ କୃଷି କାର୍ଯ୍ୟ କରାଯାଉଛି। ଯେପରିକି ପାକଶାଳା ବଗିଚା , ରୁଫଟଫ ଗାର୍ଡ଼େନିଙ୍ଗ , ଭର୍ଟିକାଲ ଗାର୍ଡ଼େନିଙ୍ଗ ଇତ୍ୟାଦି। ସହର ମାନଙ୍କରେ କରାଯାଉଥିବାରୁ ଏହା ବିଶେଷ ଭାବରେ ପରିବେଶ ସନ୍ତୁଳନରେ ରକ୍ଷା କରିଥାଏ। ପ୍ରଥମତଃ ସହର ମାନଙ୍କରେ ସର୍ବାଧିକ ଅଦରକାରୀ ପଦାର୍ଥ , ବର୍ଜ୍ୟବସ୍ତୁ ତଥା ଜୈବିକ ବସ୍ତୁ ବାହାରିଥାଏ। ସହରାଂଚଳ କୃଷି ଏହିସବୁ ପଦାର୍ଥକୁ ଏକ ଭିନ୍ନ ପରିପାଟୀ ପ୍ରଦାନ କରି ନୂଆ ସମ୍ପଦ ସୃଷ୍ଟି କରିଥାଏ। ଯାହା ଫଳରେ ଜଳ ସଂରକ୍ଷଣ , ମୃତ୍ତିକା ସଂରକ୍ଷଣ ଠାରୁ ଆରମ୍ଭ କରି ଏହା ଏକ ସୁସ୍ଥ ଓ ସୁନ୍ଦର ପରିବେଶର ବାତାବରଣ ତିଆରି କରେ। ଏହା ମଣିଷକୁ ବଂଚିବାର ଏକ ନୂଆ ରାହା ଯୋଗାଉଛି କହିଲେ ବି ଅତ୍ୟୁକ୍ତି ହେବ ନାହିଁ।

ରୁଫଟପ୍ ଗାର୍ଡେନିଙ୍ଗ-

ଚାଷ ଜମିରେ ସବୁପ୍ରକାର ଫସଲ ଚାଷ କରାଯାଇଥାଏ। ଏକଥା ତ ସମସ୍ତଙ୍କୁ ଜଣା। କିନ୍ତୁ ଥରେ ଚିନ୍ତା କଲେ ଯଦି ସହରରେ ଘର କରି ରହୁଥିବେ , ଆଉ ଘର ଛାତ ଉପରେ ଭେଳିକି ଭେଳି ପନିପରିବା ଆଉ ଫୁଲଗଛ ଲାଗିଥିବ। ସଂନ୍ଧ୍ୟା ହେଲେ ମହମହ ପବନ ସହ ସେସବୁ ଖୁବ୍ ଆକର୍ଷଣୀୟ ଲାଗୁଥିବେ ,ଏହା ମନକୁ ଆନନ୍ଦିତ କରିବା ସହ ମାନସିକ ଶାନ୍ତି

ପ୍ରଦାନ କରେ। ସେହି ପରିପ୍ରେକ୍ଷୀରେ ରୁଫଟପ୍‌ର ଆକ୍ଷରିକ ଅର୍ଥ ଛାତ ଉପର। ଅର୍ଥାତ ଏହା କୁହାଯାଇପାରେ ଘରର ଛାତ ଉପରେ ଜୈବିକ ଉପାୟରେ ବିଭିନ୍ନ ଫସଲ (ପନିପରିବା , ଫୁଲ , ଔଷଧୀୟ ଗଛ ଇତ୍ୟାଦି) ଚାଷ କରିବାର ପ୍ରଣାଳୀକୁ ରୁଫଟପ୍ ଗାର୍ଡ଼େନିଙ୍ଗ କୁହାଯାଏ।

ରୁଫଟପ୍ ଗାର୍ଡ଼େନିଙ୍ଗ ସହରାଂଚଳ କୃଷିର ଏକ ସ୍ୱତନ୍ତ୍ର ଅବଦାନ। କହିବାକୁ ଗଲେ ଘରର ଛାତ ଉପରେ ଥିବା ଖାଲି ସ୍ଥାନ ସବୁବେଳେ ଅଦରକାରୀ ହୋଇ ପଡ଼ିରହିଥାଏ। ତେବେ ଏସବୁ ସ୍ଥାନକୁ ଯଦି କୌଣସି ଉପାୟରେ କର୍ମ ଉପଯୋଗୀ କରାଯାଇପାରନ୍ତା ତାହେଲେ ଏହା ସବୁଜମୟ ପରିବେଶ ସୃଷ୍ଟି କରିପାରିବ। ଘରର ଛାତ ଉପରେ ବଗିଚାଟିଏ ଉପଯୁକ୍ତ ସୂର୍ଯ୍ୟାଲୋକ ଓ ବର୍ଷା ପାଇପାରେ। ସବୁଠାରୁ ବଡ଼ କଥା ଏହା କି ରୁଫଟଫ ଗାର୍ଡେନିଙ୍ଗ କରିବା ଦ୍ୱାରା ଯେଉଁ ଜଳ ନଷ୍ଟ ହୋଇ ଯାଉଥିଲା ତାହାକୁ ରୋକାଯାଇପାରିବ। ପରିବେଶକୁ ସୁରକ୍ଷିତ ରଖାଯାଇପାରିବ। ସୁତରାଂ ଏହା ଏକ ଅତ୍ୟାଧୁନିକ କୌଶଳ ଓ କମ ଖର୍ଚ୍ଚରେ ଆତ୍ମନିର୍ଭରଶୀଳ ହେବାର ଏକ ନୂତନ ସୋପାନ।

ଉପକାରିତା –

-ଶତକଡ଼ା ୫୦ଭାଗ ଜଳକୁ ସଂରକ୍ଷିତ କରାଯାଇପାରିବ ଓ ଏହା ଗଛର ବଂଶବିସ୍ତାରରେ ସାହାଯ୍ୟ କରିଥାଏ।

-ଘରର ଛାତକୁ ଯେକୌଣସି କ୍ଷତିକାରକ ରଶ୍ମି ଓ ଅତ୍ୟଧିକ ତାପମାତ୍ରା କବଳରୁ ରକ୍ଷା କରିଥାଏ।

-ଖରା ଦିନେ ଛାତ ଥଣ୍ଡା ଓ ଶୀତ ଦିନେ ଉଷୁମ ରହିଥାଏ।

-ପରିବେଶ ପ୍ରଦୂଷଣରୁ ମୁକ୍ତ ତଥା ପରିବେଶ ସନ୍ତୁଳନରେ ସାହାଯ୍ୟ କରେ।

-ମାନସିକ ଶାନ୍ତି ତଥା ଏହା ଆକର୍ଷଣୀୟ ପରିପାଟୀରେ ଶୋଭା ପାଇଥାଏ।

-ଘର ଛାତ ଉପରେ ଥିବାରୁ ଉସ୍ୱେଦନ ପ୍ରକ୍ରିୟାରେ ଉତ୍ତାପ ହ୍ରାସ କରିଥାଏ।

ରୁଫଟପ୍ ଗାର୍ଡ଼େନିଙ୍ଗର ଯୋଜନା ପ୍ରସ୍ତୁତ-

ତେବେ ଘରର ଛାତ ଉପରେ ଏପରି କରିବା ପୁର୍ବରୁ ଆମକୁ ଏକ ସମ୍ପୂର୍ଣ୍ଣ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ।

-ପ୍ରଥମତଃ ରୁଫ ଗାର୍ଡ଼େନ କିପରି କରିବା ?

-କେଉଁ କେଉଁ ପନିପରିବା ତଥା ଫସଲ ଲଗେଇବାକୁ ଯୋଜନା କରିବା।

- ମୃର୍ତ୍ତିକାର ସ୍ତର , ଡ୍ରେନେଜ ବ୍ୟବସ୍ଥା, ଜଳସେଚନର ସୁବିଧା - ଏସବୁ ଦିଗରେ ଧ୍ୟାନ ଦେବା ଆବଶ୍ୟକ।

-ଫସଲ ଲଗେଇବା ପରଠୁ ଅମଳ ଯାଏଁ ଉପଯୁକ୍ତ ତଦାରଖ କରିବା ଆବଶ୍ୟକ।



ଉପଯୁକ୍ତ ଫସଲ ଚୟନ-

ଯଦିଓ ରୁଫଟପ୍ ଗାର୍ଡ଼େନିଙ୍ଗ ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ଦେଇଥାଏ ପରନ୍ତୁ ଫସଲ ଚୟନ ଏକ ପ୍ରମୁଖ ତଥା ଦରକାରୀ ସୋପାନ। ତେବେ କେଉଁ ସମୟରେ କେଉଁ ଫସଲ ଚାଷ କଲେ ଆମର ଉତ୍ପାଦନର ହାର ବୃଦ୍ଧି ପାଇବ ଓ କେଉଁ ପରିବେଶ ପାଇଁ କେଉଁ ଫସଲର ଚାହିଦା ବେଶୀ (ଋତୁ ଅନୁଯାୟୀ) ସେସବୁ ଉପରେ ଧ୍ୟାନ ଦେବାକୁ ପଡ଼ିବ। ଏହା ବ୍ୟତୀତ ପିଏଚ୍ ଏକ ମୁଖ୍ୟ ଦିଗନ୍ତ। ମାଟିର ପିଏଚ୍ ଅନୁସାରେ ଫସଲ ମଧ୍ୟ ଭିନ୍ନ ଭିନ୍ନ ଚାଷ କରାଯାଏ। ଏମିତିକି କିଛି ଫସଲର ଦେଶୀ କିସମ ମଧ୍ୟ ଚାଷ କରାଯାଇପାରେ। ତେବେ ଏସବୁକୁ ବିଭିନ୍ନ ଦିଗ(ରୁଫର ଡ଼ାଇମେନସନ୍ ,ମରୁଡ଼ି ସହନଶୀଳ ,ସଅଳ କିସମ)ପ୍ରତି ଧ୍ୟାନ ଦେଇ ଚାଷ କରାଯାଇଥାଏ। ଏହା ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ଯୋଗାଇଥାଏ।

ଖତସାର ପ୍ରୟୋଗ-

ବିଭିନ୍ନ ଫସଲ ମୃର୍ତ୍ତିର ପତଳା ସ୍ତର ଦେଇ ଭଲ ଭାବେ ବଢ଼ିପାରିଥାଏ। ତେବେ ରୁଫଟପ୍ ଗାର୍ଡ଼େନିଙ୍ଗରେ ଖତ ସାରର ପ୍ରୟୋଗ ଠିକ ଭାବେ ଆଉ ସଠିକ ସମୟରେ ପ୍ରୟୋଗ କରିବା ଦରକାର। ଯେମିତିକି କୌଣସି ସମୟରେ ପୋଷକ ତତ୍ତ୍ୱର ଅଭାବ ପରିଲକ୍ଷିତ ନହୁଏ। କାରଣ ଗଛ ପାଇଁ ନାଇଟ୍ରୋଜେନ , ଫସଫରସ , ପଟାସର ଏକ ମୁଖ୍ୟ ଭୂମିକା ନେଇଥାଏ। ତେବେ ଖତସାର ପ୍ରୟୋଗରେ ଅନିୟମିତତା ଦେଖାଦେଲେ ଠିକ ଭାବେ ଖଣିଜଲବଣ ମିଳିପାରିନଥାଏ। ଯାହା ଫଳରେ ଗଛ ଠିକ ଭାବେ ବଢ଼ିପାରିନଥାଏ। ଏହା ଯୋଗୁଁ ଚେର ଖାଦ୍ୟ ପାଇପାରେ ନାହିଁ। ଫଳରେ ଗଛଟି କମ୍ ଦିନରେ [illegible] ତେବେ [illegible] ଠିକ ଭାବେ [illegible] ଅମଳ ସହିତ ଗଛ ବି ସୁସ୍ଥ [illegible] ସୁତରାଂ



ରୁଫଟପ୍ ଗାର୍ଡ଼େନିଙ୍ଗରେ ଜୈବିକ ଉପାୟରେ କୀଟ ପରିଚାଳନା କରାଗଲେ ଏହା ଆମକୁ ରାସାୟନିକ କୀଟନାଶକର କୁପ୍ରଭାବରୁ ରକ୍ଷା କରିପାରିବ। ତେବେ ଏଥିପାଇଁ ମୁଖ୍ୟତଃ ହାଣ୍ଡିଖତ ଓ ପଂଚଗବ୍ୟକୁ ବ୍ୟବହାର କରାଯାଏ। ଏହା ବ୍ୟତୀତ ନିମ୍ବ ପିଡ଼ିଆ , ନିମତେଲକୁ ମଧ୍ୟ ବ୍ୟବହାର କରାଯାଏ।

ରୁଫ୍‌ଟପ୍ ଗାର୍ଡ଼େନିଙ୍ ଗରେ ଜୈବିକ ଉପାୟରେ କୀଟ ଦମନ ପାଇଁ ଆମେ ଜୀବାମୃିତ ଓ ନୀମାସ୍ତ୍ର କୁ ମଧ୍ୟ ବ୍ୟବହାର କରିପାରିବା।

ଜୀବାମୃତ - ପ୍ରସ୍ତୁତି ପ୍ରଣାଳୀ- ୧୦୦୦ ଲିଟର ପାଣି, ୫୦ କିଗ୍ରା ଗୋବର, ୫୦ ଲିଟର ଗୋମୂତ୍ର, ୧୦-୧୨ କିଗ୍ରା ବେସନ, ୧୦-୧୨ କିଗ୍ରା ଗୁଡ, ଆଉ ଗଛ ମୂଳରୁ କିଛି ବାଲି (ଦୁଇ ହାତ) କିମ୍ବା (ଅନ୍ୟ ଯେକୌଣସି ପୁରୁଣା ଗଛର ମୂଳର ବାଲିକୁ ମଧ୍ୟ ବ୍ୟବହାର କରାଯାଇପାରେ)।

ଏସବୁକୁ ଗୋଟିଏ ପାତ୍ରରେ ମିଶ୍ରଣକରି ଗୋଳାନ୍ତୁ ଓ ସୂର୍ଯ୍ୟାଲୋକଠାରୁ ଦୂରରେ ଅର୍ଥାତ ଛାଇ ଜାଗାରେ ରଖନ୍ତୁ। ୪ଦିନ ପର୍ଯ୍ୟନ୍ତ ପ୍ରତ୍ୟହଃ ୧୦ ମିନିଟ୍ ଲେଖାଏ ମିଶ୍ରଣକୁ ଭଲଭାବେ ଘାଣ୍ଟିବା ଆବଶ୍ୟକ। ୧୦-୧୨ ଦିନ ପରେ ଏହା ବ୍ୟବହାର ଉପଯୋଗୀ ହୋଇଯାଏ। ଏହାପରେ ଆମେ ବଗିଚ୍ା କି ଚ୍ାଷ କ୍ଷେତରେ ବ୍ୟବହାର କରିପାରିବା।

ନ୍ତ ଏହା ମାଟିର ଉର୍ବରତା ବଢାଇବା ସହ ମିତ୍ର ଜୀବାଣୁଙ୍କ ସଂଖ୍ୟା ବୃଦ୍ଧି କରେ।

ନ୍ତ ଯେହେତୁ ୪-୫ ଦିନ ମଧ୍ୟରେ ଏହା ପ୍ରସ୍ତୁତ ହୋଇପାରେ, ତେଣୁ ଏହାକୁ ଅତି ସହଜରେ ଜମିରେ ବ୍ୟବହାର କରାଯଇପାରିବ।

ନ୍ତଜୀବାମୃତର ବ୍ୟବହାର ମାଟିରେ ଜିଆର ସଂଖ୍ୟା ବୃଦ୍ଧି କରେ ଯାହା ମାଟିକୁ ହାଲୁକା କରିବା ସହ ଦଳଧାରଣା କ୍ଷମତା ବୃଦ୍ଧି କରେ।

ନ୍ତ ଏହାକୁ ମଧ୍ୟ ଆମେ ସ୍ପ୍ରେ ଭାବେ ବ୍ୟବହାର କରିପାରିବା।

ନୀମାସ୍ତ୍ର- ଜୈବିକ କୃଷି କ୍ଷେତ୍ରରେ ନୀମାସ୍ତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହା ରାସାୟନିକ କୀଟନାଶକ ପରିବର୍ତ୍ତେ ବ୍ୟବହାର କରାଯାଏ।

ଆବଶ୍ୟକୀୟ ଉପାଦାନ –
ପାଣି–୧୦୦ ଲିଟର
ଗୋବର – ୫ କିଗ୍ରା
ଗୋମୂତ୍ର – ୫ ଲିଟର
ନିମ୍ବ ପତ୍ର – ୫ କିଗ୍ରା

ପ୍ରସ୍ତୁତି ପ୍ରଣାଳୀ – ୧୦୦ ଲିଟର ପାଣିରେ ୫ ଲିଟର ଗୋମୂତ୍ର ମିଶାଇଦିଅନ୍ତୁ। ଏହା ସହ ସେଥିରେ ୫କିଗ୍ରା ଗୋବରକୁ ବି ମିଶେଇଦିଅନ୍ତୁ। ପାଖରେ ଥିବା ୫କିଗ୍ରା ନିମ୍ବପତ୍ରକୁ ଗୁଣ୍ଡ କରନ୍ତୁ ଓ ଏହାକୁ ଉପରୋକ୍ତ ପାଣିରେ ମିଶାନ୍ତୁ। ଏହାକୁ ୨୪ ଘଣ୍ଟା ଯାଏଁ ରଖନ୍ତୁ। ଦିନକୁ ଦୁଇଥର ଲେଖାଏଁ ଘାଣ୍ଟନ୍ତୁ। ଶେଷରେ ଏହାକୁ ଛାଣି ବ୍ୟବହାର କରନ୍ତୁ।

ରଖିବା ସ୍ଥାନ – ଏହି ଦ୍ରବଣକୁ ସବୁବେଳେ ସକାଳ ଓ ସନ୍ଧ୍ୟା ଦୁଇ ସମୟରେ ଘାଣ୍ଟିବା ଦରକାର। ଏହାକୁ ଏକ ଛାଇ ସ୍ଥାନରେ ରଖିବା ଆବଶ୍ୟକ। ମଶା , ମାଛି ନବସିବା ପାଇଁ ଏହାକୁ ଜାଲ ଦ୍ୱାରା ଘୋଡ଼ଇେଦିଆଯାଏ।

ପ୍ରୟୋଗ ସମୟ – ସକାଳ ୬ଟାରୁ ୮.୩୦ ଓ ସନ୍ଧ୍ୟା ୪ଟାରୁ ୬.୩୦

ଜଳସେଚନ- ଯେହେତୁ ଏହା ଆମ ଘରର ଛାତ ଉପରେ କରାଯାଇଥାଏ , ତେଣୁ ଆମେ ଏହି ରୁଫଟପ୍ ଗାର୍ଡ଼େନିଙ୍ଗର ଉପଯୁକ୍ତ ଯତ୍ନ ନେଇପାରିବା। ଏହା ବ୍ୟତୀତ ଆମେ କେତେବେଳେ ଗଛ ପାଣି ଆବଶ୍ୟକ କରୁଛି ତାହା ମଧ୍ୟ ଲକ୍ଷ୍ୟ କରିପାରିବା। ସୁତରାଂ ଜଳସେଚନ ପାଇଁ ଆମେ ବୁନ୍ଦା ଜଳସେଚନ ପ୍ରଣାଳୀ ଆପଣେଇପାରିବା। ଯାହା ଦ୍ୱାରା ପାଣି କମ ଖର୍ଚ୍ଚ ହେବା ସହ ଗଛର ଚେର ଠିକ ଭାବେ ପାଣି ପାଇପାରିଥାଏ।

କିପରି ଯତ୍ନ ନେବେ–

-ବାଲୁଙ୍ଗା ତଥା ଗଛ ଭିତରେ ଅଦରକାରୀ ଗୁଳ୍ମ ଦେଖିଲେ ଏହାକୁ ଉପାଡ଼ିଦେବା ଉଚିତ୍।

-ଡ୍ରେନେଜ ସ୍ଥାନକୁ ପରିଷ୍କାର ପରିଚ୍ଛନ ରଖିବା ଆବଶ୍ୟକ।

- ଜୈବିକ ଖତକୁ ବ୍ୟବହାର କରିବା।

-ଠିକ୍ ସମୟରେ ପାଣି ଦେବା ଆବଶ୍ୟକ।

-ରୋଗ ପୋକ ପରିଚାଳନା ସଠିକ ସମୟରେ କରାଯିବା ଦରକାର।

-ସ୍ଥାନ ଚୟନ ଠୁ ଆରମ୍ଭ କରି ଅମଳ ଯାଏଁ ଏକ ଉପଯୁକ୍ତ ତାଲିକା ବା ଖସଡ଼ା ପ୍ରସ୍ତୁତ କରି ତଦାରଖ କରିବା ଆବଶ୍ୟକ।

# ଗାଁ ଚାଷ ଜମି ଭାରି ସୁନ୍ଦର , ଜୈବିକ କୃଷିର ଭାରି ଆଦର

ଆଲେଖ୍ୟ - ଡ଼ି ଶୁଭମ୍



ଚାଷ – ଏକ ବ୍ୟବସାୟ ନୁହେଁ ବରଂ ଏକ ସ୍ୱର୍ଗୀୟ ଅନୁଭବ। ଆଉ ପୁଣି ଧରିତ୍ରୀମାତା ସହ ଏକ ମାର୍ମିକ ସମ୍ପର୍କ। ରାତି ପାହିଲେ ହାତରେ ଲଙ୍ଗଳ , କାନ୍ଧରେ ଗାମୁଛା ଆଉ ପଖାଳ ମୁଠେ ଖାଇଦେଇ ଆରମ୍ଭ ହୋଇଯାଏ ଚାଷର ପର୍ବ। ସତରେ ଏକ ମହାର୍ଘ୍ୟ ଅନୁଭୂତିର ଅବଲୋକନ। ପାରମ୍ପରିକ କୃଷିକୁ ଛାଡ଼ି ଏବର ସମାଜରେ ଆଧୁନିକତାର ସ୍ପର୍ଶ ଗାଁ କ୍ଷେତରେ ବି ଦେଖାଗଲାଣି। ରାସାୟନିକ ସାରର ବହୁଳ ବ୍ୟବହାର ଏବେ ସବୁଆଡ଼େ ଆମ ଦୃଷ୍ଟିକୋଣରେ ପରିଲକ୍ଷିତ। କିନ୍ତୁ ଆମ ଅଜାଣତରେ ଆମେ ନିଜେ ନିଜର ଶରୀରର କେତେ ଯେ କ୍ଷତି କରୁଛନ୍ତି , ସେକଥା ଜାଣି ନାହାନ୍ତି। ତେଣୁ ଏହି ଆଧୁନିକତାକୁ ଦ୍ୱାହି ଦେଇ ଏବେ ଜୈବିକ କୃଷିର ବ୍ୟବହାରକୁ ପ୍ରାଥମିକତା ଦିଆଯାଉଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ବି ପରମ୍ପରାଗତ କୃଷି ବିକାଶ ଯୋଜନା ଦ୍ୱାରା ଜୈବିକ କୃଷିକୁ ଲୋକପ୍ରିୟ କରାଯାଇପାରୁଛି। ୨୦୨୨ ସୁଦ୍ଧା ଚାଷୀର ଆୟକୁ ଦୁଇଗୁଣ କରିବାର ଲକ୍ଷ୍ୟ ଜୈବିକ କୃଷି ଦ୍ୱାରା ପୂରଣ କରାଯାଇପାରିବ। କମ ଖର୍ଚ୍ଚ , ସ୍ୱଳ୍ପ ସମୟ ଓ ଅଧିକ ଆୟର ମାଧମ ଏହି ଜୈବିକ କୃଷି।


ଆସନ୍ତୁ ନଜର ପକେଇବା କେତୋଟି ପ୍ରମୁଖ ଜୈବିକ କୃଷିର ଉପାଦାନ ଉପରେ

ପଂଚଗବ୍ୟ-

ଆବଶ୍ୟକ ସାମଗ୍ରୀ- ଗୋବର, ଗୋମୂତ୍ର, ଦୁଗ୍ଧ, ଦଧି, ଘିଅ, ଗୁଡ଼, ପଚିଲା କଦଳୀ, ନଡ଼ିଆପାଣି ଏବଂ ପାଣି।

ପ୍ରଣାଳୀ :

୭ କି.ଗ୍ରା ଗୋବରରେ ୧ କି.ଗ୍ରା ଗାଈ ଘିଅକୁ ସକାଳ କିମ୍ବା ସନ୍ଧ୍ୟା ସମୟରେ ଭଲଭାବେ ମିଶାଯାଇ ତାହାକୁ ୩ ଦିନ ପର୍ଯ୍ୟନ୍ତ ରଖାଯାଏ । ରଖିବା ପାଇଁ ମାଟିପାତ୍ର କିମ୍ବା ଟିଣ ପାତ୍ର କିମ୍ବା ପ୍ଲାଷ୍ଟିକ ପାତ୍ର ମଧ୍ୟ ବ୍ୟବହାର କରାଯାଇ ପାରିବ । ୩ ଦିନ ପରେ ସେଥିରେ ୧୦ ଲିଟର ଗୋମୂତ୍ର ଓ ୧୦ ଲିଟର ପାଣି ମିଶାଇ ୧୫ ଦିନ ପର୍ଯ୍ୟନ୍ତ ରଖାଯାଇଥାଏ । ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ଏହାକୁ ଭଲଭାବରେ ଘାଣ୍ଟି ଦିଆଯାଏ । ୧୫ ଦିନ ପରେ ଏଥିରେ ଗୋ-ଦୁଗ୍ଧ ୩ ଲିଟର, ଦଧି ୩ ଲିଟର, ନଡ଼ିଆ ପାଣି ୩ ଲିଟର ଓ ଗୁଡ଼ ୩ କେ.ଜି. ଏବଂ ପଚିଲା କଦଳୀ ୧୨ଟି ଭଲଭାବରେ ମିଶାଯାଇ ୩୦ ଦିନ ପର୍ଯ୍ୟନ୍ତ ରଖାଯାଏ । ୩୦ ଦିନ ପର୍ଯ୍ୟନ୍ତ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଏହାକୁ ଭଲ ଭାବରେ ଘାଣ୍ଟି ଦିଆଯାଇଥାଏ । ପଞ୍ଚଗବ୍ୟ ପ୍ରସ୍ତୁତି ପାଇଁ କେବଳ ଗୋଜାତ ଦ୍ରବ୍ୟ ହିଁ ବ୍ୟବହୃତ




ହୋଇଥାଏ। ଜର୍ସି ଗାଈ ଅପେକ୍ଷା ଦେଶୀଗାଈର ଜାତ ପଦାର୍ଥ ବ୍ୟବହାର କରାଗଲେ ଅଧିକ ସୁଫଳ ମିଳିଥାଏ ।

ପ୍ରୟୋଗ ବିଧି :

ପଞ୍ଚଗବ୍ୟକୁ ଆମେ ସବୁ ଚାଷ ପାଇଁ ବ୍ୟବହାର କରିପାରିବା। ପ୍ରତ୍ୟେକ ଶସ୍ୟ ପାଇଁ ପ୍ରାୟ ୩% ଦ୍ରବଣ ହିସାବରେ ବ୍ୟବହାର କରାଯାଏ । ପ୍ରତି ୧୦୦ ଲିଟର ପାଣିରେ ୩ ଲିଟର ପଞ୍ଚଗବ୍ୟ ମିଶାଇଲେ ଆମେ ୩% ପଞ୍ଚଗବ୍ୟ ଦ୍ରବଣ ପାଇ ପାରିବା । ୧୦ ଲିଟର କ୍ଷମତା ବିଶିଷ୍ଟ ସିଂଚନ ଟାଙ୍କିରେ ୩୦୦ ମି.ଲି. ହିସାବରେ ମିଶାଇ ପ୍ରୟୋଗ କରାଯାଇଥାଏ । ପ୍ରତି ଏକର ଜମିରେ ୨୦୦ ଲିଟରରୁ ୨୫୦ ଲିଟର ୩% ପଞ୍ଚଗବ୍ୟ ଦ୍ରବଣ ସିଂଚନ କରାଯାଇଥାଏ । ପ୍ରତି ଶସ୍ୟରେ ଆମେ ୨୦-୨୫ ଦିନ ବ୍ୟବଧାନରେ ଆମେ ପଞ୍ଚଗବ୍ୟ ଦ୍ରବଣ ପ୍ରୟୋଗ କରିପାରିବା । ସିଞ୍ଚନ ଯନ୍ତ୍ରରେ କିଛି ଅସୁବିଧା ସମ୍ମୁଖୀନ ନ ହେବାକୁ ପଞ୍ଚଗବ୍ୟକୁ ପ୍ରଥମେ ସୂତାକପଡ଼ାରେ ଛାଣି ଦିଆଯାଏ ଓ ଖଦଡ଼ା ପଦାର୍ଥକୁ ସିଧାସଳଖ ଭାବେ ଜମିରେ ଖତଭାବେ ବ୍ୟବହାର କରାଯାଏ । ୩% ପଞ୍ଚଗବ୍ୟ ଦ୍ରବଣରେ ମଧ୍ୟ ବିହନ ବିଶୋଧନ କରାଯାଇ ପାରିବ । ବିହନ ବୁଣିବା ପୂର୍ବରୁ ବିହନକୁ ୩୦ ମିନିଟ ପର୍ଯ୍ୟନ୍ତ ୩% ପଞ୍ଚଗବ୍ୟ ଦ୍ରବଣରେ ଭିଜାଇ ରଖିଲେ ବହୁତ ସୁଫଳ ମିଳିଥାଏ ।

ଆଜୋଲା : ଆଜୋଲା ଏହିଭଳି ଏକ ଜଳଜାତୀୟ ଫର୍ଣ୍ଣ । ଏହା ମୁଖ୍ୟତଃ ଧାନ ଫସଲରେ ବ୍ୟବହୃତ ହୁଏ । ଆଜୋଲ, ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଆନବେନା ସହ ମିଶି ଏକ ପ୍ରମୁଖ ଜୈବିକ ସାରର ଭୂମିକା ନିଭାଇଥାଏ । ଆଜୋଲା ଧାନ ଚାରାର ଧାଡ଼ି ଧାଡ଼ିରେ ମଧ ବଢ଼ାଯାଇପାରେ ଏବଂ ଏହାପରେ ଏହାକୁ ନେଇ ପ୍ରୟୋଗ କରାଯାଏ । ବାୟୋମାସ୍ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଇଥାଏ । ଦ୍ରୁତ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଭାବେ ମଧ୍ୟ ଆଜୋଲା ପିନଟା ବ୍ୟବହୃତ ହୁଏ ।

ଏତଦ୍‌ଭିନ୍ନ ଆଜୋସ୍ପିରିଲମ୍ ମଧ୍ୟ ବ୍ୟବହାର କରାଯାଏ । ଏହି ସବୁ ବର୍ତ୍ତମାନ ସମୟରେ ଏକ ଯୁଗାନ୍ତକାରୀ ପଦକ୍ଷେପ । କୃଷି କ୍ଷେତ୍ରରେ ଏହାର ଉପଯୋଗ ଉତ୍ପାଦନରେ ଶତଗୁଣ ବୃଦ୍ଧି କରିବା ସହ ହାନିକାରକ ହୋଇ ନଥାଏ ।

ଏହା ଏକପ୍ରକାର ଦଳ। ଏହାର ପତ୍ରଗୋଲରେ ନୀଳହରିତ ଶୈବାଳ ବାସ କରି ଯବକ୍ଷାରଜାନ ନିବଦ୍ଧିତ କରେ। ଏହି ଦଳ ଖୁବ୍‌ଶୀଘ୍ର ବଂଶବିସ୍ତାର କରି ବଢିପାରେ। ଧାନ ରୋଇବା ପୂର୍ବରୁ ବା ବେଉଷଣ କରିବାର ୨/୩ ସପ୍ତାହ ଆଗରୁ ଜମିରେ ୪ଇଂଚ ଠିଆ ପାଣି ରଖି ଆଜୋଲା ଦଳ ଛାଡ଼ି ଦିଆଯାଏ। ଏଥିପାଇଁ ହେକ୍ଟର ପିଛା ୧୦୦୦ କିଗ୍ରା ଛଣା ଆଜୋଲା ଦଳ ଆବଶ୍ୟକ। ଏହି ପରିମାଣ ଆଜୋଲା ଦଳ ପାଇବା ପାଇଁ ଆଗରୁ ପୋଖରୀ ବା ପାଣି ଜମି ରହୁଥିବା କୌଣସି ଖାଲୁଆ ସ୍ଥାନରେ ଆଜୋଲା ଦଳର ବଂଶ ବିସ୍ତାର କରିପାରେ ଏବଂ ସେଠାରୁ ସଂଗ୍ରହ କରି ଆଣି ଧାନ ଜମି ରେ ଛଡ଼ାଯାଏ। ଆଜୋଲା ଦଳ ଶୀଘ୍ର ବଢିବା ପାଇଁ ଓ ବଂଶବିସ୍ତାର ଲାଭ କରିବା ପାଇଁ ମୃତ୍ତିକାର ଗ୍ରହଣୀୟ ଫସ୍‌ଫେଟ ପରିମାଣ ଅଧିକ ହେବା ଦରକାର। ଆଜୋଲା ଦ୍ୱାରା ଧାନ ଫସଲ ପାଇଁ ୧ ହେକ୍ଟର ପିଛା ୧୦-୩୦ କିଗ୍ରା ଯବକ୍ଷାରଜାନ ମୃର୍ତ୍ତିକାରେ ମିଶେ। ଧାନ ରୋଇବା ପରେ ବା ବେଉଷଣ କରିସାରିବା ପରେ ମଧ ଜମିରେ ପାଣି ରଖି ଆଜୋଲା ଛାଡ଼ି ଦିଆଯାଏ ଏବଂ ଆଜୋଲା ବିସ୍ତାର ଲାଭ କଲାପରେ ଜମିରୁ ପାଣି ନିଷ୍କାସନ କରିଦେଲେ ଆଜୋଲା ମାଟିରେ ସଢି ମିଶିଯାଏ।

ଆଜୋଲା ଏହିଭଳି ଏକ ଜଳଜାତୀୟ ଫର୍ଣ୍ଣ । ଏହା ମୁଖ୍ୟତଃ ଧାନ ଫସଲରେ ବ୍ୟବହୃତ ହୁଏ । ଆଜୋଲ, ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଆନବେନା ସହ ମିଶି ଏକ ପ୍ରମୁଖ ଜୈବିକ ସାରର ଭୂମିକା ନିଭାଇଥାଏ । ଆଜୋଲା ଧାନ ଚାରାର ଧାଡ଼ି ଧାଡ଼ିରେ ମଧ ବଢ଼ାଯାଇପାରେ ଏବଂ ଏହାପରେ ଏହାକୁ ନେଇ ପ୍ରୟୋଗ କରାଯାଏ । ବାୟୋମାସ୍ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଇଥାଏ । ଦ୍ରୁତ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଭାବେ ମଧ୍ୟ ଆଜୋଲା ପିନଟା ବ୍ୟବହୃତ ହୁଏ । ଏତଦ୍‌ଭିନ୍ନ ଆଜୋସ୍ପିରିଲମ୍ ମଧ୍ୟ ବ୍ୟବହାର କରାଯାଏ । ଏହି ସବୁ ବର୍ତ୍ତମାନ ସମୟରେ ଏକ ଯୁଗାନ୍ତକାରୀ ପଦକ୍ଷେପ । କୃଷି କ୍ଷେତ୍ରରେ ଏହାର ଉପଯୋଗ ଉତ୍ପାଦନରେ ଶତଗୁଣ ବୃଦ୍ଧି କରିବା ସହ ହାନିକାରକ ହୋଇ ନଥାଏ ।

ପ୍ରାଣମୃତ-

ଆବଶ୍ୟକୀୟ ଉପାଦାନ- କୁକୁଡ଼ା ଖତ(୧୫୦ କିଗ୍ରା) , ସୋରିଷ ପିଡ଼ିଆ(୨୫କିଗ୍ରା) , ପାଉଁଶ(୫୦କିଗ୍ରା) , ପାଣି(୨୦୦ଲିଟର)

ପ୍ରସ୍ତୁତି ପ୍ରଣାଳୀ- ସର୍ବପ୍ରଥମେ ଜମିରେ ଗାତ ଖୋଳି ଗୋଟିଏ ପ୍ଲାଷ୍ଟିକ ଚଟ ବିଛାନ୍ତୁ। ଏହି ଚାରୋଟି ସାମଗ୍ରୀକୁ ଏକତ୍ର ମିଶ୍ରଣ କରନ୍ତୁ। ଏହା ପରେ ଅଖା ବସ୍ତା ବା ଛଣ ଦେଇ ଘୋଡ଼ାଇ ଦିଅନ୍ତୁ। ସକାଳ ଓ ସଂଧ୍ୟା ସମୟରେ ଏଥିରେ ପାଣି ଥିବା ଦରକାର। ଯଦି ପାଣି ଶୁଖିଯାଇଥିବ ତାହେଲେ କିଛି ପାଣି ସିଂଚନ କରିବା ଆବଶ୍ୟକ। ତିନି ଦିନ ପରେ ଭୃତାଣୁ ନଜର ଆସିବେ , ସେବେ ହିଁ ଏହାକୁ ବ୍ୟବହାର କରାଯିବ।

ପ୍ରୟୋଗ ବିଧି- ଏହାକୁ ବ୍ୟବହାର କରିବା ଦ୍ୱାରା ଜମିକୁ ଉପଯୁକ୍ତ ପରିମାଣରେ ଯବକ୍ଷାରଜାନ , ଫସଫରସ ଓ ପଟାସ ମିଳିପାରିଥାଏ। ଏହାର ବ୍ୟବହାର ଫଳରେ ରାସାୟନିକ ସାରର ଉପଦ୍ରବ ହ୍ରାସ ହେବା ସହିତ ଏହା ମାଟିର ଉର୍ବରତା ମଧ୍ୟ ବୃଦ୍ଧି କରେ। ଏହାକୁ ଏକ ଅଖା ଭିତରେ ବାନ୍ଧି ଛାଇ ଜାଗା ଭିତରେ ବା ଥଣ୍ଡା ଜାଗାରେ ରଖି ୬ମାସ ଯାଏଁ ବ୍ୟବହାର କରିପାରିବେ।

ଜୀବାମୃତ-

ଜିଆଖତ, ପଂଚଗବ୍ୟ, ଦଶଗବ୍ୟର ବ୍ୟବହାର ଏବେ ଅନେକ ଅବଲମ୍ବନ



କରି/ ବ୍ୟବହାର କରି ଆଖିଦୃଶିଆ ଲାଭ ପାଇବାର ଲକ୍ଷ୍ୟ କରାଯାଉଛି। ଜୈବିକ କୃଷିର ଏସବୁ ମୁଖ୍ୟ ଉପାଦାନ ଭାବେ ଏହା ବେଶ ଆଦୃତ ହୋଇପାରିଛି। ତେବେ ଏସବୁ ବାଦ୍ ସମ୍ପ୍ରତି ଜୈବିକ କୃଷି ପାଇଁ ଜୀବାମୃତ କୁ ବ୍ୟବହାର କରାଯାଉଛି ଯାହାକି ଏକ ତରଳ ଜୈବିକ ଖତ। ଜୀବାମୃତର ଚ୍ାହିଦା ଏବେ ବଢ଼ିବାରେ ଲାଗିଛି ଆଉ ତାସାଙ୍ଗକୁ ଜୈବିକ କୃଷିର ଏକ ନୂଆଦିଗ ଭାବେ ଏହା ଉଭା ହୋଇଛି। ତେବେ ଆସନ୍ତୁ ନଜର ପକେଇବା- ଏ ଜୀବାମୃତ କ'ଣ, କିପରି ପ୍ରସ୍ତୁତ କରାଯାଏ।

ଜୀବାମୃତ ଏକ ତରଳ ଜୈବିକ ଖତ ଯାହା ଜୈବିକ କୃଷି ପ୍ରଣାଳୀରେ ବ୍ୟବହାର କରାଯାଏ। ନାଇଟ୍ରୋଜେନ୍, ପଟାସ୍, କାର୍ବନ୍ ପରି ପୋଷକତତ୍ତ୍ୱ ଯୋଗାଇଲାପରି ଏକ ନୂତନ ଆରମ୍ଭ ଜୀବାମୃତ। ଏହା ଖୁବ ସହଜ ଓ ଶୀଘ୍ର କରାଯାଇପାରେ। ଯାହା ଚ୍ାଷ କ୍ଷେତରେ ବିଭିନ୍ନ ସାହାଯ୍ୟ କରେ। ଜୀବାମୃତ ସହିତ ଅନ୍ୟ ଖତକୁ ମିଶ୍ରିତ କରି ମଧ୍ୟ ବ୍ୟବହାର କରାଯାଇପାରିବ।

ପ୍ରସ୍ତୁତି ପ୍ରଣାଳୀ- ୧୦୦୦ ଲିଟର ପାଣି, ୫୦ କିଗ୍ରା ଗୋବର, ୫୦ ଲିଟର ଗୋମୂତ୍ର, ୧୦-୧୨ କିଗ୍ରା ବେସନ, ୧୦-୧୨ କିଗ୍ରା ଗୁଡ, ଆଉ ଗଛ ମୂଳରୁ କିଛି ବାଲି (ଦୁଇ ହାତ) କିମ୍ବା (ଅନ୍ୟ ଯେକୌଣସି ପୁରୁଣା ଗଛର ମୂଳର ବାଲିକୁ ମଧ୍ୟ ବ୍ୟବହାର କରାଯାଇପାରେ)।

ଏସବୁକୁ ଗୋଟିଏ ପାତ୍ରରେ ମିଶ୍ରଣକରି ଗୋଳାନ୍ତୁ ଓ ସୂର୍ଯ୍ୟାଲୋକଠାରୁ ଦୂରରେ ଅର୍ଥାତ ଛାଇ ଜାଗାରେ ରଖନ୍ତୁ। ୪ଦିନ ପର୍ଯ୍ୟନ୍ତ ପ୍ରତ୍ୟହଃ ୧୦ ମିନିଟ୍ ଲେଖାଏ ମିଶ୍ରଣକୁ ଭଲଭାବେ ଘାଣ୍ଟିବା ଆବଶ୍ୟକ। ୧୦-୧୨ ଦିନ ପରେ ଏହା ବ୍ୟବହାର ଉପଯୋଗୀ ହୋଇଯାଏ। ଏହାପରେ ଆମେ ବଗିଚ୍ା କି ଚ୍ାଷ କ୍ଷେତରେ ବ୍ୟବହାର କରିପାରିବା।

-ଏହା ମାଟିର ଉର୍ବରତା ବଢାଇବା ସହ ମିତ୍ର ଜୀବାଣୁଙ୍କ ସଂଖ୍ୟା ବୃଦ୍ଧି କରେ।

-ଯେହେତୁ ୪-୫ ଦିନ ମଧ୍ୟରେ ଏହା ପ୍ରସ୍ତୁତ ହୋଇପାରେ, ତେଣୁ ଏହାକୁ ଅତି ସହଜରେ ଜମିରେ ବ୍ୟବହାର କରାଯଇପାରିବ।

- ଜୀବାମୃତର ବ୍ୟବହାର ମାଟିରେ ଜିଆର ସଂଖ୍ୟା ବୃଦ୍ଧି କରେ ଯାହା ମାଟିକୁ ହାଲୁକା କରିବା ସହ ଦଳଧାରଣା କ୍ଷମତା ବୃଦ୍ଧି କରେ।

-ଏହାକୁ ମଧ୍ୟ ଆମେ ସ୍ପ୍ରେ ଭାବେ ବ୍ୟବହାର କରିପାରିବା।

ନୀମାସ୍ତ୍ର- ଜୈବିକ କୃଷି କ୍ଷେତ୍ରରେ ନୀମାସ୍ତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହା ରାସାୟନିକ କୀଟନାଶକ ପରିବର୍ତ୍ତେ ବ୍ୟବହାର କରାଯାଏ।

ଆବଶ୍ୟକୀୟ ଉପାଦାନ –
ପାଣି–୧୦୦ ଲିଟର
ଗୋବର – ୫ କିଗ୍ରା
ଗୋମୂତ୍ର – ୫ ଲିଟର
ନିମ୍ବ ପତ୍ର – ୫ କିଗ୍ରା

ପ୍ରସ୍ତୁତି ପ୍ରଣାଳୀ – ୧୦୦ ଲିଟର ପାଣିରେ ୫ ଲିଟର ଗୋମୂତ୍ର ମିଶାଇଦିଅନ୍ତୁ। ଏହା ସହ ସେଥିରେ ୫କିଗ୍ରା ଗୋବରକୁ ବି ମିଶେଇଦିଅନ୍ତୁ। ପାଖରେ ଥିବା ୫କିଗ୍ରା ନିମ୍ବପତ୍ରକୁ ଗୁଣ୍ଡ କରନ୍ତୁ ଓ ଏହାକୁ ଉପରୋକ୍ତ ପାଣିରେ ମିଶାନ୍ତୁ। ଏହାକୁ ୨୪ ଘଣ୍ଟା ଯାଏଁ ରଖନ୍ତୁ।



ଦିନକୁ ଦୁଇଥର ଲେଖାଏଁ ଘାଣ୍ଟନ୍ତୁ। ଶେଷରେ ଏହାକୁ ଛାଣି ବ୍ୟବହାର କରନ୍ତୁ।

ରଖିବା ସ୍ଥାନ – ଏହି ଦ୍ରବଣକୁ ସବୁବେଳେ ସକାଳ ଓ ସନ୍ଧ୍ୟା ଦୁଇ ସମୟରେ ଘାଣ୍ଟିବା ଦରକାର। ଏହାକୁ ଏକ ଛାଇ ସ୍ଥାନରେ ରଖିବା ଆବଶ୍ୟକ। ମଶା , ମାଛି ନବସିବା ପାଇଁ ଏହାକୁ ଜାଲ ଦ୍ୱାରା ଘୋଡ଼ଇେଦିଆଯାଏ।

ପ୍ରୟୋଗ ସମୟ – ସକାଳ ୬ଟାରୁ ୮.୩୦ ଓ ସନ୍ଧ୍ୟା ୪ଟାରୁ ୬.୩୦




# ଅସାମ୍ବିଧାନିକ ଉପାୟରେ ଜିଗ୍ନେସ୍ ମେୱାନିଙ୍କୁ ଗିରଫ କରିବା ନିନ୍ଦନୀୟ

ଭୁବନେଶ୍ୱର (ପିଏନ): ଜିଗ୍ନେସ ମେୱାନିଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫ ପ୍ରତିବାଦ ଓ ତୁରନ୍ତ ଖଲାସ ଦାବିରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ମାନ୍ୟବର ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଅଛି । ଶ୍ରୀଯୁକ୍ତ ଜିଗ୍ନେସ ମେୱାନି ଜଣେ ଦକ୍ଷ, ବିଶିଷ୍ଟ ଦଳିତ ନେତା ଓ ବିଧାୟକ ବାଗାଗାମ ବିଧାନସଭା ନିର୍ବାଚନ ମଣ୍ଡଳି (ଗୁଜରାଟ) ଗତ.୨୧.୦୪.୨୦୨୨ତାରିଖ ମଧ୍ୟରାତ୍ରିରେ ଗୁଜୁରାଟର ପାଲାନପୁର ସର୍କିଟ ହାଉସରୁ ଆସାମ ପୋଲିସ୍ ଗିରଫ କରିଛନ୍ତି ବୋଲି ଆମ୍ଭ ନଜରକୁ ଆସିଛି । ନିକଟରେ ବିଜେପି ନେତା ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଅଭିଯୋଗ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଜିଗ୍ନେସ ମେୱାନି କରିଥିବା ଟ୍ୱିଟ୍ ଏକ ଅବାସ୍ତବ । ଆସାମର କୋକ୍ରାଝର ଜିଲ୍ଲାର ଏକ ବିଜେପି ନେତା ଅରୂପ କୁମାର ଦେଙ୍କ ଅଭିଯୋଗ କ୍ରମରେ ଦର୍ଶାଇଛନ୍ତି ଯେ ଜିଗ୍ନେସ ମେୱାନିଙ୍କ ଟ୍ୱିଟ୍ କିଛି ଗୋଷ୍ଠୀର ଜନସାଧାରଣଙ୍କ ମଧ୍ୟରେ ଉତେଜନା ସୃଷ୍ଟି କରିବ ଓ ସଂହତିରେ ବାଧା ସୃଷ୍ଟି କରିବ । ଜଣେ ବିଜେପି କର୍ମୀଙ୍କ ଅଭିଯୋଗ କ୍ରମେ ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଏଭଳି ଭାବରେ ଗିରଫ କରାଯିବା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଏକ ଟ୍ୱିଟ୍‌କୁ ନେଇ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱକର୍ମାଙ୍କର ସରକାର ଏକ ଭୀରୁ ଏବଂ ପ୍ରତିଶୋଧପରାୟଣ, ବିଜେପି ସରକାର ବୋଲି ମନେହୁଏ । କେହିବି ଦଳିତ, ଆଦିବାସୀ ଓ ବଂଚିତ ବର୍ଗ ପାଇଁ ସ୍ୱର ଉଠାଇଲେ ବିଜେପି ସରକାର ତାଙ୍କର ପ୍ରତିଶୋଧପରାୟଣ ରୂପ ଦେଖାଇଥାନ୍ତି । ନିକଟରେ ଗୁଜରାଟ ପ୍ରଦେଶର ବିଧାନ ସଭା ନିର୍ବାଚନ ପାଖେଇ ଆସୁଥିବାରୁ କେନ୍ଦ୍ର ବିଜେପି ସରକାର, ଗ୍ୟାସ, ପେଟ୍ରୋଲ, ଡିଜେଲ, ସି.ଏନ୍.ଜି. ଓ ଅତ୍ୟାବଶ୍ୟକୀୟ ଦ୍ରବ୍ୟର ଅହେତୁକ ମୂଲ୍ୟ ବୃଦ୍ଧି ଉପରୁ ଜନସାଧାରଣଙ୍କ ନଜର ହଟାଇବା ଓ କୋଭିଡ଼ ମୃତ୍ୟୁକୁ ନିୟନ୍ତ୍ରଣ କରିବାରେ ଗୁଜରାଟ ସରକାର ବିଫଳ ହୋଇଥିବାରୁ ନିଜର ବଦନାମକୁ ଲୁଚାଇବା ପାଇଁ କ୍ଷମତାର ଅପବ୍ୟବହାର କରି ଏ ସବୁ ହୀନ ଚକ୍ରାନ୍ତ କରୁଛନ୍ତି । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଜିଗ୍ନେସଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫ କରାଯାଇଥିବାରୁ ଏ ଘଟଣାର ତିବ୍ର ନିନ୍ଦା କରାଯିବା ସହିତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ଓ ଆସାମ ମୁଖ୍ୟମନ୍ତ୍ରୀ ହେମ' ବିଶ୍ୱଶର୍ମା, ଜିଗ୍ନେସଙ୍କୁ ଲିଖିତ ଆକାରରେ କ୍ଷମା ମାଗିବା ସହିତ ତାଙ୍କୁ ଖଲାସ କରି, ତାଙ୍କର ଗୁଜରାଟ ପ୍ରଦେଶର ଗୃହକୁ ପଠାଇବାର ସୁବନ୍ଦୋବସ୍ତ କରିବା ପାଇଁ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବ କରାଯାଉଅଛି । ଅଖିଳ ଭାରତୀୟ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ଓ ରାଜ୍ୟ ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରତିନିଧି ମଣ୍ଡଳୀରେ କଂଗ୍ରେସ ଅନୁସୂଚିତ ଜାତି ବିଭାଗର କର୍ମକର୍ତା ସନ୍ତୋଷ କୁମ୍ଭାର, ମାନସ ମଲ୍ଲିକ,ଜାନକି ମଲ୍ଲିକ, ତାପସ ସେଠି ଓ ଜୟନ୍ତ କୁମାର ଭୋଇ ପ୍ରମୁଖ ମାନ୍ୟବର ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଉଜ୍ଜ୍ୱଳ ତାରକାର ଦୁଃଖଦ ଅବସାନ

ଭୁବନେଶ୍ୱର (ପିଏନ୍): ବିଶିଷ୍ଟ ଯୁବ ବୈଜ୍ଞାନିକ ତଥା ଗବେଷକ ଡାକ୍ତର ସୁଜିତ କୁମାର ମହାନ୍ତି ଦୀର୍ଘଦିନ ଧରି ଫୁସ୍‌ଫୁସ୍ ଜନିତ କ୍ୟାନସର୍ ରୋଗରେ ଆକ୍ରାନ୍ତ ହୋଇ ଗତ ଅପ୍ରେଲ ୮ ତାରିଖ ରାତିରେ ଏକ ଘରୋଇ ହସ୍ପିଟାଲ୍‌ରେ ଇହଲୀଳା ସମ୍ବରଣ କରିଛନ୍ତି । ଡକ୍ଟର ସୁଜିତ ମହାନ୍ତି ହେଉଛନ୍ତି ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ସୁଧୀର ମହାନ୍ତିଙ୍କ ଦ୍ୱିତୀୟ ପୁତ୍ର । ସୁଜିତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ କୃତିତ୍ୱର ସହ ବାୟୋ-ଟେକ୍ନୋଲୋଜିରେ ପାସ୍ କରିବା ପରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି, ହାଇଦ୍ରାବାଦରେ ଅଧ୍ୟୟନ କରି ସେଠାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିଲେ । ତା'ପରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ, ବାଙ୍ଗାଲୋରରେ ପଢୁଥିବା ସମୟରେ ବିଭିନ୍ନ ବୈଜ୍ଞାନିକମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସମ୍ପୂର୍ଣ୍ଣ ଛାତ୍ରବୃତ୍ତି ପାଇ ଉଚ୍ଚଶିକ୍ଷା ହାସଲ କରିବାକୁ ଆମେରିକା ଯାଇଥିଲେ । ସେଠାରେ ଆଇ.ଓ.ଡବ୍‌ଲ୍ୟୁ.ଏ. ୟୁନିଭରସିଟିରେ ବାୟୋକେମିକାଲ୍ ଇଞ୍ଜିନିୟରିଂରେ ପାସ୍ କରିବା ସଙ୍ଗେସଙ୍ଗେ ପି.ଏଚ୍‌ଡି. ହାସଲ କରିଥିଲେ । ଏହାପରେ ଏକ ବେସରକାରୀ କମ୍ପାନୀରେ କାମ କରି ଗବେଷଣା କରିଥିଲେ । ତାପରେ ପୋଷ୍ଟ ଡକ୍ଟରେଟ୍ କରିବା ସମୟରେ ଆମେରିକାର ବିଶିଷ୍ଟ ଓଡ଼ିଆ ଶିଳ୍ପପତି ଡାକ୍ତର ଶୀତିକଣ୍ଠ ଦାସଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ନିଜ ରାଜ୍ୟରେ ଶିଳ୍ପର ବିକାଶ ପାଇଁ କାର୍ଯ୍ୟ କରିବା ପାଇଁ ୨୦୧୯ ମସିହାରେ ଓଡ଼ିଶା ଫେରି ଆସିଥିଲେ । ଭୁବନେଶ୍ୱରରେ ସ୍ୱାଲୋକମ ବାଇଅଭେଞ୍ଚର୍ କମ୍ପାନୀ ଗଠନ କରି କାର୍ଯ୍ୟ ଆରମ୍ଭ କରିବା ସମୟରେ ଦୁଇଥର କୋରୋନାରେ ଆକ୍ରାନ୍ତ ହୋଇଥିଲେ । ଆରୋଗ୍ୟ ଲାଭ କରିଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ କ୍ୟାନ୍‌ସର୍‌ରେ ଆକ୍ରାନ୍ତ ହୋଇଥିଲେ । ଟାଟା ମେମୋରିଆଲ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହୋଇଥିଲେ ମଧ୍ୟ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ଅଗ୍ରଗତି ପରିଲକ୍ଷିତ ହୋଇ ନଥିଲା । ଭୁବନେଶ୍ୱରରେ ସମ୍ ହସ୍ପିଟାଲ୍‌ରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମାତା ରଞ୍ଜିତା ମହାନ୍ତି, ବଡ଼ଭାଇ ଡାକ୍ତର ସୁବ୍ରତ ମହାନ୍ତି, ଭାଉଜ ଲଭଲିନ୍ ମହାନ୍ତି, ସାନଭାଇ ଡକ୍ଟର ସନ୍ଦୀପ ମହାନ୍ତି, ଭାଇବୋହୂ ଡଃ ପ୍ରିୟଙ୍କା ମହାନ୍ତି ଉପସ୍ଥିତ ଥିଲେ ।

# ଲେଖକ ସମବାୟ ସମିତିର ରାଜ୍ୟସ୍ତରୀୟ କବିତା ପାଠ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଲେଖକ ସମବାୟ ସମିତିର ଦଶମ ବାର୍ଷିକ ସାରସ୍ୱତ ସମାରୋହ ଅବସରରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହର ପ୍ରଥର ପର୍ଯ୍ୟାୟରେ ଅନୁଷ୍ଠିତ ଆସରକୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପାଲାକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ମ ।ସୀନ ଅତିଥି ମାନଙ୍କ ମଧ୍ୟରେ ଅନ୍ୱେସା ସାହିତ୍ୟ ସଂସଦର ସଭାପତି ସୁରେନ୍ଦ୍ର କୁମାର ବେହେରା, କୁଶଳେଶ୍ୱର ସାହିତ୍ୟ ସଂସଦର ଉପସଭାପତି ମଙ୍ଗୁଳି ଚରଣ ପୃଷ୍ଟି, ସମ୍ବାଦ ସାହିତ୍ୟ ଘର ହାଟଡିହୀର ସଭାପତି ଅନ୍ତର୍ଯ୍ୟାମୀ ରାଉତ ଏବଂ ବଉଳା ସାହିତ୍ୟ ସଂସଦର କର୍ମକର୍ତ୍ତା ଅଧ୍ୟାପକ ସୁବାସ ପାତ୍ର, ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାହିତ୍ୟରେ କବିତାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ରତ୍ନାକର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଭବ୍ୟ କବିତା ପାଠରେ ଯାଜପୁର, ଭଦ୍ରକ, କଟକ, ବାଲେଶ୍ୱର ଓ ମୟୁରଭଂଜ ଅଂଚଳର କବିମାନେ ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ । ଆନନ୍ଦପୁର ଅଂଚଳର କବିମାନଙ୍କ ମଧ୍ୟରେ ଧୁମକେତୁ ଦାସ, ଅର୍ଜୁନ ବେହେରା, ମୁରଲୀଧର ବେହେରା, ଉମାକାନ୍ତ ଜେନା, ନରହରି ରାଉତ, ବନମାଳୀ ଜେନା, ଅଭୟ ସାମଲ, ବାମନ ବେହେରା, ସୁଦାମ ଚରଣ ଜେନା, ସୁରେନ୍ଦ୍ର କୁମାର ପରିଡା, ଦଶରଥ ସାହୁ, ରାମଚନ୍ଦ୍ର ଜେନା, ନିରନ ସାହୁ, ଗୋବର୍ଦ୍ଧନ ନାୟକ, ବୈଲୋଚନ ସାହୁ, ଜ୍ୟୋତ୍ସ୍ନା ଦାସ, ମାଳତୀ ପଣ୍ଡା, କୀର୍ତ୍ତନ ସାହୁ, ରଘୁନାଥ ପଣ୍ଡିତ ପ୍ରମୁଖ କବିମାନେ କବିତା ଆବୃତ୍ତି କରିଥିଲେ । ପ୍ରଥମରେ ଛାତ୍ରୀ ସୁଦେସ୍ନା ସାହୁ ଆବାହନୀ ସଙ୍ଗୀତ ଗାନ କରିଥିଲେ ଓ ଅନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଉରକେଲା ସ୍ୱରେଜ୍ ପ୍ରକଳ୍ପରେ ଦୁର୍ନୀତି ଓ ଅନିୟମିତତା ନେଇ ଏଡିଏମ୍‌ଙ୍କୁ ସାକ୍ଷାତ କଲା ଜିଲ୍ଲା କଂଗ୍ରେସ

ରାଉରକେଲା (ପିଏନ୍): ରାଉରକେଲା ସ୍ୱରେଜ୍ ପ୍ଲାଣ୍ଟ ପ୍ରକଳ୍ପରେ ହୋଇଥିବା ବ୍ୟାପକ ଦୁର୍ନୀତି, ଅନିୟମିତତା ତଥା ବୋର୍ଡ କର୍ତ୍ତୃପକ୍ଷଙ୍କ ତରଫରୁ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀ ବେଆଇନ୍ ଭାବେ ଯୋଗାଇ ଦିଆଯାଉଥିବା ସୁବିଧା ସମ୍ପର୍କରେ ଜିଲ୍ଲା କଂଗ୍ରେସ ତରଫରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମର କମିଶନର ଡ.ଶୁଭଙ୍କର ମହାପାତ୍ରଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଅବଗତ କରାଯାଇଛି । ପ୍ରାୟ ୩୪୮ କୋଟି ଟଙ୍କା ବ୍ୟୟ ମୁରୀରେ ଗତ ୨୦୧୭ ମସିହାରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇ ୨୦୨୦ ଜାନୁୟାରୀ ସୁଦ୍ଧା କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲେ ହେଁ ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ହୋଇ ନାହିଁ । ଯେଉଁ କାର୍ଯ୍ୟ ହାତକୁ ନିଆଯାଇଛି ସେଥିରୁ ବର୍ତ୍ତମାନ ସୁଦ୍ଧା ୨୦ ପ୍ରତିଶତ ବାକି ଥିବାବେଳେ ଯେଉଁ କାମ କରାଯାଇଛି ତାହା ଅତ୍ୟ' ନିମ୍ନମାନର ହୋଇଥିବାରୁ ତାହା ସହରବାସୀଙ୍କ ପାଇଁ ସର୍ବଦା ସମସୟା ସୃଷ୍ଟି କରୁଛି ବୋଲି କଂଗ୍ରେସ ନେତୃବୃନ୍ଦ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛ'' । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦତ୍ତ ଏକ ସ୍ମାରକପତ୍ରରେ କୁହାଯାଇଛି ଯେ, ମୁଖ୍ୟମାର୍ଗର ତାରିଣୀ ମନ୍ଦର ଠାରୁ ରଘୁନାଥପାଲ୍ଲୀ ଥାନା ପର୍ଯ୍ୟ' ଓ ଏସ୍‌ଟିଆଇ ଓଭରବ୍ରିଜ ଠାରୁ ବିରଜାପାଲ୍ଲୀ ଓଭର ବ୍ରିଜ୍ ପର୍ଯ୍ୟ' ସ୍ୱରେଜ୍ ପାଇପ୍ ବିଛାଯାଇ ନାହିଁ । ସେହିପରି ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ଛକଠାରୁ ବିଏସ୍‌ଏନ୍‌ଏଲ ଛକ ପର୍ଯ୍ୟ' ଉଭୟ ପାର୍ଶ୍ୱରେ ମଧ୍ୟ ପାଇପ୍ ବିଛାଯାଇ ନାହିଁ । ମୂଳ ଡ୍ରଇଁରେ ପାଇପ୍ ବିଛାଇବା ବ୍ୟବସ୍ଥା ଥିଲେ ହେଁ କାହିଁକି ଏଠାରେ ପାଇପ୍ ବିଛାଯାଇ ନାହିଁ ଓ ଏ ବାବଦ ଅର୍ଥ କୁଆଡେ ଗଲା ତାହା ଅନୁଧ୍ୟାନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସେହିପରି ଯେଉଁ ପାଇପ୍ ବିଛା କାର୍ଯ୍ୟ କରାଯାଇଛି ଏଥିରେ ଆବଶ୍ୟକୀୟ ଗ୍ରାନାଇଟ୍ ପଥର ଚିପ୍‌ସ ଓ ଆବଶ୍ୟକୀୟ ବାଲି ଭର୍ତ୍ତି କରାଯାଇନଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା ଦବିଯାଉଥିବା ଦେଖାଯାଉଛି । ଯାହାର ଉଦାହରଣ ହେଉଛି ଜୋଲ୍ ରୋଡ୍, ଛେଣ୍ଡ ମୁଖ୍ୟମାର୍ଗ, ଆଇଟିଆଇ କଳିଙ୍ଗ ବିହାର ରାସ୍ତା, ବାସ'1 ପାଣି ଟାଙ୍କି ରାସ୍ତା ଇତ୍ୟାଦି । ଅତ୍ୟ' ନିମ୍ନମାନର କାର୍ଯ୍ୟ କରାଯାଇ ପାଇପ୍ ଲାଇନର ମେନ୍ ହୋଲ ନିର୍ମାଣ କରାଯାଇଥିବାରୁ ସେଗୁଡିକ କେଉଁଠି ରାସ୍ତା ଉପରେ ତ ଆଉ କେଉଁଠି ରାସ୍ତା ତଳେ ରହିଛି । ଫଳରେ ପ୍ରତିଦିନ ଛୋଟବଡ ଦୁର୍ଘଟଣାର କାରଣ ସାଜୁଛି । ପାଇପ୍ ବିଛା କାର୍ଯ୍ୟ ପରେ ରାସ୍ତା ନିର୍ମାଣ କରି ୫ ବର୍ଷ ପାଇଁ ମରାମତି ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀର ହୋଇଥିବା ବେଳେ ସମ୍ପ୍ରତି ଦବିଯାଉଥିବା ଓ ଭୁଷୁଡି ପଡୁଥିବା ରାସ୍ତାଗୁଡିକୁ କାହିଁକି ଆର୍‌ଏମ୍‌ସି ନିର୍ମାଣ କରୁଛି ବୋଲି ଦଳ ତରଫରୁ ପ୍ରଶ୍ନ କରାଯାଇ ଏହାର ଅନଧ୍ୟାନ କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି । ଛେଣ୍ଡ ବାଗୁଡି ବସ୍ତି ଓ ବ୍ୟାଙ୍କ କଲୋନୀରେ ସ୍ୱରେଜ୍ ପାଇପ୍ ବିଛାଇବା ପାଇଁ ମୂଳ ଡ୍ରଇଁରେ ବ୍ୟବସ୍ଥା ନଥିବା ବେଳେ ଏ ଅ ଳରେ ପ୍ରାୟ ୩୦ ଲକ୍ଷ ଟଙ୍କାର ପାଇପ୍ ବିଛାଯାଇ ପରିତ୍ୟକ୍ତ ଅବସ୍ଥାରେ ଛାଡି ଦିଆଯାଇଛି । ଏହି ପାଇପ୍ ଲାଇନ୍‌କୁ କୌଣସି ମୁଖ୍ୟ ପାଇପ୍ ଲାଇନ୍ ସହିତ ସଂଯୋଗ କରାଯାଇନଥିବାରୁ ଏହି ପାଇପ୍ ବିଛା କାର୍ଯ୍ୟ ନଷ୍ଟ ହେବା ସହିତ ଏ ବାବଦରେ ବୋର୍ଡର ବିପୁଳ ଅର୍ଥ ନଷ୍ଟ ହେବାକୁ ଯାଉଥିବା ଏହାର ଆବଶ୍ୟକୀୟ ଅନୁଧ୍ୟାନ ପାଇଁ ଅନୁରୋଧ କରାଯାଇଛି । ଅପରପକ୍ଷରେ ଉକ୍ତ ଅ ଳରେ ପାଇପ୍ ବିଛା ବାବଦକୁ ଗୁଡାଏ ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା କଂଗ୍ରେସ ତରଫରୁ ଅଭିଯୋଗ କରାଯାଇଛି । ପ୍ରତ୍ୟେକ ବାସଗୃହକୁ ସ୍ୱରେଜ୍ ସଯୋଗୀକରଣ ପାଇଁ ସରକାର କିଛି ନିର୍ଦ୍ଦେଶନାମା ଜାରି କରିନଥିବା ବେଳେ ସ୍ଥାନୀୟ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ତାଙ୍କର କିଛି ପୋଷା ଠିକାଦାର ମାଧ୍ୟମରେ ବେଆଇନ୍ ଭାବେ ସ୍ୱରେଜ୍ ସଂଯୋଗୀକରଣ ପାଇଁ ଘର ପିଛା ୨୫ରୁ ୪୦ ହଜାର ଟଙ୍କା ଆଦାୟ କରୁଛ'' । ତେଣୁ ଏହା ମଧ୍ୟ ଅନୁଧ୍ୟାନ ସାପେକ୍ଷ ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ସେହିପରି ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମିତ ସ୍ୱରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିସରରେ ଏଲ୍‌ଆଣ୍ଡଟି କମ୍ପାନୀ ୨ ବର୍ଷ ହେଲା ନିଜ କାର୍ଯ୍ୟାଳୟ ଚଳାଉଥିବା ବେଳେ ୨ଟି କୋଠାକୁ ତାର କର୍ମଚାରୀଙ୍କ ପାଇଁ ଅତିଥି ଭବନ ଭାବେ ବ୍ୟବହାର କରୁଛ । ଏହାର ଭଡା ବାବଦକୁ ଟଙ୍କାଟିଏ ଏଲ୍‌ଆଣ୍ଡଟି କମ୍ପାନୀର ବିଲ୍‌ରୁ କଟାଯାଉନଥିବା ବେଳେ କୋଠାରେ ପାଣି ଓ ବିଜୁଳି ବିଲ୍ ବାବଦକୁ ମାସିକ ଲକ୍ଷାଧିକ ଟଙ୍କା ବୋର୍ଡ କର୍ତ୍ତୃପକ୍ଷ ଭରଣା କରୁଛ'' । ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀ ପ୍ରତି କାହିଁକି ଏପରି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ କରୁଛ'' ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ କୁହାଯାଇଛି । ତେବେ ସ୍ୱରେଜ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ରାଜ୍ୟ ସରକାର ସିଙ୍ଗାପୁରର ମେନ୍‌ହରଡାଟ୍ ପ୍ରାଇଭେଟ୍ କମ୍ପାନୀକୁ ୩୪ କୋଟି ଟଙ୍କାରେ ଚୁକ୍ତିବଦ୍ଧ କରିଥିବା ବେଳେ ଉକ୍ତ ସଂସ୍ଥା କ'ଣ ତଦାରଖ କରି କି ରିପୋର୍ଟ ଦେଇଛି ଓ କେତେ ଅର୍ଥ ସେ ବାବଦରେ ସରକାରଙ୍କ ଠାରୁ ନେଇଛି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସମ୍ପ୍ରତି କାର୍ଯ୍ୟ ଅଧପ'ରିଆ ଅବସ୍ଥାରେ ଥିବାବେଳେ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀକୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ପ୍ରମାଣପତ୍ର ଦେବା ପାଇଁ ପ୍ରସ୍ତୁତି ଚଳାଇଛ'' । ତେଣୁ ଏହି ଘଟଣାରେ ଅତିରିକ୍ତ ଜିଲ୍ଲାପାଳ ହସ୍ତକ୍ଷେପ କରି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟ' ପ୍ରକଳ୍ପର ହସ୍ତା'ର ପ୍ରକ୍ରିୟା ବନ୍ଦ ରଖିବାକୁ ସ୍ମାରକପତ୍ରରେ କଂଗ୍ରେସ ତରଫରୁ ଉଲ୍ଲେଖ କରାଯାଇଛି । ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀ, ଅନ୍ୟତମ ଉପସଭାପତି ସ'୍ୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ନିହାର ଦାସ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ମୁଖପାତ୍ର କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ପୂର୍ବତନ ବ୍ଲକ୍ ସଭାପତି ବିନୋଦ ବିହାରୀ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଳସୀ ନାଗ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲୀପ ଜେନା, ସେବାଦଳର ବୁଲୁ ଦାସ, ନରେନ୍ଦ୍ର ବର୍ମା ପ୍ରମୁଖ ଉପସ୍ଥିତ ରହି ସ୍ମାରକପତ୍ର ପ୍ରଦାନ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଓଡ଼ିଶାରେ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ୍ ଇଣ୍ଡିଆ କେ ବୋଲ୍ ସିଜିନ-୨ ଶୁଭାରମ୍ଭ

ଭୁବନେଶ୍ୱର (ପିଏନ୍): ଯୁବ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ଯୁବ ପ୍ରବକ୍ତା ସଂଗ୍ରହ ନିମନ୍ତେ ଭୁବନେଶ୍ୱରରେ 'ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨' ଅଭିଯାନ ଶୁଭାରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କା, ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ର ଓଡ଼ିଶା ପ୍ରଭାରୀ ନମ୍ରତା ସୋନୀ, ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ତଥା ଓଡ଼ିଶା ସହ ପ୍ରଭାରୀ ଜାବେଦ ଖାନଙ୍କ ସମେତ ଯୁବ କଂଗ୍ରେସର ଅନ୍ୟ ପ୍ରଦେଶ ପଦାଧିକାରୀମାନେ ଉପସ୍ଥିତ ରହି ଅଭିଯାନର ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ପ୍ରଭାରୀ ନମ୍ରତା ସୋନୀ କହିଲେ ଯେ ୟଙ୍ଗ ଇଣ୍ଡିଆ କେ ବୋଲ ହେଉଛି ଏଭଳି ଏକ କାର୍ଯ୍ୟକ୍ରମ, ଯାହା ମାଧ୍ୟମରେ ଯୁବବର୍ଗ ନିଜ ଅଂଚଳଠାରୁ ଆରମ୍ଭ କରି ଜାତୀୟସ୍ତରୀୟ ବିଭିନ୍ନ ପ୍ରସଙ୍ଗ ଉପରେ ନିଜର ଦୃଢ଼ ମତ ଉପସ୍ଥାପନ କରିବାର ସୁଯୋଗ ପାଇପାରିବେ । ଏହି ପ୍ରକ୍ରିୟା ପାଇଁ ଏକ ଗୁଗୁଲ ଫର୍ମ ଜାରି କରାଯାଇଛି, ଯାହାକି ମେ ୩୧ ସୁଦ୍ଧା ପୂରଣ କରାଯାଇପାରିବ । ଦ୍ୱିତୀୟ ପର୍ଯ୍ୟାୟରେ ଏହି ଅଂଶଗ୍ରହଣକାରୀମାନଙ୍କୁ ନେଇ ଜିଲ୍ଲାସ୍ତରରେ ବିଭିନ୍ନ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବ । ଏଥିରେ କୃତୀ ପ୍ରତିଯୋଗୀ ପରେ ରାଜ୍ୟସ୍ତରୀୟ ଏବଂ ବିଭିନ୍ନ ରାଜ୍ୟରୁ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ଯାହାକି ଆସନ୍ତା ଅକ୍ଟୋବର ମାସରେ ଅନୁଷ୍ଠିତ ହେବ ।

ସହ ପ୍ରଭାରୀ ଜାବେଦ ଖାନ ସୂଚନା ଦେଇ କହିଲେ ଯେ ସାରା ଦେଶରେ ଯୁବ ପ୍ରତିଭା ଓ ସାହସୀ ଯୁବବର୍ଗଙ୍କୁ ଖୋଜି ବାହାର କରିବା ନିମନ୍ତେ ରାହୁଲ ଗାନ୍ଧିଙ୍କ ଅଭିନବ ପରିକଳ୍ପନା ସ୍ୱରୂପ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ୨୦୨୧ରେ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ମାଧ୍ୟମରେ ୨୭ଜଣ ରାଷ୍ଟ୍ରୀୟ ପ୍ରବକ୍ତା ଓ ୨୫୦ରୁ ଉର୍ଦ୍ଧ୍ୱ ପ୍ରଦେଶସ୍ତରୀୟ ପ୍ରବକ୍ତାଙ୍କୁ ଚୟନ କରାଯାଇଥିଲା । ରାହୁଲ ଗାନ୍ଧିଙ୍କ ଏହି ପରିକଳ୍ପନାକୁ ପୁଣି ଥରେ ସାକାର କରିବା ନିମନ୍ତେ ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରଭାରୀ କ୍ରିଷ୍ଣା ଆଲାବାରୁଙ୍କ ମାର୍ଗ ଦର୍ଶନ ତଥା ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ବି.ଭି ଶ୍ରୀନିବାସଙ୍କ ନେତୃତ୍ୱରେ ଦେଶବ୍ୟାପୀ ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ ଆରମ୍ଭ ହୋଇଛି । ଗତ ୨୬ ମାର୍ଚ୍ଚରୁ ଯୁବ କଂଗ୍ରେସ ରାଷ୍ଟ୍ରୀୟ କାର୍ଯ୍ୟାଳୟଠାରେ ଉଦ୍‌ଘାଟିତ ହୋଇଥିବା ଏହି ଅଭିଯାନ ବିଭିନ୍ନ ରାଜ୍ୟରେ କରାଯାଉଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ଜ୍ଞାନ ରନ ରାଉତ, ବୀରେନ କୁମାର ଦଳେଇ, ଆଶୁତୋଷ ଲେଙ୍କା, ଶ୍ରୀବତ୍ସ ରଥ, ମନିଷା ଦାଶ ପଟ୍ଟନାୟକ, ରାକେଶ ଦାସ, ରିତୁଲ ମହାରଣା, ସୌମ୍ୟରଂଜନ ମିଶ୍ର, ଅକ୍ଷୟ କୁମାର ମଲ୍ଲ, ହରିଶଙ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ ସଭାପତି ଅଗାଧୁ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସରକାରଙ୍କ ଶିକ୍ଷା ଓ ଶିକ୍ଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିବା ସହ ଦୀର୍ଘ ୬ ବର୍ଷ ଧରି ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ ନୂତନ ଶିକ୍ଷକ ନିଯୁକ୍ତି କରି ନାହାନ୍ତି । ଫଳରେ ବହୁ ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇପଡିଛି । ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ଗୁଣାତ୍ମକ ମାନ ବୃଦ୍ଧି ପାଇନାହିଁ ବୋଲି ସଂଘ ଅଭିଯୋଗ କରିଛି । ତେବେ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାରୁ ଶିକ୍ଷା ଅଧିକାରୀମାନେ ସମାଧାନ କରିପାରି ନାହାନ୍ତି । ସମସ୍ତ ଜିଲ୍ଲାର ଶିକ୍ଷକଙ୍କ ପଦୋନ୍ନତି ଦିଆଯାଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ଲେବୁଲ୫(କ)ରୁ ୫(ଖ)ରୁ ଲେବୁଲ ୪କୁ ପଦୋନ୍ନତି କରାଯାଉନାହିଁ । ଶିକ୍ଷକମାନଙ୍କୁ ନିଜ ବ୍ଲକକୁ ବଦଳି କରିବା, ବେଗୁନିଆ ବ୍ଲକର ଯେଉଁ ଶିକ୍ଷକମାନଙ୍କର ୧୦ ବର୍ଷ ପୂରଣ ହୋଇଛି ସେମାନଙ୍କୁ ଏମଏସପି ସୁବିଧା ଦେବା, ମାସର ପ୍ରଥମ ଦିନର ଦରମା ପ୍ରଦାନ କରିବା ଓ ଶିକ୍ଷକମାନଙ୍କୁ ଡିଆଇସି ପାସ ବୁକ ପ୍ରଦାନ କରାଯାଉ ନଥିବାରୁ ନେତୃବୃନ୍ଦ ଅସନ୍ତୋଷ ପ୍ରକାଶ କରିଥିଲେ ।

# ଓଡିଶାରେ ବିଲାଇଭର ୫ମ ମଲ୍ଟି ବ୍ରାଣ୍ଡ ଷ୍ଟୋର

ଭୁବନେଶ୍ୱର,(ପି.ଏନ): ସାରା ଦେଶରେ ଏହାର ସମ୍ପ୍ରସାରଣ ପ୍ରୟାସ ଜାରି ରଖିଥିବା ବିଲାଇଭ ଭାରତର ଦ୍ରୁତତମ ବୃଦ୍ଧି ପାଉଥିବା ମଲ୍ଟି ବ୍ରାଣ୍ଡ ଇଲେକ୍ଟ୍ରିକ୍ ଯାନ ପ୍ଲାଟଫର୍ମ,ଏହାରପଞ୍ଚମ ମଲ୍ଟି ବ୍ରାଣ୍ଡ ଷ୍ଟୋର ଓଡିଶାର ବ୍ରହ୍ମପୁରରେ ଖୋଲିଛି । ବିଲାଇଭର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରତୀକ ଦାଶଙ୍କ ସହ ଶ୍ରୀ ସ'୍ୋଷ କୁମାର ଅଗ୍ରୱାଲ, ଆଶିଷ ଅଗ୍ରୱାଲ ଏବଂ ଷ୍ଟୋର କର୍ମଚାରୀଙ୍କ ଉପସ୍ଥିତିରେ ଏହି ଷ୍ଟୋରକୁ ଉଦଘାଟନ କରିଥିଲେ । ବୈଦୁତିକ ଗତିଶୀଳତା ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧିରେ ବିଶ୍ୱ ସଚେତନତା ହେତୁ ଗ୍ରାହକଙ୍କ ଚାହିଦାର ବୃଦ୍ଧିକୁ ନଜରରେ ରଖି ଏହି ଭାରତର ୨୬ ତମ ଇଭି ଷ୍ଟୋରକୁ ଓଡିଶାର ବ୍ରହ୍ମପୁରରେ ଖୋଲାଯାଇଛି । ବିଲାଇଭ ଷ୍ଟୋର ଏକାଧିକ ଇଭି ବ୍ରାଣ୍ଡ, ବିଶେଷଜ୍ଞ ସମର୍ଥନ, ସହଜ ଅର୍ଥ ଏବଂ ରୋମାଞ୍ଚକର ଅଫରରୁ ବିଭିନ୍ନ ପ୍ରକାରର ବୈଦ୍ୟୁତିକ ଯାନ ପ୍ରଦାନ କରେ । ବିଭିନ୍ନ ବୈଦ୍ୟୁତିକ ସ୍କୁଟର, ଚକ, ମୋଟରସାଇକେଲ ଏବଂ ବିତରଣ ଯାନ ପାଇଁ କ୍ରେତାମାନେ ଇଏମଆଇରେ ମାସକୁ ୨,୦୦୦ ରୁ କମ୍ ଚୟନ କରିପାରିବେ । ୨୦ ରୁ ଅଧିକ ଫ୍ରାଞ୍ଚାଇଜ୍ ମାଲିକାନା ଷ୍ଟୋରଗୁଡିକର ଏକ ନେଟୱାର୍କ ସହିତ,ବିଲାଇଭ ୨୫୦୦ ରୁ ଅଧିକ ପରିବାର ଏବଂ ବ୍ୟବସାୟକୁ ବୈଦୁତିକ ଯାନ ମାଧ୍ୟମରେ ସାହାଯ୍ୟ କରିଛି । ଷ୍ଟୋରରେ କିନେଟିକ୍ ଗ୍ରୀନ୍, ହିରୋ ଲେକ୍ଟ୍ରୋ, ଡିଟେଲ, ବ୍ୟାଟ୍‌ରେ, ଜେମୋପାଇ, ଟେଟୋ ଇଲେକ୍ଟ୍ରା, ଇ-ମୋଟୋରଡ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଯାନ ପ୍ରଦର୍ଶିତ ହୋଇଛି । ଗ୍ରାହକମାନେ ଷ୍ଟାଇଲିସ୍ ଲୁକ୍ ସହିତ ବହୁ ପ୍ରତୀକ୍ଷିତ ହାଇ ସ୍ପିଡ୍ ଇଭିଗୁଡିକ ମଧ୍ୟରୁ ଗୋଟିଏ ଅନୁଭବ କରିପାରନ୍ତି - ବିଲାଇଭର ମଲ୍ଟି ବ୍ରାଣ୍ଡ ଷ୍ଟୋରରେ ବ୍ୟାଟ୍: ପୁନ ଷ୍ଟୋରୀ । ଏହି ସ୍ମାର୍ଟ ଏବଂ ଅଭିନବ ଇ-ବାଇକ୍ ବ୍ୟାଟ୍‌ରେ ଏହାର ରେ ପ୍ରଥମ ଅଟୋ।ସିଇଓ ତଥା ସହ-ପ୍ରତିଷ୍ଠାତା ସମର ଖୋଲକର କହିଛ'' ଯେ 'ଓଡିଶାରେ ଭଳି ରାଜ୍ୟରେ ଏକ ନୂତନ ମଲ୍ଟି ବ୍ରାଣ୍ଡ ଅଭିଜ୍ଞତା ଷ୍ଟୋର ସହିତ ଆମର ଉପସ୍ଥିତି ବଢାଇବାକୁ ଆମେ ଉତ୍ସାହିତ । ସତ କହିବାକୁ ଗଲେ, ଆମେ ଓଡିଶାରେ ଏହି ପ୍ରକାରର ଜବରଦସ୍ତ ପ୍ରତିକ୍ରିୟା ପାଇବାକୁ ଆଶା କରିନାହୁଁ; ଆମେ ପ୍ରକୃତରେବ୍ରହ୍ମପୁରର ନୂତନ ଷ୍ଟୋର ଲୋକମାନଙ୍କୁ ଇଲେକ୍ଟ୍ରିକ୍ ଗତିଶୀଳତାପାଇଁ ଇଭିଏସ୍ ଷ୍ଟୋର ହୋମ ଡେମୋକୁ ମଧ୍ୟ ସୁଗମ କରିବ ଏବଂ ଗ୍ରାହକଙ୍କୁ ରୋମାଞ୍ଚକର ଅଫର ଏବଂ ସହଜ ଫାଇନାନ୍ସ ବିକଳ୍ପ ବିଷୟରେ ସୂଚନା ପ୍ରଦାନ କରିବ । 'ଜଳବାୟୁ ପରିବର୍ତ୍ତନ ଚି'।ଧାରାକୁ ନେଇ ବିଶ୍ୱସ୍ତରୀୟ ସଚେତନତା ସହିତ ବୈଦ୍ୟୁତିକ ଗତିଶୀଳତା ବୃଦ୍ଧି ପାଇଁ ଭାରତର ପ୍ରତିବଦ୍ଧତା ଦ୍ୱାରା ରାଜ୍ୟ ସରକାର ଚଳିତ ବର୍ଷ ପ୍ରାରମ୍ଭରେ ଏହାର ଇଭି ନୀତି ପ୍ରକାଶ କରିଛ'' ଯାହା ଉଭୟ ବ୍ୟକ୍ତିଗତ ଗତିଶୀଳତା ଏବଂ ସାଧାରଣ ପରିବହନ ବିଭାଗରେ ବୈଦ୍ୟୁତିକ ଯାନ ଗ୍ରହଣକୁ ସମର୍ଥନ କରିବ । ଇଭି ନୀତି ମଧ୍ୟ ସ୍ୱଚ୍ଛ ଶକ୍ତି ଉତ୍ସ ଉପରେ ଧ୍ୟାନ ଦେଇ ଇଲେକ୍ଟ୍ରିକ୍ ଭେଇକିଲ୍ ଚାର୍ଜିଂ ଷ୍ଟେସନ୍ ଏବଂ ବ୍ୟାଟେରୀ ସ୍ୱାପିଂ ଷ୍ଟେସନର ଏକନେଟୱାର୍କ ସୃଷ୍ଟି କରିବାକୁ ସକ୍ଷମ କରିବାକୁ ଚେଷ୍ଟା କରେ ।ଚଳିତ ବର୍ଷ ଫେବୃଆରୀରେ ଘୋଷିତ ହୋଇଥିବା ଇଭି ନୀତି ଅନୁଯାୟୀ ମିଶନ ଶକ୍ତି, ବ୍ୟକ୍ତିବିଶେଷ ତଥା ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଓଡିଶା ସରକାର ସ୍ୱତନ୍ତ୍ର ଯୋଜନା ଘୋଷଣା କରିଛ'' । ବ୍ରହ୍ମପୁରରରେ ଥିବା ବିଲାଇଭ ଷ୍ଟୋରର ଆଶିଷ ଅଗ୍ରୱାଲ ଏହି ଉନ୍ମୋଚନ ସମ୍ପର୍କରେ ସୂଚନା ଦେଇ କହିଛ'', 'ଆମେ ବିଲାଇଭ ସହ ସହଭାଗୀ ହୋଇ ଗର୍ବିତ ଏବଂ ଓଡିଶାରେ ବୈଦ୍ୟୁତିକ ଗତିଶୀଳତାକୁ ଉତ୍ସାହିତ କରିବା ଦିଗରେ ଆମର ପ୍ରତିବଦ୍ଧତା ପ୍ରଦର୍ଶନ କରୁଛୁ । ଇଭିଏସ୍ ଶୀଘ୍ର ଜନତାଙ୍କ ମଧ୍ୟରେ ଆକର୍ଷିତ ହେବାରେ ଲାଗିଛି, ସେମାନଙ୍କର କାର୍ଯ୍ୟଦକ୍ଷତା ଏବଂ ନିର୍ଭରଯୋଗ୍ୟତା ଉପରେ ସାମାନ୍ୟ ଆଶଙ୍କା ଅଛି । ଆମେ ଲୋକମାନଙ୍କୁ ଅନୁରୋଧ କରୁଛୁ ଯେ ଆମର ବୈଦ୍ୟୁତିକ ଯାନଗୁଡିକର ପରିସର ଅନୁସନ୍ଧାନ କରିବାକୁ ଏବଂ ଇଲେକ୍ଟ୍ରିକ୍ ଗତିଶୀଳତା କାହିଁକି ଘଣ୍ଟାର ଆବଶ୍ୟକତା ଅଟେ ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବିଧାନସୌଧର କମ୍ପ୍ୟୁଟରୀକରଣ ସଂପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, (ପିଏନ)-ଓଡିଶା ବିଧାନସୌଧ କମ୍ପ୍ୟୁଟରୀକରଣ ସଂପର୍କିତ ଏକ ସମୀକ୍ଷା ବୈଠକ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧକ୍ଷତାରେ ଆଜି ତାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି ।
ବୈଠକ ପ୍ରାରମ୍ଭରେ ପ୍ରିଂଟ ଲିଙ୍କସ୍ ର ପରିଚାଳନା ନିର୍ଦ୍ଦେଶକ ଜଣାଇଥିଲେ ଯେ ବିଧାନ ସୌଧର ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନ୍‌ଫରେନ୍ସିଂ କାର୍ଯ୍ୟ ସମାପ୍ତ ହୋଇଛି । ଇଂଟରନେଟ୍ ବେଗ ୧୦୦ ଏମ୍‌ବିପିଏସ୍ କୁ ବୃଦ୍ଧି ସଂପର୍କିତ ଆନୁମୋଦନ ଲାଭ ନିମନ୍ତେ ଏନ୍‌ଆଇସି, ନୂଆଦିଲ୍ଲୀକୁ ପତ୍ରପ୍ରେରଣ କରିବେ ବୋଲି ଜାତୀୟ ସୂଚନାବିଜ୍ଞାନ କେନ୍ଦ୍ର(ଏନ୍‌ଆଇସି)ର ବୈଷୟିକ ନିର୍ଦ୍ଦେଶକ ଜଣାଇଥିଲେ । ଉନ୍ନତ ସେବା ନିମନ୍ତେ ଲାନ୍ ସଂରଚନାରେ ଦୁଇଟି ସୁଇଚ୍ ପରିବର୍ତ୍ତନ କରିବା ପାଇଁ ମଧ୍ୟ ବୈଠକରେ ନିଷ୍ପତି ନିଆଯାଇଛି ।
ବିଧାନସୌଧରେ ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନ୍‌ଫରେନ୍ସିଂର ରକ୍ଷଣାବେକ୍ଷଣ ପାଇଁ ବିଏସ୍‌ଏନ୍‌ଏଲ୍ ଦ୍ୱାରା ନିଯୋଜିତ ଦୁଇଜଣ ଇଂଜିନିୟର ବିଧାନସଭା ସଚିବାଳୟର ଉପସଚିବ (ସ୍ଥାପନା)ଙ୍କ ସହିତ ଯୋଗାଯୋଗରେ ରହିବାକୁ ବାଚସ୍ପତି ଡ. ପାତ୍ର ନିର୍ଦ୍ଦେଶ ଦେଇଥିଲେ । ବିଧାନସୌଧରେ ଓସ୍ୱାସ୍ କାର୍ଯ୍ୟକ୍ଷମ କରିବାକୁ ୩୨୯ ପଏଂଟରେ ଲାନ୍ ସଂଯୋଗ ଦିଆଯାଇଛି । ବିଧାୟକ ଓ କର୍ମଚାରୀମାନଙ୍କୁ ଖୁବ୍ ଶୀଘ୍ର ଏ ସଂପର୍କିତ ତାଲିମ ପ୍ରଦାନ କରାଯିବ । ବିଧାନସଭାର ନୂତନ ସମ୍ମିଳନୀ କକ୍ଷରେ ଭିଡ଼ିଓ ୱାଲିଂ ସ୍ଥାପନ ନିମନ୍ତେ ବ୍ୟୟ ଅଟକଳ ପ୍ରଦାନ କରିବାକୁ ଓକାକ୍, ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର(ଓକାକ୍)ର ସାଧାରଣ ପରିଚାଳକ ଓ ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକଙ୍କୁ ବାଚସ୍ପତି ଡ. ପାତ୍ର କହିଥିଲେ ।
ଓଡ଼ିଶା ନଲେଜ୍ କର୍ପୋରେସନ୍(ଓକେସିଏଲ୍) ସମସ୍ତ ପ୍ରକାର ବୈଷୟିକ କମ୍ପ୍ୟୁଟରୀକୃତ ତାଲିମ କାର୍ଯ୍ୟକ୍ରମ ପ୍ରଦାନ କରୁଛି ବୋଲି ଓକାକ୍ ର ସାଧାରଣ ପରିଚାଳକ ସୂଚନା ଦେଇଥିଲେ ତେଣୁ ବିଧାୟକମାନଙ୍କୁ ଆବଶ୍ୟକୀୟ ପ୍ରଶିକ୍ଷଣ ଓ ବିଧାନସଭା କର୍ମଚାରୀମାନଙ୍କୁ ଓସ୍ୱାସ୍ ତାଲିମ ପ୍ରଦାନ କରିବା ପାଇଁ ଓକେସିଏଲ୍ କୁ ନିୟୋଜିତ କରାଯାଇପରିବ ।
ଏହି ବୈଠକରେ ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀ, ଓକାକ୍‌ର ସାଧାରଣ ପରିଚାଳକ (ପ୍ରଶାସନ), ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକ, ବିଏସ୍‌ଏନ୍‌ଏଲ୍‌ର ଉପଖଣ୍ଡ ଯନ୍ତ୍ରୀ ଏବଂ ପ୍ରିଟଲିଙ୍କର ପରିଚାଳନା ନିର୍ଦ୍ଦେଶକ ଉପସ୍ଥିତ ରହି ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ ।




ପୂର୍ବତଟ ରେଳବାଇ ରେଳ ସୁରକ୍ଷା ବଳ (ଆରପିଏଫ୍) ପକ୍ଷରୁ ଜାନୁଆରୀରୁ ମାର୍ଚ୍ଚ -୨୦୨୪ ମଧ୍ୟରେ ନିଷେଧ ସାମଗ୍ରୀ ଯଥା ଗଞ୍ଜେଇ ପରିବହନ ବିରୁଦ୍ଧରେ ବିଶେଷ ଅଭିଯାନ ଆରମ୍ଭ କରାଯାଇ ଥିଲା । ଏହି ସମୟ ମଧ୍ୟରେ ୫୬ ଟି ମାମଲା ରୁଜୁ କରାଯାଇ ପ୍ରାୟ ୧୦୬୦ କେଜି ଗଞ୍ଜେଇ ଜବତ କରାଯାଇଅଛି ଯାହାର ଆନୁମାନିକ ମୂଲ୍ୟ ୮୧,୨୧,୯୦୫/- ଅଟେ । ଏହି ସମ୍ବନ୍ଧରେ ୮୮ ଜଣ ଲୋକଙ୍କୁ ଗିରଫ କରାଯାଇ ଘଉଚଝ ଅଧିନିୟମ ଅନୁଯାୟୀ ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି ।

# ୮୭୯୬ କୋଟି ଟଙ୍କାର ୧୨ଟି ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପିଏନ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ରାଜ୍ୟରେ ୧୨ଟି ଭିନ୍ନ ଭିନ୍ନ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ (ଦୁଇଟିର ଉଦ୍‌ଘାଟନ ଓ ୧୦ଟିର ଶିଳାନ୍ୟାସ) କରିଛନ୍ତି । ସ୍ୱାସ୍ଥ୍ୟସେବା, ବିକଳ୍ପ ଶକ୍ତି, ଇସ୍ପାତ, ସୂଚନା ପ୍ରଯୁକ୍ତି, ସିମେଂଟ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୮ଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଓ ୪ଟି ବୃହତ ଶିଳ୍ପ ଏଥିରେ ଅନ୍ତର୍ଭୁକ୍ତ । ଏହି ୧୨ଟି ଶିଳ୍ପସଂସ୍ଥା ନିମନ୍ତେ ସମୁଦାୟ ୮୭୯୬.୬୧ କୋଟି ଟଙ୍କା ବିନିଯୋଗ କରାଯିବ ଓ ଏଥିରେ ୭୦୯୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।ଉଦଘାଟିତ ହୋଇଥିବା ୨ଟି ପ୍ରକଳ୍ପ ହେଉଛି ଯାଜପୁର ହରିଦାସପୁର ଠାରେ ରାମକୋ ସିମେଂଟ ଲିମିଟେଡ୍ ର ସିମେଂଟ ଗ୍ରାଇଣ୍ଡିଂ ପ୍ଲାଂଟ ଏବଂ ବରଗଡର ବିଜେପୁର ଠାରେ ୨୫ କିଲୋୱାଟ୍ ଦକ୍ଷତା ବିଶିଷ୍ଟ ଆଦିତ୍ୟ ବିର୍ଲା ଗ୍ରୁପ୍ ର ସୋଲାର ପାୱାର ପ୍ଲାଂଟ । ମୁଖ୍ୟମନ୍ତ୍ରୀ ସମଗ୍ର ବିଶ୍ୱରେ କୋଭିଡ୍-୧୯ ପ୍ରଭାବ ବିସ୍ତାର କରିଥିବାବେଳେ ରାଜ୍ୟକୁ ପୁଞ୍ଜିନିବେଶକମାନଙ୍କ ଆକର୍ଷଣୀୟ ଲକ୍ଷ୍ୟସ୍ଥଳ ଭାବରେ ପରିଣତ କରିବାରେ ଓଡ଼ିଶା ତା'ର ପ୍ରାଧାନ୍ୟ ପ୍ରଦର୍ଶନ କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ ପୁନଶ୍ଚ କହିଛନ୍ତି ଯେ ସାଂପ୍ରତିକ ମାନକଗୁଡ଼ିକରୁ ରାଜ୍ୟ ଅର୍ଥନୀତି ପୂର୍ବାବସ୍ଥାକୁ ଫେରୁଥିବାର ଜଣାଯାଇଛି । ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ପୁନରୁଦ୍ଧାନ ମାର୍ଗରେ ଗତୀଶୀଳ ରହିଛନ୍ତି । ଶିଳ୍ପ କ୍ଷେତ୍ରରେ ଅଧିକ ଆସ୍ଥା ସୃଷ୍ଟି କରିବା ଦିଗରେ ଆଜି ଆରମ୍ଭ କରାଯାଇଥିବା ଶିଳ୍ପସଂସ୍ଥାଗୁଡ଼ିକ ନୂତନ ପ୍ରେରଣା ଯୋଗାଇଦେବେ ।
ମୁଖ୍ୟମନ୍ତ୍ରୀ ନୂତନ ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା କରିଥିବା କମ୍ପାନୀଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସବୁମତେ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକର ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବା ଦିଗରେ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗଗୁଡ଼ିକ ସମନ୍ୱିତ ଉଦ୍ୟମ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ, ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର, ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ, ବିଧାୟକ ଶ୍ରୀ ପ୍ରଣବ ବଳବନ୍ତରାୟ, ବିଧାୟିକା ରୀତାରାଣୀ ସାହୁ ଓ ବିଧାୟିକା ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ବିଭିନ୍ନ ପ୍ରକଳ୍ପ ସ୍ଥାନରେ ଉପସ୍ଥିତ ଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ଓଡ଼ିଶା ଶିଳ୍ପ ବିକାଶ ନିଗମର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଂଜୟ କୁମାର ସିଂ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଗୋବିନ୍ଦ ଗୋଧାମ ଗୋଶାଳା ପରିଦର୍ଶନ କଲେ ସିଡିଭିଓ

ପୁରୀ, (ପିଏନ)- କିଛି ଦିନ ତଳେ ଗୋରୁ ଚାଲାଣକୁ ଅଟକାଇ ଗାଇଗୁଡିକ ଜବତ କରି ପୁରୀ ସଦର ଥାନା ପୁଲିସ ଗୋବିନ୍ଦ ଗୋଧାମ ଗୋଶାଳାକୁ ପଠାଇଥିଲେ । ଆଜି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ (ସିଡିଭିଓ) ଡା. ପ୍ରସନ୍ନ କୁମାର ପୃଷ୍ଟି , ଭେଟେନାରୀ ଡେପୁଟି ଡାଇରେକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ପରିଦର୍ଶନରେ ଯାଇ ଗାଇଗୁଡିଙ୍କ ସ୍ୱାସ୍ଥ୍ୟବସ୍ଥା ପରକ୍ଷା କରିଥିଲେ । ଗାଇମାନଙ୍କ ରହିବା ସ୍ଥାନ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ପାଇଁ ପରାମର୍ଶ ଦେଇଥିଲେ । ଗୋଖାଦ୍ୟ ରଖିବା ସ୍ଥାନ, ପାଣିର ସୁବ୍ୟବସ୍ଥା ଓ ବିଦ୍ୟୁତ୍ ସ୍ଥିତି ନେଇ ଯାଂଚ୍ କରିଥିଲେ ।
ଏହି ଯାଂଚ୍ ସମୟରେ ଗୋଶାଳାର ପ୍ରତିଷ୍ଠାତା ତଥା ସଂପାଦକ ପଣ୍ଡିତ ବିଷ୍ଣୁଚରଣ ପଣ୍ଡା, ମ୍ୟାନେଜର ଦିଲ୍ଲୀପ କୁମାର ମହାନ୍ତି, ହରପ୍ରସାଦ ମହାପାତ୍ର, କୈଳାସଚନ୍ଦ୍ର ପଣ୍ଡା, ମନୋଜ କୁମାର ପଣ୍ଡା, ବିକାଶ ହୋତା, ସର୍ବେଶ୍ୱର ପଣ୍ଡା, ପୁରୁଷୋତମ ପଣ୍ଡା, ଗଣେଶ୍ୱର ପଣ୍ଡା, ପିତାମ୍ବର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ବୈଶାଖି ଉତ୍ସବର ଜନ୍ମଦିନ

ଭୁବନେଶ୍ୱର,(ପି.ଏନ): (ଶିଖ୍ ଧର୍ମର ପ୍ରଥମ ସନ୍ଥ ସିପାହୀ ତଥା ପ୍ରଥମ ଖାଲ୍‌ସା ଓଡ଼ିଶାର (ପୁରୀ) ଓଡ଼ିଆ ପୁତ୍ର ଭାଇ ହିମ୍ମତ ସିଂହ ଜୀ ଥିଲେ) ୧୬୯୯ ମସିହା ଶିଖ୍ ପଞ୍ଜିକା ଅନୁସାରେ ବୈଶାଖ ମାସ (ସଂକ୍ରାନ୍ତି)ର ପ୍ରଥମ ଦିନ, ଶିଖ୍ ଧର୍ମର ଦଶମ ଗୁରୁ ଶ୍ରୀ ଶ୍ରୀଗୁରୁ ଗୋବିନ୍ଦ ସିଂହଜୀ, ଔପଚାରିକ ଭାବେ ସନ୍ଥ ସିପାହୀଙ୍କୁ ଅମୃତ ପାନ ଦ୍ୱାରା (ଦୀକ୍ଷିତ କରାଇ) ସଂସାରରେ ପରିଚିତ କରାଇଥିଲେ(ଅମୃତ ପାନ / ସଞ୍ଚାର) । ସମସ୍ତ ଶିଖ୍ ସନ୍ଥ ସିପାହୀଙ୍କୁ ଗୋଟିଏ ପରିବାରରେ ରୂପାନ୍ତରିତ କରି, ଖାଲ୍‌ସା ପନ୍ଥ ଭାବେ ବିଶ୍ୱକୁ ପରିଚୟ କରାଇଲେ । ବୈଶାଖି ଦିନ ଗୁରୁଜୀ ଶିଖ୍ ସମୂହଙ୍କୁ ଆନନ୍ଦପୁର (ପଞ୍ଜାବ) ଠାରେ ଏକତ୍ରିତ ହେବା ପାଇଁ ଅନୁରୋଧ କରିଥିଲେ । ଶିଖ୍ ପରମ୍ପରା ଅନୁଯାୟୀ, ସ୍ୱେଚ୍ଛାକୃତ ଭାବେ କିଏ ପ୍ରସ୍ତୁତ ଅଛନ୍ତି, ଯିଏ କି ପ୍ରଭୁଙ୍କ ପ୍ରତି ନିଜ ଜୀବନ ସମର୍ପିତ କରିବା ପାଇଁ ପ୍ରସ୍ତୁତ ସେ ଏହି ତମ୍ବୁ ଭିତରକୁ ଆସ । ପ୍ରଥମେ ଜଣେ ଆସିଲେ ଗରୁଜୀ ତାଙ୍କୁ ତମ୍ବୁ ଭିତରକୁ ନେଲେ । ଗୁରଜୀ ତମ୍ବୁ ଭିତରୁ ଏକା ଫେରି ଆସିଲେ ଓ ରକ୍ତାକ୍ତ ତରବାରୀ ହାତରେ ଧରି ଶୀଖ୍ ସମୂହଙ୍କ ମଧ୍ୟରେ ପ୍ରକଟ ହେଲେ । ପୁଣି ଅନ୍ୟ ଜଣେ ସ୍ୱେଚ୍ଛାକୃତ ପ୍ରଭୁ ସମର୍ପିତ ବିଶ୍ୱସ୍ତଙ୍କୁ ଆହ୍ୱାନ ଦେଲେ ଓ ପୁଣି ସେହିପରି ପୁନରାବୃତ୍ତି କରି ରକ୍ତାକ୍ତ ତରବାରୀ ସହ ଭକ୍ତଙ୍କ ସମ୍ମୁଖରେ ପ୍ରକଟ ହେଲେ । ଏହିପରି ଭାବେ ୫ ଜଣଙ୍କୁ ଆହ୍ୱାନ ଦେଲେ, ଶିଖ୍ ଭକ୍ତ ସମୁହ ତାହା ଦେଖି ସ୍ତବ୍ଧ ହେଲେ ଓ କେତେଜଣ ଭୟଭୀତ ହେଲେ । ସ୍ୱଇଚ୍ଛାରେ ଗୁରୁଜୀଙ୍କ ଆଦେଶକୁ ପାଳନ କରିଥିବା ୫ ଜଣ ଆଜ୍ଞାକାରୀ ଓ ନିଜ ଜୀବନକୁ ସମର୍ପିତ କରିଥିବା ଗୁରୁପ୍ରେମୀମାନଙ୍କୁ ଗୁରୁଜୀ ସୁରକ୍ଷିତ ଭାବେ ମଞ୍ଚରେ ଉପସ୍ଥାପନା କରିଥିଲେ । ସେମାନଙ୍କୁ ଗୁରୁଜୀ 'ପଞ୍ଚପ୍ୟାରା' ତଥା ପ୍ରଥମ ଖାଲ୍‌ସା ଭାବେ ଶିଖ୍ ପରମ୍ପରାର 'ଖାଲସା ପନ୍ଥର' ମୂଳଦୁଆ ସ୍ଥାପନ କରିଲେ । ସେମାନଙ୍କୁ ମନ୍ତ୍ର ଉଚ୍ଚାରିତ



ଅମୃତ ଦ୍ୱାରା ଦୀକ୍ଷିତ ତଥା ଅଭିମନ୍ତ୍ରିତ କରାଇ 'ଖାଲସା'(ଶୁଦ୍ଧ ପୁରୁଷ) ନାମରେ ସମ୍ବୋଧନ କରିଲେ ଓ ସେହି ପାଞ୍ଚଜଣ (ପଞ୍ଚପ୍ୟାରା)ଙ୍କ ଠାରୁ ସ୍ୱୟଂ ଅଭିମନ୍ତ୍ରିତ ଅମୃତ ପାନ କରି 'ଖାଲ୍‌ସା' ଭାବରେ ପରିଚିତ ହେଲେ । ସେହି କାରଣରୁ ସେ ସ୍ୱୟଂ ଗୁରୁ ଓ ଚେଲା ଭାବେ ପରିଚିତ ହେଲେ(ଆପେ ଗୁରୁ ଆପେ ଚେଲା) । ସେହି ପଞ୍ଚପ୍ୟାରାଙ୍କ ମଧ୍ୟରେ ଭାଇ ହିମ୍ମତ ସିଂହଜୀ ପୁରୀ ନିବାସୀ (ଓଡ଼ିଶା)ର ପ୍ରଥମ ଖାଲ୍‌ସା ଥିଲେ । ଶିଖ୍ ଇତିହାସରେ ସେଥିପାଇଁ ଓଡ଼ିଶାର ନାମ ପ୍ରସିଦ୍ଧ ହୋଇ ରହିଲା । ପ୍ରତ୍ୟେକ ଖାଲ୍‌ସା ଗୁରୁଜୀଙ୍କ ନିର୍ଦ୍ଦେଶ ଅନୁସାରେ ୫ଟି 'କ'ର ଧାରଣ କରିବା ପାଇଁ ଉପଦେଶ ଦେଇଥିଲେ । (୧) କେଶ ଅପରିବର୍ତ୍ତିତ ରହିବ(କଟାଯିବ ନାହିଁ), (୨) କଂଘା(ପାନିଆ), (୩) କଡ଼ା(ଲୁହା କଙ୍କଣ), (୪) କଛେରା (ଧଳା ଅର୍ନ୍ତବାସ) ଓ (୫) କୃପାଣ(ଛୋଟ ବଙ୍କା ତରବାରୀ) । ଖାଲ୍‌ସା ଉପାଧି ସମସ୍ତ ସଂସାରକୁ ଏହି ସନ୍ଦେଶ ଦିଏ କି, ଶରୀର ଓ ଆତ୍ମା ସୁଚାରୁ ରୂପେ ବିଶ୍ୱନିୟନ୍ତାଙ୍କ ଦ୍ୱାରା ପରିଚାଳିତ ହୁଏ । ସୃଷ୍ଟିକର୍ତ୍ତାଙ୍କ ନିକଟରେ ସମ୍ପୂର୍ଣ୍ଣ ଭାବେ ସମର୍ପିତ ଓ ଆଦେଶକୁ ପାଳନ କରିବା ଖାଲ୍‌ସାର କର୍ତ୍ତବ୍ୟ ଅଟେ । କୌଣସି ରାଜା କିମ୍ବା ଶାସକଙ୍କ ସମ୍ମୁଖରେ ନତମସ୍ତକ ହେବା ନୁହେଁ । ଏହି ପନ୍ଥର ସିଦ୍ଧାନ୍ତ ଅଟେ କି କେବଳ ଏକ ସଂସାର ଓ ଏକ ଜାତି, ଧର୍ମ, ବର୍ଣ୍ଣ, ରୂପ, ରଙ୍ଗ, ରାଜା ରଙ୍କ ସମସ୍ତେ ପ୍ରଭୁଙ୍କ ରଚିତ ଗୋଟିଏ ପରିବାର ଅଟେ । ଗୁରଜୀ ପ୍ରଥମେ ଖାଲ୍‌ସା ବା ପଞ୍ଚପ୍ୟାରା ମାନଙ୍କୁ ଆଲିଙ୍ଗନ କରିଲେ ଓ ସେମାନଙ୍କୁ ରୂପାନ୍ତରିତ କରାଇ ଏହି ନୂତନ ନାମରେ ସମ୍ବୋଧିତ କରିଲେ । ସେମାନେ ହେଲେ (୧) ଭାଇ ଦୟାସିଂହ ଜୀ, (୨) ଭାଇ ଧରମ ସିଂହଜୀ, (୩) ଭାଇ ହିମ୍ମତ ସିଂହଜୀ, (୪) ଭାଇ ମୋହକମ୍ ସିଂହଜୀ ଓ (୫) ଭାଇ ସାହିବ୍ ସିଂହଜୀ । ଏଇ ପଞ୍ଚପ୍ୟାରାଙ୍କୁ ଗୁରୁଜୀ ଗେରୁଆ ବସ୍ତ୍ର ତଥା କମର ବନ୍ଧା କପଡ଼ା ଦ୍ୱାରା ଖାଲ୍‌ସା ଭାବରେ ଚିହ୍ନଟ କରାଇଥିଲେ । ଏହି ପବିତ୍ର ବିଶେଷ ଉତ୍ସବ 'ପାହୁଲ' ଭାବେ ନାମିତ ଅଟେ । ଯାହା ଶିଖ୍‌ମାନେ ଏହି ଉତ୍ସବରେ ଅମୃତ ସଞ୍ଚାର ଦ୍ୱାରା ମନ୍ତ୍ରିତ ତଥା ଦୀକ୍ଷିତ ହୁଅନ୍ତି । ଗୁରୁଜୀ ଏହି ପାଞ୍ଚଜଣଙ୍କୁ ଦୀକ୍ଷିତ କରାଇଥିଲେ । ଗୁରୁଜୀ କହିଥିଲେ, ଯେଉଁଠି 'ପଞ୍ଚପ୍ୟାରା' ସେଠାରେ ମୁଁ ସ୍ୱୟଂ ପ୍ରକଟ ଅଟେ, ସେମାନେ ଯେଉଁଠି ଏକତ୍ରିତ ହୁଅନ୍ତି ସେମାନେ ସ୍ୱୟଂ ପବିତ୍ରରୁ ଅତି ପବିତ୍ର ହୋଇଯାଆନ୍ତି । ଏହି ସିଦ୍ଧାନ୍ତ ସହ ଖାଲସା ପନ୍ଥ ସ୍ଥାପନା ହୋଇଥିଲା । ଏହି ଆଦେଶ 'ଶୁଦ୍ଧ ଓ ପବିତ୍ର' (ଖାଲ୍‌ସା ପନ୍ଥର ଜନ୍ମଦିନ) ଭାବେ ପାଳନ କରାଗଲା । ସମଗ୍ର ବିଶ୍ୱରେ ଏହି ଧାର୍ମିକ ବିଶେଷ ପବିତ୍ର ଉତ୍ସବକୁ ଏପ୍ରିଲ୍ ମାସର ୧୩ କିମ୍ବା ୧୪ ତାରିଖ ଦିନ ଛୁଟି ସହ ପାଳନ କରାଯାଏ ।




2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Saturday April 13, 2024 | ଭୁବନେଶ୍ୱର ଶନିବାର, ଅପ୍ରେଲ ୧୩,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ରକ୍ଷଣାବେକ୍ଷଣ ଅଭାବରୁ ଗ୍ରାମାଞ୍ଚଳରେ କାର୍ଯ୍ୟରେ ଆସୁନି ବିଜୁଳିବତୀ

ଜେନାପୁର,(ପି.ଏନ୍): ରାତ୍ରିର ଆଗମନରେ ଅନ୍ଧକାର କୁ ଦୂର କରିବା ପାଇଁ ସରକାର ପ୍ରତି ପଞ୍ଚାୟତରେ ବିଭିନ୍ନ ବିଜୁଳିବତୀର ବ୍ୟବସ୍ଥା କରାଯାଇଥିବା ବେଳେ ତାହା ଏବେ ଅନ୍ଧକାରରେ ପରିଣତ ହୋଇଛି । ଯାହା ଗ୍ରାମଞ୍ଚଳର ଛକ ଓ ପଞ୍ଚାୟତକୁ ସଂଯୋଗ କରୁଥିବା ମଧମ ସ୍ଥାନରେ ଖୁଣ୍ଟ ମାନଙ୍କରେ ଝୁଲୁଥିବା ସହ ଆଲୋକରେ ରାସ୍ତାଘାଟକୁ ଉଜ୍ୱଳ କରିଥାଏ । ଆଧୁନିକତାକୁ ତାଳ ଦେଇ ଛକଛକରେ ବିଜୁଳି ଖୁଣ୍ଟରେ ସ୍ୱୟଂଚାଳିତ ଏଲ୍ ?ଇଡି ଲାଇଟ୍ ଲଗାଯାଇଛି। ଏହାଦ୍ୱାରା ଗ୍ରାମାଞ୍ଚଳରୁ ଅନ୍ଧକାରରୁ ଦୂରଭୂତ ହୋଇପାରିଛି। ଅନ୍ଧକାରକୁ ଦୂରେଇବା ପାଇଁ ପ୍ରତ୍ୟେକ ଛକ ଓ ଗ୍ରାମ ରାସ୍ତାକୁ ସଂଯୋଗ କରୁଥିବା ସ୍ଥାନରେ ବିଜୁଳିବତୀ ଲଗାଯାଇଥାଏ । କିନ୍ତୁ ବାସ୍ତବ କ୍ଷେତ୍ରରେ ଦେଖିବାକୁ ଗଲେ ରକ୍ଷଣାବେକ୍ଷଣ ଅଭାବରୁ ଏହି ଯୋଜନା ଅଧିକାଂଶ ସ୍ଥାନରେ ଫେଲ୍ ମାରିଛି । ବିଦ୍ୟୁତ୍ ଖୁଣ୍ଟରେ ଝୁଲୁଥିବା ଲାଇଟ୍ କାଁ ଭାଁ ଜଳୁଛି ବାକି ଅଧିକାଂଶ ସମୟରେ ଅଚଳ ହୋଇପଡ଼ିଛି। ଆଉ ସ୍ଥାନେସ୍ଥାନେ ଦିନରାତି ଜଳୁଥିବା ବେଳେ ବିଜୁଳି ଅପବ୍ୟୟ ହେଉଥିବା ଦେଖିବାକୁ ମିଳୁଛି। ଯାହାକୁ ନେଇ ଅଭିଯୋଗ ହେଉଛି। ହେଲେ ବିଭାଗୀୟ କର୍ମଚାରୀ ଏଥିପ୍ରତି କର୍ଣ୍ଣପାତ



କରୁନଥିବା ଭଳି ଦୃଶ୍ୟ ଧର୍ମଶାଳା ବ୍ଲକ୍ ଅଞ୍ଚଳରେ ଦେଖିବାକୁ ମିଳୁଛି । ଧର୍ମଶାଳା ବ୍ଲକ୍ ?ର ଏଣ୍ଡଲବା, ରେଖିଦେଇପୁର, ତାଳଜଙ୍ଗ, ରାଇଛନ୍ଦା, କବାଟବନ୍ଧ, ଚକ୍ରଧରପୁର, ଅଞ୍ଜିରା, ମଧୁସୂଦନପୁର, ମର୍ଜିତାପୁର, ବୃନ୍ଦାଦେଇପୁର, ଜେନାପୁର ଆଦି ପଞ୍ଚାୟତର ସମସ୍ତ ଗ୍ରାମରେ ସରକାରଙ୍କ ପକ୍ଷରୁ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ସୟଂ ଚାଳିତ ଏହି ଲାଇଟ୍ ଗୁଡ଼ିକ ଅନ୍ଧାର ହେଲେ ଆପେ ଆପେ ଜଳିବା ସହିତ ସକାଳ ହେଲେ ଆପେ ଆପେ ବନ୍ଦ ହୋଇଯାଇଥାଏ । କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଅଧିକାଂଶ ବିଦ୍ୟୁତ୍ ? ଖୁଣ୍ଟରେ ଲାଗିଥିବା ଲାଇଟ୍ ଅଚଳାବସ୍ଥାରେ ପଡ଼ିରହିଛି। ଆଂଶିକ କେଉଁଠି ଜଳୁଛି ତ କିଛି କିଛି ସ୍ଥାନରେ ଏହା ଦିନରାତି ଜଳୁଥିବା ଦେଖିବାକୁ ମିଳୁଛି । ଏହା ଦ୍ୱାରା ବିଦ୍ୟୁତ୍ ଅପଚୟ ହେଉଛି। ଏହାକୁ ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ କେହି ଏଥିପ୍ରତି ତିଳେ ହେଲେ ଦୃଷ୍ଟି ଦେଉନାହାନ୍ତି । ଏବେ ଗ୍ରୀଷ୍ମ ଋତୁର ପ୍ରବଳ ମାତ୍ରାରେ ଗରମ ଗୁଳୁଗୁଳି ପ୍ରବାହିତ ହୋଇଥିବାରୁ ସନ୍ଧ୍ୟା ହେଲେ ଘର ଭିତରେ ରହିବା କଷ୍ଟକର ହୋଇପଡୁଛି । ତେଣୁ ସାଧାରଣତଃ ଲୋକମାନେ ଗାଁ ଦାଣ୍ଡରେ ବସାଉଠା କରିଥାନ୍ତି। ଏହି ସମୟରେ ବିଷଧର ସରୀସୃପ ମଧ ଗରମ ସହିନପାରି ବାହାରେ ବୁଲିଥାନ୍ତି। ଅଚଳ ଲାଇଟ୍ ଯୋଗୁଁ ବହୁ ଲୋକ ବିଷଧର ସରିସୃପ,ବିଛାଙ୍କ ଦଂଶନର ଶିକାର ହେଉଛନ୍ତି । ଯାହାକୁ ନେଇ ଗ୍ରାମାଞ୍ଚଳର ଲୋକଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଉଛି। ତେଣୁ ବିଭାଗ ପକ୍ଷରୁ ତୁରନ୍ତ ଅଚଳ ଲାଇଟ୍ ଗୁଡ଼ିକ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି।

## ପାରାଦ୍ୱୀପ କଲେଜ୍ ରାଜନୀତି ବିଜ୍ଞାନର ଛାତ୍ର ଛାତ୍ରୀ ଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର,(ପି.ଏନ): ପାରାଦ୍ୱୀପ କଲେଜ୍ ର ରାଜନୀତି ବିଜ୍ଞାନ ବିଭାଗ ରେ ଆୟୋଜିତ ହୋଇଥିବା , ଏହି ସଭାରେ ରାଜନୀତି ବିଜ୍ଞାନ ବିଭାଗର ତୃତୀୟ ବର୍ଷର ଛାତ୍ର ଛାତ୍ରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆ ଯାଇଥିଲା, ଏହି ଅବସରରେ ବିଭାଗ ର ଶେଷ ବର୍ଷର ଛାତ୍ର ଛାତ୍ରୀ ମାନେ ନିଜ କଲେଜ ର ତିନି ବର୍ଷର ଅନୁଭୁତି ବଖାଣି ଥିଲେ, ବିଭାଗର ଅଧାପିକା ମାନେ ଛାତ୍ର ଛାତ୍ରୀ ମାନଙ୍କର୍ ଉଜଲ୍ୱ ଭବିଷ୍ୟତ କାମନା କରିଥିଲେ, ବିଭାଗର ପ୍ରଥମ ଏବଂ ଦ୍ୱିତୀୟ ବର୍ଷର ଛାତ୍ର ଛାତ୍ରୀ ମାନେ ଏହି ସଭାରେ ସହଯୋଗ କରିଥିଲେ।



କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ ଛୋଟରାୟଙ୍କ ଏକାଦଶାହରେ ଉପସ୍ଥିତ ଥିଲେ ପୂର୍ବତନ ଜିଲ୍ଲା ପରିଷଦ ଦୁଶାସନ ସ୍ୱାଇଁ ଓ ତାଙ୍କ ପରିବାର ବର୍ଗ

## ପଲ୍ଲୀପ୍ରଗତି ଯୁବକ ସଙ୍ଘ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡାର ପଲ୍ଲୀ ପ୍ରଗତି ଯୁବକ ସଂଘ ପକ୍ଷରୁ ବଛରାଇ ଗ୍ରାମରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାର୍ଶାଘାଇ ବ୍ଲକର ବଛରାଇ ଗ୍ରାମରେ ପଲ୍ଲୀ ପ୍ରଗତି ଯୁବକ ସଂଘର ଯୁବ ସମାଜ ପକ୍ଷରୁ ଏହି ସଫେଇ କାର୍ଯ୍ୟକ୍ରମ କରାଯାଇଛି । ୧୯୮୫ ମସିହାରେ ସ୍ଥାପିତ ଏହି ଯୁବକ ସଂଘ ଗ୍ରାମର ଉନ୍ନତିମୂଳକ କାର୍ଯ୍ୟରେ ସହଯୋଗ କରିବା ସହ ସଫେଇ ଅଭିଯାନ ଭଳି କାର୍ଯ୍ୟକ୍ରମ ହାତକୁ ନେଇ ଜନ ସଚେତନତା ସୃଷ୍ଟି କରିଆସୁଛି। ଏହି



କ୍ରମରେ ସଂଘର ସଭାପତି ଟୁକୁନା ବିଶ୍ୱାଳଙ୍କ ନେତୃତ୍ୱରେ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ଚତୁଃପାର୍ଶ୍ୱର ସଫେଇ କାର୍ଯ୍ୟକ୍ରମ କରାଯାଇଛି । ଦୀର୍ଘ ଦିନ ଧରି ସଫେଇ ହୋଇନଥିବାରୁ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ଅନାବନା ଗଛଲତା ବୃଦ୍ଧି ପାଇବା ସହ ଜୀବଜନ୍ତୁଙ୍କ ଆଶ୍ରୟ ସ୍ଥଳି ପାଲଟିଥିଲା। ତେଣୁ ଗ୍ରୀଷ୍ମ ଋତୁର ପ୍ରବାହକୁ ନଜରରେ ରଖି ଏହାକୁ ସଫା କରାଯାଇଛି । ଏହି କାର୍ଯ୍ୟକ୍ରମରେ ସଂଘର ସଦସ୍ୟ ମୁନା, ମନୋଜ, ମୁନୁ, ବବୁଲ, ରାଜୁ, ରାଜା, ଚିକୁ, ଚୁଗୁଲୁ ପ୍ରମୁଖ ସହଯୋଗର ହାତ ବଢ଼ାଇଥିଲେ ।

## ନିମଖଣ୍ଡିରେ ବିଜେଡ଼ିର ବୁଥ ସ୍ତରୀୟ କର୍ମୀ ସମ୍ମିଳନୀ

କୁକୁଡ଼ାଖଣ୍ଡି(ଇପିଲି ପୂର୍ଣ୍ଣଚନ୍ଦ୍ର), (ପି.ଏନ) : ଶୁକ୍ରବାର ଦିନ ଅପରାହ୍ନ ସମୟ ରେ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁକୁଡାଖଣ୍ଡି ବ୍ଲକ ନିମଖଣ୍ଡି ଗ୍ରାମପଞ୍ଚାୟତ ରେ ଗୋପାଳପୁର ବିଜେଡ଼ି ବିଧାୟକ ପ୍ରାର୍ଥୀ ତଥା ବ୍ରହ୍ମପୁର ବିଧାୟକ ଶ୍ରୀ ବିକ୍ରମ କୁମାର ପଣ୍ଡା ଙ୍କ ନେତୃତ୍ୱରେ ସାଧାରଣ ଲୋକ ମାନଙ୍କୁ ସାଙ୍ଗରେ ନେଇ ନିମଖଣ୍ଡି ଗ୍ରାମ ପଞ୍ଚାୟତରେ ଆୟୋଜିତ ବୁଥ ସ୍ତରୀୟ କର୍ମୀ ସମ୍ମିଳନୀ ତଥା ନିର୍ବାଚନୀ ସଭାରେ ଉପସ୍ଥିତ ଜନସାଧାରଣଙ୍କୁ ଭୋଟ ଭିକ୍ଷା କରି, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଣୋଦିତ ସମସ୍ତ ଜନ କଲ୍ୟାଣକାରୀ ଯୋଜନା ଗୁଡିକ ବିଷୟରେ ଜଣାଇ ସେଗୁଡ଼ିକର ଲାଭ ଉଠାଇବା ପାଇଁ ପ୍ରବର୍ତ୍ତାଇ ଥିଲେ ଏବଂ ଆଗାମୀ ସଧାରଣ ନିର୍ବାଚନରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନିମନ୍ତେ "ଶଙ୍ଖ ଚିହ୍ନରେ ଦୁଇ ଥର ସୁଇଚ୍ ଟିପି.." ବ୍ରହ୍ମପୁର ଲୋକସଭା ତଥା ଗୋପାଳପୁର ନିର୍ବାଚନ ମଣ୍ଡଳୀ ବିଜେଡି ବିଧାନସଭା ପ୍ରାର୍ଥୀଙ୍କୁ ଏକ ଦୃଷ୍ଟାନ୍ତକାରୀ ଭୋଟରେ ଜୟଯୁକ୍ତ କରାଇ। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର ପାଇଁ ପୁଣି ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ କରି ଇତିହାସ ସୃଷ୍ଟି କରିବା ପାଇଁ ଆବାଳ ବୃଦ୍ଧବନିତାଙ୍କୁ ବିନମ୍ରତା ପୂର୍ବକ ଶ୍ରୀ ପଣ୍ଡା ଅନୁରୋଧ କରିଥିଲେ। ଏହି ବୁଥ ସ୍ତରୀୟ ପଞ୍ଚାୟତ କାର୍ଯ୍ୟକ୍ରମ ରେ ବିଧାୟକ ପ୍ରାର୍ଥୀ ଙ୍କ ସମେତ କୁକୁଡାଖଣ୍ଡି ବ୍ଲକ ଅଧକ୍ଷ କାମାକ୍ଷ ପ୍ରସାଦ ପାତ୍ର, ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ, ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ ଓ ବିଭିନ୍ନ ପଞ୍ଚାୟତ ରୁ ଆସିଥିବା ସରପଞ୍ଚ ଓ ସମିତି ସଭ୍ୟ ଙ୍କ ସହ ବହୁ ବିଜେଡି କର୍ମୀ ଉପସ୍ଥିତ ରହିଆସିଥିଲେ।

## ନରେନ୍ଦ୍ର ମୋଦୀଙ୍କ ବିଗତ ୧୦ବର୍ଷ ଶାସନକାଳ ବିଷକାଳ:କଂଗ୍ରେସ

ଭୁବନେଶ୍ୱର,(ପି.ଏନ): ଭାରତୀୟ ଜନତାପାର୍ଟି ବିଶେଷ କରି ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଶାସନକାଳକୁ ଅମୃତକାଳ ଏବଂ ତାଙ୍କ ସମୟରେ ଭାରତବର୍ଷ ଆଜି ସବୁ କ୍ଷେତ୍ରରେ ବହୁ ପ୍ରଗତୀ କରିଛି ବୋଲି ବାରମ୍ବାର ଦାବି କରିଆସୁଛନ୍ତି। କିନ୍ତୁ ପ୍ରକୃତ ସତ୍ୟକଥା ହେଉଛି ଏହି ଦଶବର୍ଷ ଭିତରେ ଭାରତ ବର୍ଷ ବିଭିନ୍ନ କ୍ଷେତ୍ରରେ ବିଶ୍ୱର ଅନ୍ୟଦେଶ ତୁଳନାରେ ବହୁ ପଛକୁ ଠେଲିହୋଇଯାଇଛି। ମୋଦୀଙ୍କ ଶାସନ କାଳରେ ମାତ୍ର କତିପୟ ବ୍ୟବସାୟୀ ଏବଂ ଶିଳ୍ପ ଉଦ୍ୟୋଗୀମାନେ ପ୍ରଚୁର ଲାଭବାନ ହୋଇଥିଲା ବେଳେ ଭାରତବର୍ଷର ଯୁବକ ଯୁବତୀଙ୍କ ଠାରୁ ଆରମ୍ଭ କରି କୃଷକ ଏବଂ ଶ୍ରମିକ ପର୍ଯ୍ୟନ୍ତ ସମସ୍ତେ ଆଜି ଅଧିକ ମାତ୍ରାରେ ଶୋଷିତ ହୋଇଛନ୍ତି। ବିଭିନ୍ନ ସୂଚଙ୍କାକକୁ ଅନୁଧାନ କଲେ ମୋଦୀଙ୍କର ଏହି ଦଶବର୍ଷ ଶାସନକାଳ ପ୍ରକୃତରେ ଅମୃତକାଳ ନା ବିଷକାଳ ତାହା ଦେଶବାସୀ ଜାଣିପାରିବେ ବୋଲି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି ସାମ୍ବାଦିକ ମାନଙ୍କୁ ସମ୍ବୋଧିତ କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରି କହିଥିଲେ ଯେ ମୋଦୀଙ୍କର ଏହି ଦଶବର୍ଷ ଶାସନକାଳ ପ୍ରକୃତରେ ଭାରତବାସୀଙ୍କ ପାଇଁ ବିଷକାଳ। ଶ୍ରୀ ମହାନ୍ତି କହିଥିଲେ ଯେ ୨୦୧୪ ମସିହାରେ ଭାରତର ସ୍ଥାନ ବିଶ୍ୱ କ୍ଷୁଧା ସୂଚକାଙ୍କ ଅନୁସାରେ ୫୫ ଥିଲାବେଳେ ୨୦୨୩ ରେ ୧୧୭ ସ୍ଥାନକୁ, ମାନବ ସମ୍ବଳ କ୍ଷେତ୍ରରେ ୧୦୦ ନମ୍ବର ସ୍ଥାନରୁ ୧୧୬, ମାନବ ସ୍ୱାଧୀନତା ସୂଚକାଙ୍କ ୧୦୬ ସ୍ଥାନରୁ ୧୧୯, ଲିଙ୍ଗ ସମାନତା ୧୧୪ ସ୍ଥାନରୁ ୧୨୭, ମାନବ ବିକାଶ କ୍ଷେତ୍ରରେ ୧୩୦ ସ୍ଥାନରୁ ୧୩୨ ଏବଂ ପ୍ରେସ ସ୍ୱାଧୀନତା କ୍ଷେତ୍ରରେ ୧୪୧ ସ୍ଥାନରୁ ସ୍ଥାନରୁ ୧୬୧ ସ୍ଥାନକୁ ଆଜି ଖସିଆସିଛି। ଏହି ସୂଚକାଙ୍କ ଅନୁସାରେ ଭାରତବର୍ଷ ସବୁ କ୍ଷେତ୍ରରେ ପଛକୁ ଠେଲି ହୋଇ ଯାଇଛି। ଏପରିକି ଏହି ୧୦ ବର୍ଷ ଭିତରେ ଭାରତ ବର୍ଷରେ ଦୁଇଗୁଣାରୁ ଅଧିକ କ୍ଷୁଧାରେ ପୀଡ଼ିତ ଲୋକ ଆଜି ଖାଦ୍ୟ ପାଉନାହାନ୍ତି। ଏପରିକି ୧୦ ବର୍ଷ ଭିତରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ପ୍ରେସର ସ୍ୱାଧୀନତାକୁ




ସଂପୂର୍ଣ୍ଣ ରୂପେ ସଂକୁଚିତ କରାଯାଇଛି। ଗଣମାଧ୍ୟମ ସତ୍ୟ ଘଟଣାକୁ ଲୋକଲୋଚନକୁ ଆଣିବାପାଇଁ ବାଧା ସୃଷ୍ଟି କରିବା ସହିତ ଦେଶର ମାନବ ସମ୍ବଳ ବିକାଶ ଓ ଲିଙ୍ଗଗତ ସମାନତା ଆଣିବାପାଇଁ ସରକାର ଏହି ୧୦ ବର୍ଷ ଭିତରେ କୌଣସି ଠୋସ ପଦକ୍ଷେପ ନେଇନାହାନ୍ତି ବୋଲି ଏଥିରୁ ସ୍ପଷ୍ଟ ପ୍ରମାଣିତ। ୨୦୩୦ ମସିହା ସୁଦ୍ଧା ଭାରତବର୍ଷକୁ କ୍ଷୁଧାମୁକ୍ତ କରିବାପାଇଁ ଯେଉଁ ପ୍ରତିଶ୍ରୁତି ଦେଇଛନ୍ତି ତାହା ପୂରଣ ହୋଇପାରିବ ତ? ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ୩୩ ଟି ସୈନିକ ସ୍କୁଲକୁ ମୋଦୀ ସରକାର ଘରୋଇ ଭାଗୀଦାରିରେ ପିପିପି ମୋଡରେ ଚଲାଇବାପାଇଁ ନିଷ୍ପତି ନେଇସାରିଛନ୍ତି। ଏଥିମଧ୍ୟରୁ ଅଧିକାଂଶ ସ୍କୁଲକୁ ଆରଏସଏସ ଏବଂ ବିଜେପିର ପ୍ରମୁଖ ନେତୃବୃନ୍ଦମାନେ ଚଲାଇବାପାଇଁ ଚୁକ୍ତି କରିଛନ୍ତି। ଏ ହେଉଛି ମୋଦୀଙ୍କର ଦେଶପ୍ରୀତିର ବଡ଼ ଉଦାହାରଣ। ସୈନିକ ସ୍କୁଲକୁ ମୋଦୀ ସ୍କୁଲ ବା ଆରଏସଏ ସ୍କୁଲ କରିବାରେ ସଫଳ ହୋଇଛନ୍ତି। ସୈନିକ ସ୍କୁଲରୁ ଉତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଭାରତୀୟ ନୌସେନା, ସ୍ଥଳସେନା ଓ ବାୟୁସେନାରେ ଯୋଗଦାନ କରୁଥିଲେ। ଠିକ ସେହିଭଳି ଭାବରେ କୃଷକଙ୍କୁ ଉତ୍ପାଦିତ ଦ୍ରବ୍ୟର ଖର୍ଚ୍ଚ ବାଦ ୫୦ ପ୍ରତିଶତ ଅଧିକ ଦାମ ଦେବା ତଥା ଉତ୍ପାଦିତ ଦ୍ରବ୍ୟକୁ ଏମଏସପି ମାଧ୍ୟମରେ ଖରିଦ କରିବାର ପ୍ରତିଶ୍ରୁତି ଦେଇଥିବା ମୋଦୀ ସରକାର ତାହା ଆଜି ପାଳନ ହେଉନାହିଁ କାହିଁକି ? ସବୁଠାରୁ ଦୁଃଖର କଥା ୨୦୨୨-୨୩ ବର୍ଷରେ ଦେଶରେ ୧୧୦୫.୫୪ ଲକ୍ଷ ଟନ ଗହମ ଉତ୍ପାଦନ ହୋଇଥିଲା ବେଳେ କେନ୍ଦ୍ର ସରକାର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ଦେଇ ମାତ୍ର ୧୮୮ ଲକ୍ଷ ଟନ ଗହମ ଖରିଦ କଲେ ବାକିତକ ଗହମ ଚାଷୀମାନେ କମ ଦାମରେ ବଜାରରେ ବିକିବାକୁ ବାଧହେଲେ। ଏପରିକି ଖରିଦ ହୋଇଥିବା ଗହମ ଉତ୍ପାଦିତ ହୋଇଥିବା ଗହମର ମାତ୍ର ୧୭%। ଠିକ ସେହିଭଳି ସମସ୍ତ ତୈଳଜାତ ଶସ୍ୟ ଯଥା ସୂର୍ଯ୍ୟମୁଖୀ, ସୋରିଶ, ବାଦାମ ଏବଂ ରାଶି ୩୭୬ଲକ୍ଷ ଟନ ଉତ୍ପାଦନ ହୋଇଥିଲା କିନ୍ତୁ ସେଥିରୁ ମାତ୍ର ୪୮ ହଜାର ଟନ ଯାହାକି .୧୩ % ଏମଏସପି ଜରିଆରେ ସରକାର ଖରିଦ କରିଥିଲେ। ଏଥିରୁ ସ୍ପଷ୍ଟ ବୁଝାପଡୁଛି କେନ୍ଦ୍ର ସରକାର ଦେଶର କୃଷକମାନଙ୍କୁ ଏମଏସପି ଦେବାକୁ ଚାହୁଁନାହାନ୍ତି। ଏହି ୧୦ ବର୍ଷ ଭିତରେ ଏ ସରକାର କୃଷକ ମାନଙ୍କର ଆୟ ବୃଦ୍ଧି ଘଟୁ ବୋଲି ସରକାର ଚାହାନ୍ତି ନାହିଁ ବୋଲି ଏଥିରୁ ପ୍ରମାଣିତ। ଏ ସରକାରର କଥା ଗୋଟେ କାମ ଗୋଟେ। ଦେଶର ଯୁବକମାନଙ୍କର ସ୍ଥିତି ଅତ୍ୟନ୍ତ ସଂଗୀନ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଆର୍ନ୍ତଜାର୍ତିକ ଶ୍ରମିକ ସଂଗଠନର ତଥ୍ୟ ଅନୁସାରେ ପ୍ରତିବର୍ଷ ୭୦ରୁ ୮୦ଲକ୍ଷ ଯୁବକ ଏବଂ ଯୁବତୀମାନେ କାମ କରିବାପାଇଁ ବାହାରୁଛନ୍ତି। କିନ୍ତୁ ସେମାନଙ୍କୁ କୌଣସି ପ୍ରକାରର କର୍ମ ଯୋଗାଇ ଦିଆଯାଇ ପାରୁନାହିଁ। ଏପରିକି ୨୦୦୬ ରୁ ୨୦୧୪ ମଧ୍ୟରେ ବେକାରୀ ହାର ଦେଶରେ ୫.୩ ରୁ ୫.୪୪ ଥିଲା ବେଳେ ୨୦୧୪ ରୁ ୨୦୨୪ ମଧ୍ୟରେ ଏହା ୮.୩୬ ପ୍ରତିଶତକୁ ବୃଦ୍ଧି ପାଇସାରିଛି। ଏପରିକି ଗ୍ରାମାଂଚଳରେ ବେରୋଜଗାର ସ୍ଥିତି ଅତ୍ୟନ୍ତ ସଂଗୀନ ହେଉଥିଲାବେଳେ ସହରାଂଚଳର ସ୍ଥିତି ମଧ୍ୟ ବହୁ ଚିନ୍ତାଜନକ। ଯୁବକ ମାନଙ୍କୁ ରୋଜଗାର ଦେବା କ୍ଷେତ୍ରରେ ସରକାର କୌଣସି ଠୋସ ପଦକ୍ଷେପ ନେଇନାହାନ୍ତି। ଦେଶର ସବୁଠାରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାନୁଷ୍ଠାନ ୧୨ଟି ଆଇଆଇଟି ଏବଂ ୨୧ଟି ଆଇଆଇଏମ ମଧ୍ୟ ୩୦%ରୁ ଅଧିକ ଛାତ୍ରଛାତ୍ରୀ ମାନଙ୍କୁ ରେଗୁଲାର ପ୍ଲେସମେଂଟ କରିପାରିଲେ ନାହିଁ। ଏପରିକି ୨୦୧୪ ମସିହାରେ ଭାରତ ସରକାରଙ୍କର ଋଣ ୫୫,୮୩,୧୪୯.୩୩ କୋଟି ଥିଲା ବେଳେ ଏବେ ୨୦୨୪ ରେ ଏହା ୨୦୫ ଲକ୍ଷ କୋଟି ଟଙ୍କାରେ ପଂହଚିଛି। ଅର୍ଥାତ ଏହି ୧୦ ବର୍ଷରେ ସରକାର ୧୫୦ ଲକ୍ଷ କୋଟି ଟଙ୍କା ଋଣ କରିଛନ୍ତି। ହାରାହାରି ପ୍ରତିବର୍ଷ ୧୫ଲକ୍ଷ କୋଟି ଟଙ୍କା ଋଣ କରୁଛନ୍ତି। ୭୦ ବର୍ଷରେ ୫୫ ହଜାର କୋଟି ଟଙ୍କା ଏହି ମାତ୍ର ୧୦ ବର୍ଷରେ ୧୫୦ ଲକ୍ଷ କୋଟି ଋଣ କାହିଁକି କରାଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଯଦି ଏହି ୧୦ବର୍ଷ ଭିତରେ ଭାରତର ଅର୍ଥନୀତି ବହୁ ପରିମାଣରେ ବୃଦ୍ଧି ଘଟିଛି ସବୁ କ୍ଷେତ୍ରରେ ବହୁ ବିକାଶ ହୋଇଛି ଏପରିକି ଜିଏସଟିରୁ ଲକ୍ଷ ଲକ୍ଷ କୋଟି ଟଙ୍କା ଆଦାୟ ହେଉଥିଲା ବେଳେ ଏତେ ସବୁ ଋଣ କେଉଁ କ୍ଷେତ୍ରରେ ବିନିଯୋଗ ହୋଇଛି। ଏପରିକି ୨୦ଟି ସେଲ କମ୍ପାନୀମାନେ ୯୭ କୋଟି ଟଙ୍କାରୁ ଅଧିକ ଇଲୋକ୍ଟୋରାଲ ବଣ୍ଡ ଖରିଦ କରିଛନ୍ତି ଏବଂ ଏହିସବୁ ସେଲ କମ୍ପାନୀଗୁଡ଼ିକ ୨୦୧୯ ରୁ ୨୦୨୩ ମଧ୍ୟରେ ରେଜିଷ୍ଟ୍ରେସନ କରାଯାଇଛି। ବିଜେପି ଦଳ ୨୬ କୋଟି ଟଙ୍କା ସେଲ କମ୍ପାନୀ ମାନଙ୍କ ପାଖରୁ ଇଲୋକ୍ଟୋରାଲ ବଣ୍ଡ ମାଧ୍ୟରେ ରାଜନୈତିକ ଚାନ୍ଦା ଆଦାୟ କରିଛି। ବିମୁଦ୍ରିକରଣ ପରେ ସବୁ ସେଲ କମ୍ପାନୀ ବନ୍ଦ ହୋଇଯାଇଥିଲା ବେଳେ ଏ ସବୁ କମ୍ପାନୀ ଆସିଲା କେଉଁଠୁ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray